ଟଙ୍କା ଠାରୁ ସରକାରୀ ଚାକିରି ପାଇବେ ଅଲିମ୍ପିକ୍ସ ପଦକ ବିଜେତା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୯୭ ● ୧୩ ଅଗଷ୍ଟ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-197 ● 13rd August 2024, Tuesday ● Bhubaneswar | Licensed to post without pre-payment of postage No- BN-60/22-24


## ୫ ବର୍ଷ ପରେ ଓଡ଼ିଶାରେ କେହି ଭୂମିହୀନ ରହିବେନି

ଭୁବନେଶ୍ୱର, ୧୨।୮

ନ୍ୟୁଜ୍ ବ୍ୟୁରୋ

ଆଗାମୀ ୫ ବର୍ଷ ପରେ ଓଡ଼ିଶାରେ କେହି ଭୂମିହୀନ ଓ ବାସହୀନ ରହିବେନି। ଗରିବ ଭୂମିହୀନ ଓ ବାସହୀନଙ୍କୁ ଘର ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯିବ। ଏପରିକି ସେହି ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ବିଦ୍ୟୁତ, ପାନୀୟ ଜଳ ଓ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଯୋଗାଇବାର ବ୍ୟବସ୍ଥା କରାଯିବ। ୫ ବର୍ଷରେ ଘରର ପୂର୍ଣ୍ଣାଙ୍ଗ ପ୍ୟାକେଜ ଗରିବ ଲୋକଙ୍କୁ ଯୋଗାଇଦିଆଯିବ। ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି।



ରାଜସ୍ୱ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଗ୍ରାମାଞ୍ଚଳରେ ବର୍ଷ ବର୍ଷ ଧରି ସରକାରୀ ଜାଗାରେ ରହିଥିବା ଭୂମିହୀନ ଗରିବଙ୍କୁ ସରକାରୀ ବ୍ୟବସ୍ଥା ଅନୁସାରେ ୪ ଡିସିମିଲ୍ ଜମି ଯୋଗାଇ ଦିଆଯିବ। ତେବେ ଆପତ୍ତିବିହୀନ ଜାଗାରେ ଥିବା ଭୂମିହୀନଙ୍କୁ ଘର ତିଆରି ପାଇଁ ଜମି ସହ ପଟ୍ଟା ଦିଆଯିବ। ଆପତ୍ତି ରହିଥିବା ଜମିରେ ଥିବା ଭୂମିହୀନଙ୍କୁ ଅନ୍ୟତ୍ର ଜାଗା ଦିଆଯିବ। ଏଥିପାଇଁ ରହିଥିବା ବ୍ୟବସ୍ଥା ଅନୁସାରେ ବାର୍ଷିକ ଏକ ଲକ୍ଷ ଟଙ୍କା ଆୟ ସୀମା ମଧ୍ୟରେ ଥିବା ଭୂମିହୀନଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେଉଁ ଭୂମିହୀନ ଗରିବମାନେ ସରକାରୀ ଜାଗାରେ ଘର କରି ରହୁଥିବେ ସେମାନଙ୍କୁ ଜମିର ପଟ୍ଟା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ ।

ସେହିପରି ସହରାଞ୍ଚଳରେ ବିଭିନ୍ନ ବସ୍ତିରେ ବସବାସ କରୁଥିବା ଭୂମିହୀନଙ୍କ ଚିହ୍ନଟ ପ୍ରକ୍ରିୟା ଚାଲିଛି । ସେମାନଙ୍କୁ ଖୁବ୍‌ଶୀଘ୍ର ଜମିର ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯିବ। ମ୍ୟୁନିସିପାଲିଟି ତରଫରୁ ଦିଆଯାଉଥିବା ସେହି ପ୍ରମାଣପତ୍ରକୁ କେମିତି ରାଜସ୍ୱ ବିଭାଗର ମୋହର ଲାଗିବ, ସେହି ବାବଦରେ ଅନୁଧ୍ୟାନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ଭାରତ ସରକାର ଜଳ ଓ ଜଙ୍ଗଲ ଆଇନର ସଂଶୋଧନ କରିଥିଲେ। ଯେଉଁଥିରେ ଜନଜାତିର ଲୋକଙ୍କୁ ଜଙ୍ଗଲର ଅଧିକାର ଦେଇଥିଲେ। ତେଣୁ ସେମାନଙ୍କୁ ଜଙ୍ଗଲ କିସମ ଜମିର ପଟ୍ଟା ପ୍ରଦାନ କରାଯିବ। ଯେଉଁମାନଙ୍କୁ ପଟ୍ଟା ପ୍ରଦାନ କରାଯିବ, ସେମାନଙ୍କୁ ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ *(ପୃଷ୍ଠା ୭ରେ)*

## ଲୋକସେବା ଭବନଠାରେ 'ହର୍ ଘର୍ ତ୍ରିରଙ୍ଗା ଅଭିଯାନ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୮

ନ୍ୟୁଜ୍ ବ୍ୟୁରୋ

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ 'ହର୍ ଘର୍ ତ୍ରିରଙ୍ଗା ଅଭିଯାନ' କାର୍ଯ୍ୟକ୍ରମର ଶୁଭାରମ୍ଭର କରିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ଏହି ଅଭିଯାନରେ ଦେଶର କୋଣ ଅନୁକୋଣରୁ ପ୍ରତ୍ୟେକ ଭାରତୀୟ ସାମିଲ ହୋଇଛନ୍ତି।

ଏହି କ୍ରମରେ, ସୋମବାର ଲୋକସେବା ଭବନଠାରେ 'ହର୍ ଘର୍ ତ୍ରିରଙ୍ଗା ଅଭିଯାନ'ର କାନ୍‌ଭାସ୍‌ରେ 'ଜୟ ହିନ୍ଦ୍' ନାରା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦସ୍ତଖତ କରିଥିଲେ। ଏହା ସହିତ ଜାତୀୟ ପତାକାକୁ ଲହରାଇ ସମ୍ମାନ ପ୍ରଦର୍ଶନ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଜାତୀୟ ପତାକା ଆମ ପାଇଁ ବହୁ ସମ୍ମାନ ଓ ଗୌରବର ବିଷୟ। ପ୍ରତ୍ୟେକ




ଦେଶବାସୀଙ୍କୁ ଜାତୀୟ ପତାକାର ମହତ୍ତ୍ୱ ବିଷୟରେ ସଚେତନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ, ଏହି ଅଭିଯାନରେ ପ୍ରତ୍ୟେକ ଓଡିଶାବାସୀ ଆଗଭର ହୋଇ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

## ପୁଲିସ-ନକ୍ସଲ ଗୁଳିବିନିମୟ ଜଣେ ନକ୍ସଲ ମୃତ



ମାଲକାନଗିରି, ୧୨।୮

ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲ୍ଲାରେ ପୁଲିସ-ନକ୍ସଲ ମଧ୍ୟରେ ଗୁଳିବିନିମୟରେ ଜଣେ ନକ୍ସଲ ମୃତ୍ୟୁବରଣ କରିଥିବାର ସୂଚନା ମିଳିଛି। ଏଥିସହ ଘଟଣାସ୍ଥଳରୁ ବହୁ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ଗିଦମ ଥାନା ଅଞ୍ଚଳର ଇକେଲୀ ଏବଂ ନେଲଗୋଡା ଜଙ୍ଗଲରେ ପ୍ରାୟ ୧୦ରୁ ୧୫ ନକ୍ସଲ କ୍ୟାମ୍ପ କରି ରହିଥିବା ପୁଲିସକୁ ସୂଚନା ମିଳିଥିଲା। ତୁରନ୍ତ ପୁଲିସ ଏବଂ ଡିଆରଜି ଯବାନ ଜଙ୍ଗଲରେ ସର୍ଚ୍ଚ ଅପରେସନକୁ ବାହାରିଥିଲେ।

ଇନ୍ଦ୍ରାବତୀ ନଦୀକୁ ବିପଦପୂର୍ଣ୍ଣ ଭାବେ ପାର କରିବା ପରେ ଜଙ୍ଗଲରେ ନକ୍ସଲଙ୍କ ସହ ଗୁଳିବିନିମୟ ହୋଇଥିଲା । ଦୀର୍ଘ ସମୟ ଧରି ଗୁଳିବିନିମୟ ଚାଲିଥିଲା। ତେବେ ନକ୍ସଲ ଯବାନଙ୍କ ଗୁଳିର ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ବେଳେ ଜଣେ ନକ୍ସଲର ମୃତ ଦେହକୁ ପୁଲିସ ଉଦ୍ଧାର କରିଛି । ମୃତ ନକ୍ସଲ ପ୍ଲାଟୁନ ନମ୍ବର–୧୬ର ସଦସ୍ୟ ବୋଲି ପୁଲିସ ଅନୁମାନ କରୁଛି। *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ଆଇଆଇଟି ମାଡ୍ରାସ ପୁଣି ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ : ଟପ୍ ୧୦ରେ ଜେଏନୟୁ

ନୂଆଦିଲ୍ଲୀ, ୧୨।୮

ପୁଣିଥରେ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ବିବେଚିତ ହୋଇଛି ଆଇଆଇଟି ମାଡ୍ରାସ । ଉଭୟ ସବୁ କ୍ଷେତ୍ର ବା ଓଭରଅଲ କ୍ୟାଟାଗୋରୀ ଓ ଇଞ୍ଜିନିୟରିଂ ବର୍ଗରେ ଆଇଆଇଟି ମାଡ୍ରାସ ସମଗ୍ର ଦେଶରେ ୧ନଂରେ ରହିଛି। ସୋମବାର କେନ୍ଦ୍ର ସରକାରଙ୍କ ଶିକ୍ଷାମନ୍ତ୍ରଣାଳ ଅଧୀନସ୍ଥ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ର୍‍ୟାଙ୍କିଂ ଫ୍ରେମୱାର୍କ(ଏନଆଇଆରଏଫ) ୨୦୨୪ ପକ୍ଷରୁ ଜାରି ତାଲିକାରେ ଆଇଆଇଟି ମାଡ୍ରାସ ନମ୍ବର ୧ ସ୍ଥାନରେ ରହିଛି।

ଏହାକୁ ମିଶାଇ କ୍ରମାଗତ ୮ମ ଥର ପାଇଁ ଆଇଆଇଟି ମାଡ୍ରାସ ଇଞ୍ଜିନିୟରିଂ କ୍ଷେତ୍ରରେ ସର୍ବଶ୍ରେଷ୍ଠ ସ୍ଥାନ ହାସଲ କରିଛି । ଓଭର ଅଲ କ୍ୟାଟାଗୋରୀ ର୍‍ୟାଙ୍କିଂର ଟପ ୧୦ରେ ଦେଶର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଜେଏନୟୁ ମଧ୍ୟ ରହିଛି । ଏହି ଶିକ୍ଷାନୁଷ୍ଠାନ ୧୦ ନମ୍ବର




ସ୍ଥାନରେ ରହିଛି।

ତେବେ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ର୍‍ୟାଙ୍କିଂରେ ଆଇଆଇଟିଗୁଡ଼ିକର ଦବଦବା ଦେଖିବାକୁ ମିଳିଛି । ଆଇଆଇଟି ମାଡ୍ରାସ ପଛକୁ ବେଙ୍ଗାଲୁରୁ ସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍ସ ଦ୍ୱିତୀୟ ସ୍ଥାନରେ ରହିଛି । ଆଇଆଇଟି ବମ୍ବେ ୩ୟ ସ୍ଥାନରେ, ଆଇଆଇଟି ଦିଲ୍ଲୀ ୪ର୍ଥ ସ୍ଥାନରେ, ଆଇଆଇଟି କାନପୁର ୫ମ ସ୍ଥାନରେ, ୬ଷ୍ଠ ସ୍ଥାନରେ ଆଇଆଇଟି ଖଡ଼ଗପୁର, ୭ମ ସ୍ଥାନରେ ଦିଲ୍ଲୀ ଏମ୍ସ, ଆଇଆଇଟି ରରକୀ ୮ମ ସ୍ଥାନରେ ଓ ଆଇଆଇଟି ଗୌହାଟୀ ୯ମ ଓ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ(ଜେଏନୟୁ) ୧୦ମ ସ୍ଥାନରେ ରହିଛି।

ଅନ୍ୟପକ୍ଷରେ ପ୍ରଥମଥର ପାଇଁ ଇଞ୍ଜିନିୟରିଂ ପାଠ୍ୟକ୍ରମର ଟପ ୧୦ ଶିକ୍ଷାନୁଷ୍ଠାନ ଭିତରେ ଆଇଆଇଟି ବାରାଣସୀ ସ୍ଥାନ ପାଇଛି । ଏହି ଶିକ୍ଷାନୁଷ୍ଠାନ ଇଞ୍ଜିନିୟରିଂ ବର୍ଗ ର୍‍ୟାଙ୍କିଂର ୧୦ ନମ୍ବର ସ୍ଥାନରେ ଅଛି।

ଏନଆଇଆରଏଫ ଜାରି କରିଥିବା ର୍‍ୟାଙ୍କିଂର ୯ମ ସଂସ୍କରଣରେ ୩ଟି ନୂଆ ବର୍ଗ ମୁକ୍ତ ବିଶ୍ୱବିଦ୍ୟାଳୟ, ଦକ୍ଷତା ବିଶ୍ୱବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ବିଶ୍ୱବିଦ୍ୟାଳୟକୁ ସାମିଲ କରାଯାଇଛି । ଅଧ୍ୟକ୍ଷ ଅନୀଲ ସହସ୍ରବୁଦ୍ଧେ ଘୋଷଣା କରିଛନ୍ତି ଯେ ଶିକ୍ଷା ମନ୍ତ୍ରଣାଳୟ ଆସନ୍ତାବର୍ଷ ଠାରୁ ପରିପୋଷଣୀୟତା ର୍‍ୟାଙ୍କିଙ୍ଗ ମଧ୍ୟ ଜାରି କରିବ।

ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ବର୍ଗର ୩ୟ ସ୍ଥାନରେ କ୍ରମାଗତ ତୃତୀୟ *(ପୃଷ୍ଠା ୭ରେ)*

## ଅୟସ କରୁଥିଲେ ପୂର୍ବତନ ମୁଖ୍ୟଯନ୍ତ୍ରୀ

### ଘରୁ ମିଳିଲା ହୀରା, ସୁନା, ଦାମୀ କାର ଓ ବିଦେଶୀ ମୁଦ୍ରା

ଭୁବନେଶ୍ୱର, ୧୨।୮

ନ୍ୟୁଜ୍ ବ୍ୟୁରୋ

ଚାକିରି କରୁଥିବା ବେଳେ ବେଆଇନ ଭାବେ ଠୁଳ କରିଥିଲେ ଅମାପ ସମ୍ପତ୍ତି ! ଆଉ ଅବସର ପରେ ଅୟସ କରୁଥିଲେ। ଆର ଆଣ୍ଡ ବି (ରାସ୍ତା ଓ ବିଲ୍ଡିଂ) ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ତାରା ପ୍ରସାଦ ମିଶ୍ର। ରାଜପ୍ରସାଦ ପରି ଘର କରିଥିଲେ। ମହାରାଜାଙ୍କ ପରି ଜୀବନ ବିତାଉଥିଲେ । ବିଦେଶ ଗସ୍ତରେ ଯାଉଥିଲେ। ନାମୀଦାମୀ କାର ଚଢୁଥିଲେ। ରୋଲାକ୍ସ ପରି ଦାମୀ ଘଣ୍ଟା ବାନ୍ଧୁଥିଲେ। ଭିଜିଲାନ୍ସ ହାତରେ ଧରା ପଡ଼ିବା ପରେ ଖୋଲୁଛି ପୂର୍ବତନ ମୁଖ୍ୟଯନ୍ତ୍ରୀଙ୍କ ମୁଖା। ଭିଜିଲାନ୍ସ ଟିମ ତାଙ୍କ ଘରେ ଚଢଉ କରି ହୀରା, ସୁନା, ରୁପା, ଦାମୀ କାର, ବିଦେଶୀ



ମୁଦ୍ରା, ଦାମୀ ଘଣ୍ଟା ଆଦି ଅନେକ ସାମଗ୍ରୀ ଜବତ କରିଥିବା ବେଳେ ରାଜଧାନୀରେ ପ୍ଲଟ ଓ ଫ୍ଲାଟ ଥିବା ଜାଣିବାକୁ ପାଇଛି । ଶ୍ରୀ ମିଶ୍ରଙ୍କ ବାସଭବନରେ ଚଢଉ ଜାରି ରହିଥିବା ଜଣାପଡିଛି। ଭିଜିଲାନ୍ସ ଜାରି କରିଥିବା ପ୍ରେସ୍‌ନୋଟ୍ ଅନୁସାରେ *(ପୃଷ୍ଠା ୭ରେ)*

## ନ୍ୟୁଜ ଚ୍ୟାନେଲ ପାଇଁ ସରକାରଙ୍କ ନିର୍ଦ୍ଦେଶ

### ବିପର୍ଯ୍ୟୟ ଦୃଶ୍ୟ ଦେଖାଇବା ବେଳେ ତାରିଖ ଏବଂ ସମୟର ସୂଚନା ପ୍ରଦାନ କରିବା ଜରୁରୀ



ନୂଆଦିଲ୍ଲୀ, ୧୨।୮

କେନ୍ଦ୍ର ସରକାର ସୋମବାର ବେସରକାରୀ ନ୍ୟୁଜ ଚ୍ୟାନେଲମାନଙ୍କୁ ଏକ ପରାମର୍ଶ ଦେଇଛନ୍ତି । ସରକାର କହିଛନ୍ତି ଯେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବଡ଼ ଦୁର୍ଘଟଣା ରିପୋର୍ଟ କରୁଥିବାବେଳେ ଘଟଣାସ୍ଥଳରେ ତାରିଖ, ସ୍ଥାନ ଏବଂ ସମୟ ବିଷୟରେ ସୂଚନା ଦିଆଯିବା ଆବଶ୍ୟକ।

ଏହି ସୂଚନା କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଛି। ଦୀର୍ଘ ଦିନ ଧରି ଅନେକ ନ୍ୟୁଜ ଚ୍ୟାନେଲ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଏବଂ ବଡ଼ ଦୁର୍ଘଟଣାର କ୍ରମାଗତ ପ୍ରସାରଣ କରାଯାଉଛି ବୋଲି ସରକାର କହିଛନ୍ତି । ଆହୁରି ମଧ୍ୟ ପ୍ରସାରଣ ସମୟରେ, ଘଟଣା ଘଟିଥିବା ଦିନଠାରୁ ଦୃଶ୍ୟମାନ ଦେଖାଯାଉଛି।

ମନ୍ତ୍ରଣାଳୟ ଯୁକ୍ତି ବାଢିଛି ଯେ ଦୁର୍ଘଟଣା କିମ୍ବା ପ୍ରାକୃତିକ ବିପର୍ଯ୍ୟୟର ଅନେକ ଦିନ ପରେ ନ୍ୟୁଜ ଚ୍ୟାନେଲ ଦ୍ୱାରା ଏହି ଦୃଶ୍ୟ ଦେଖାଯାଇଥାଏ। ଯାହାଦ୍ୱାରା ବାସ୍ତବତାକୁ ବିକୃତ କରାଯାଇଥାଏ । *(ପୃଷ୍ଠା ୭ରେ)*

## ହିନ୍ଦୁମାନେ ଜନ୍ମମାଟି ଛାଡିବାକୁ ନାରାଜ : ମିଳିଲା ମୁସଲମାନଙ୍କ ସମର୍ଥନ




ଢାକା, ୧୨।୮

ବାଂଲାଦେଶରେ ରାଜନୈତିକ ସଙ୍କଟ ଜାରି ରହିଛି । କ୍ଷମତା ଦଖଲ ପରେ ଦେଶରେ ହୋଇଥିବା ସଂଖ୍ୟାଲଘୁଙ୍କ ପ୍ରତି ଅତ୍ୟାଚାର ନେଇ ବିଶ୍ୱସ୍ତରରେ ପ୍ରତିବାଦ ହେବାରେ ଲାଗିଛି । ବିଶେଷ କରି ବାଂଲାଦେଶରେ ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଉଛି। ପ୍ରକାଶିତ ପରିସଂଖ୍ୟାନ ଅନୁସାରେ ୫ ଅଗଷ୍ଟ ୨୦୨୪ ପରେ ବାଂଲାଦେଶରେ ୨୩୨ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ।

ଦେଶର ୫୨ଟି ଜିଲ୍ଲାରେ ୨୦୫ ଟି ହିଂସା ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାଗୁଡ଼ିକ ମଧ୍ୟରୁ ଅଧିକାଂଶ ହିନ୍ଦୁଙ୍କ ବିରୋଧରେ ଦେଖାଯାଉଛି । ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ହଜାର ହଜାର ହିନ୍ଦୁ ରାଜରାସ୍ତାରେ ଏହାକୁ ବିରୋଧ କରୁଛନ୍ତି। ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବାଂଲାଦେଶ ବ୍ୟତୀତ ଭାରତ ଏବଂ ଆମେରିକାରେ ମଧ୍ୟ ତୀବ୍ର ବିରୋଧ କରାଯାଉଛି।

ବାଂଲାଦେଶର ହିନ୍ଦୁମାନେ ନିଜର ଜନ୍ମମାଟି ଛାଡିବାକୁ ପ୍ରସ୍ତୁତ ନୁହନ୍ତି । ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ପ୍ରଦର୍ଶନ କରି ସ୍ଲୋଗାନ ଦେଉଛନ୍ତି । ବାଂଲାଦେଶ ଆମର, ଜୀବନ ଥିବା ଯାଏଁ ଆମେ ଲଢିବୁ । ହିନ୍ଦୁମାନଙ୍କ ସହ ଏବେ ବହୁ ମୁସଲମାନ ମଧ୍ୟ ପ୍ରଦର୍ଶନରେ ସାମିଲ ହୋଇଛନ୍ତି । *(ପୃଷ୍ଠା ୭ରେ)*

## ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ ନୂଆଦିଲ୍ଲୀ ଗସ୍ତ



ଭୁବନେଶ୍ୱର, ୧୨।୮

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ତିନିଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସେ ମଙ୍ଗଳବାର ପୂର୍ବାହ୍ନରେ ସଡ଼କ ପରିବହନ ଓ ଜାରତୀୟ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଜାତୀୟ ରାଜପଥ *(ପୃଷ୍ଠା ୭ରେ)*

## ଏକାଳ ପକାଳ



କେତେ ଧନ କିହୋ
ଅମାପ ମାପ
ହିସାବ କରିଣ
ଶୁଖୁଛି ଛାପ
ଏବେ ମୂଷାକୁ ଧରିଛି ସାପ
ସର୍କାରୀ ଚାକିରୀ ପିସି କାରବାର
ବନ୍ଦ କରି ଦିଅରେ ବାପ।

## ଭାଇ-ଭଉଣୀଙ୍କ ସମ୍ପର୍କ ଉପରେ ଅଛି ସାଇବର ଠକଙ୍କ ନଜର



ନୂଆଦିଲ୍ଲୀ, ୧୨।୮

ଆଗକୁ ଭାଇ-ଭଉଣୀଙ୍କ ପର୍ବ ରାକ୍ଷୀପୂର୍ଣ୍ଣିମା ଆସୁଛି। ଏଥର ସେମାନେ ଭାଇ ଓ ଭଉଣୀମାନଙ୍କୁ ଟାର୍ଗେଟ କରୁଛନ୍ତି । ତୁମ ଭାଇ କିମ୍ବା ଭଉଣୀ ଦ୍ୱାରା ପାର୍ସଲ ପଠାଯାଇଥିବା କହି ଠକୁଛନ୍ତି । ଏହା ଏକ ଠକେଇ ହୋଇପାରେ। ରାକ୍ଷୀପୂର୍ଣ୍ଣିମା ପାଇଁ ଅଧିକାଂଶ ଭାଇ ଓ ଭଉଣୀମାନେ ରାକ୍ଷୀ ସହ ପରସ୍ପରକୁ ଉପହାର ପଠାନ୍ତି । ଯଦି ଭାଇ ଓ ଭଉଣୀମାନେ ଦୂର ସହରରେ ରୁହନ୍ତି, ରାକ୍ଷୀ ଏବଂ ଉପହାରଗୁଡ଼ିକ ପୋଷ୍ଟ କିମ୍ବା କୋରିଅର ଦ୍ୱାରା ପଠାଯାଏ । ଏପରି ସମୟରେ, ଉପହାର ଆସିବା ପାଇଁ ଅପେକ୍ଷା କରୁଥିବାବେଳେ ସାଇବର ସ୍କାମରମାନେ ପରିସ୍ଥିତିର ସୁଯୋଗ ନେଇ ଲୋକଙ୍କୁ ଠକିବା ପାଇଁ ନୂଆ ଉପାୟ ଖୋଜନ୍ତି । ବିଶେଷକରି ରାକ୍ଷୀପୂର୍ଣ୍ଣିମା ଭଳି ପର୍ବ ସମୟରେ ଏହି ସ୍କାମରମାନେ ନୂଆ କୌଶଳ ସହିତ ଲୋକଙ୍କୁ ବୋକା ବନାଇବାକୁ ଚେଷ୍ଟା କରୁଛନ୍ତି ।

ବର୍ତ୍ତମାନ ସେମାନେ ଇଣ୍ଡିଆ ପୋଷ୍ଟ ନାମରେ ବାର୍ତ୍ତା ପଠାଉଛନ୍ତି, ଯେଉଁଥିରେ ଲେଖା ଅଛି ଯେ ପାର୍ସଲ ଆସିଛି, କିନ୍ତୁ ଠିକଣା ଅସମ୍ପୂର୍ଣ୍ଣ ଥିବାରୁ ଏହା ପହଞ୍ଚିବାରେ ଅସୁବିଧାର ସମ୍ମୁଖୀନ ହେଉଛି । ଏହି ଲିଙ୍କ ସହିତ କ୍ଲିକ କରି ଠିକଣା ଅପଡେଟ କରିବାକୁ ଏକ ଲିଙ୍କ ମଧ୍ୟ *(ପୃଷ୍ଠା ୭ରେ)*

## ଆଜି ଘୂର୍ଣ୍ଣିବଳୟ : ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୨।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ମୌସୁମୀ ପ୍ରବାହ ସକ୍ରିୟ ରହିଥିବା ବେଳେ ଏହାର ପ୍ରଭାବରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ମଙ୍ଗଳବାର ସୁଦ୍ଧା ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୫ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ଜାରି ରହିଛି । ଗତ ଜୁନ ପହିଲାରୁ



ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷାଠାରୁ ୯ ପ୍ରତିଶତ କମ ବର୍ଷା ହୋଇଛି । ଏହି ସମୟ ମଧ୍ୟରେ ୧୦ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।





# ବ୍ରହ୍ମବରଦା-ରୁଦ୍ରପୁର ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ଅଧପନ୍ତରିଆ : ତେଜୁଛି ଜନଅସନ୍ତୋଷ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ସାମାନ୍ୟ ବର୍ଷା ହେଲେ ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଛି । ଫଳରେ ନଦୀ ବନ୍ଧ ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇ ଆସୁଥିଲେ । ବାରମ୍ବାର ଅଭିଯୋଗ ପରେ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନଦୀ ବନ୍ଧ ପୁନଃରୁଦ୍ଧାର ନିମନ୍ତେ ଗରୁତ୍ୱର ସହ ନେଇଥିଲା । ହେଲେ ୪ ବର୍ଷ ବିତି ଯାଇଥିଲେ ମଧ ବନ୍ଧ ମରାମତି ଓ ସମ୍ପ୍ରସାରଣ କାର୍ଯ୍ୟ ଅଧାରେ ଅଟକିଛି, ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ବରୀ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ । ଜଳ ସମ୍ପଦ ବିଭାଗ ଜାରକା ଡିଭିଜନ ବରୀ ଉପଖଣ୍ଡ ଅଧିନରେ ଥିବା ବ୍ରହ୍ମବରଦା ବ୍ରାହ୍ମଣୀ ସେତୁଠାରୁ ରୁଦ୍ରପୁର ସେତୁ ପର୍ଯ୍ୟନ୍ତ ବନ୍ଧ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । ନିର୍ବାଚନ ସମୟରେ ସ୍ଥାନୀୟ ୧୦ ଗୋଟି ପଞ୍ଚାୟତର ଜନସାଧାରଣ ବରୀର ତତ୍କାଳୀନ ବିଧାୟିକା ସୁନନ୍ଦ ଦାସ ଓ ଜିଲା ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ । ଏହାକୁ ଦୃଷ୍ଟିରେ ରଖି ବରୀ ଉପଖଣ୍ଡ ଅଧିବନସ୍ଥ ବ୍ରାହ୍ମଣୀ ଦକ୍ଷିଣ ପାର୍ଶ୍ୱ ନଦୀ ବନ୍ଧର ପୁନଃରୁଦ୍ଧାର ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ନାବାର୍ଡ ସହାୟତାରେ ପାଖାପାଖି ୭ କୋଟି ଟଙ୍କା ଅର୍ଥ ଯୋଗାଇ ଦିଆଯାଇଥିଲା । ୨୧।୨।୨୧ ମସିହାରେ ତତ୍କାଳୀନ ବରୀ ବିଧାୟିକା ସୁନନ୍ଦା ଦାସ ଏହା ଭିତିପ୍ରସ୍ତର ସ୍ଥାପନ କରିଥିଲେ । କିଛି ଦିନ ବନ୍ଧ ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ଆଗେଇ ଯାଇଥିବା ବେଳେ ଆଜକୁ ୪ ବର୍ଷ ବିତି ଯାଇଥିଲେ ମଧ ଏହି ବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ମରାମତି ସମୟରେ ଠିକାଦାର ବନ୍ଧର ଉପରିଭାଗକୁ କାଟି ଦେବା ସହ ସମ୍ପ୍ରସାରଣ ନିମନ୍ତେ ବନ୍ଧରେ ବାଲି ମାଟି ପକାଇ ଦେଇଥିଲା । ଫଳରେ ମାତ୍ର ୪ ମାସ କାମ ହୋଇଥିଲା । ବ୍ରହ୍ମବରଦା, ବନ୍ଧଡିହ ଆଦି ସ୍ଥାନମାନଙ୍କରେ ବନ୍ଧରେ ଖାଲଖମା ଭର୍ତ୍ତି ହେଲାଣି । ବହୁ ସ୍ଥାନରେ ନୂତନ ଭାବେ ନିର୍ମିତ ହୋଇଥିବା ପଥର ପ୍ୟାକିଂ ଧସି ଗଲାଣି । ଏବେ କାମ ବନ୍ଦ ହୋଇ ଯାଇଥିବା ବେଳେ ବନ୍ଧରେ ପାଣି ଜମିବା ସହ କାଦୁଅ ଭରି ଯାଇଥିଲା । ଫଳରେ ଯାତାୟାତ ସମୟରେ ଲୋକେ ବହୁ ହଇରାଣ ହରକତ ହେବାକୁ ପଡ଼ିଥିଲା । ବାରମ୍ବାର ଅଭିଯୋଗ ପରେ କିଛି ସ୍ଥାନରେ ଡଷ୍ଟ ପକାଇ ଠିକାଦାର ତା କାମ ସାରି ଦେଇଥିଲା । ହେଲେ ଏବେ ଏହି ନଦୀ ବନ୍ଧ ରାସ୍ତା ଅବସ୍ଥା ଆଗ ବନ୍ଧଠାରୁ ବହୁ ଦୁର୍ବଳ ହୋଇଛି । ବହୁ ସ୍ଥାନରେ ରେନ କଟ ହୋଇଥବା ବେଳେ ବନ୍ଧ ଉପରେ ପାଣି ଜମି ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେବା ସହ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏନେଇ ବାରମ୍ବାର ସ୍ଥାନୀୟ ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏବଂ ବନ୍ଧଡିହ ପଞ୍ଚାୟତ କଣ୍ଡିଆଠାରେ ଘେରି ବନ୍ଧ ଭାଙ୍ଗିଯାଇ ବହୁ ପରିବାର ଜଳବନ୍ଦୀ ହୋଇଥିଲେ । ଏବେ ଏହି ଘେରି ବନ୍ଧ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡି ରହିଛି । ଏହି ମୁଖ୍ୟ ନଦୀ ବନ୍ଧ ଉପରେ ଏକ ବିରାଟ ଘାଇ ହୋଇ ୨୦ ଗୋଟି ପଞ୍ଚାୟତ ବନ୍ୟା ଜଳରେ ପ୍ରଭାବିତ ହୋଇଥିଲା । ଘାଇ ସମୟରେ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଏହି ନଦୀ ବନ୍ଧକୁ ସୁଦୃଢ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ପ୍ରତିଶୃତି ପ୍ରତିଶୃତିରେ ରହିଗଲା ବୋଲି ଗ୍ରାମବାସୀ କହିଛନ୍ତି । ଚଳିତ ବର୍ଷ ବନ୍ୟା ଆସିଲେ ପୁଣି ଘାଇ ହେବା ସମ୍ଭାବନା ଥିବା କହିଛନ୍ତି ଗ୍ରାମବାସୀ । ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ କାର୍ଯ୍ୟ ଶେଷ କରିବାକୁ ଅନୁରୋଧ କରିଛନ୍ତି । ବନ୍ୟା ଆସିବା ପୂର୍ବରୁ ମରାମତି କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ପୂର୍ବତନ ବନ୍ଧଡିହ ପଞ୍ଚାୟତର ସରପଞ୍ଚ ବିଜୟ ଜେନା, ସନ୍ତୋଷ ସାହୁ, ଦୀନବନ୍ଧ ଦାସ, ସୁରେନ୍ଦ୍ର ସାହୁ, ମନୋରଞ୍ଜନ ସାହୁ, ଅକ୍ଷୟ ମହାନ୍ତି, ନିରୂପମା ସାହୁ ଓ ମନୋରମା ସାହୁ ପମୁଖ ଚେତାବନୀ ଦେଇଛନ୍ତି ।

# ଜୟପାଟଣା ବ୍ଲକ୍‌ରେ ଝାଡ଼ା ବାନ୍ତି : ୨୧ଆକ୍ରାନ୍ତ

**ମୁଖୀଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ଟିଙ୍ଗୋପଖାନ ଗ୍ରାମରେ ଡାଇରିଆରେ ସକାଳ ସୁଦ୍ଧା ୧୭ ଜଣ ଆକ୍ରାନ୍ତ ହୋଇଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଆକ୍ରାନ୍ତ ସଂଖ୍ୟା ୨୧କୁ ବୃଦ୍ଧି ହୋଇଛି । ସମସ୍ତ ଆକ୍ରାନ୍ତଙ୍କୁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭର୍ତ୍ତି କରାଯାଇଥିଲା । ଏଥିରୁ ୫ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଛି । ଅନ୍ୟମାନଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ରହିଛି । ସୂଚନା ଅନୁଯାୟୀ ରବିବାର ଦିନ ଉକ୍ତ ଗ୍ରାମରେ କିଛି ଲୋକଙ୍କୁ ଝାଡ଼ାବାନ୍ତି ହୋଇଥିଲା । କିନ୍ତୁ ସେମାନେ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଔଷଧ ଖାଇ ଡାକ୍ତରଖାନାକୁ ଆସିନଥିଲେ । ଖବର ପାଇ ଜୟପାଟଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଡାକ୍ତର ଶୁଭ୍ରଜୀତ ବିଶ୍ୱାଳ ଉକ୍ତ ଅଞ୍ଚଳରେ ପହଞ୍ଚି ଆକ୍ରାନ୍ତମାନଙ୍କୁ ଡାକ୍ତରଖାନା ଆଣିବାର ବ୍ୟବସ୍ଥା କରିଥିଲେ । ସକାଳୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ହୋଇ ସନ୍ଧ୍ୟା ବେଳକୁ ୨୧ରେ ପହଞ୍ଚିଛି । ଟିଙ୍ଗୋପଖାକୁ ୨୦ ଜଣିଆ ଡାକ୍ତରି ଦଳ ପହଞ୍ଚି ଗାଁକୁ ସେନିଟାଇଜ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଛି । ପାଣି ଓ ମଳର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପାଠଯାଇ ଥିବା ଜଣାପଡ଼ିଛି । ଉକ୍ତ ଗ୍ରାମର ଲୋକେ ନଳକୂପର ପାଣି ପିଉଥିବା ବେଳେ ପୋଖରୀରେ ଗାଧୋଉଛନ୍ତି । ଉକ୍ତ ପୋଖରୀରେ ଲୁଗାପଟା ସଫା ଠାରୁ ଗାଈ ଗୋରୁ ମଧ ପାଣି ପାଉଛନ୍ତି, ଯାହାଫଳରେ ପାଣି ଦୂଷିତହେତୁ ଝାଡ଼ାବାନ୍ତି ବ୍ୟାପିଛି ବୋଲି ଅନୁମାନ କରାଯାଉଛି । ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ବେଳେ କେତେଜଣ ଭଲ ହୋଇ ଘରକୁ ଫେରିଲେଣି ବୋଲି ଭାରପ୍ରାପ୍ତ ଡାକ୍ତର ବିଶ୍ୱାଳ କହିଛନ୍ତି । ସେପଟେ ଗାଁରେ ମଧ ସଚେତନତା ଜାରି ରହିଛି ଓ ଆପେ ଆପେ ସ୍ଥିତି ସୁଧୁରିବାରେ ଲାଗିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ନାସିକ ବନ୍ୟାରେ ଫସିଥିବା ୧୫ ମତ୍ସ୍ୟଜୀବୀଙ୍କୁ ହେଲିକପ୍ଟରରେ ଏୟାରଲିଫ୍ଟ କରି ବଞ୍ଚାଇଲା ନୌସେନା

**ମୁମ୍ବାଇ**

ନାସିକ ଜିଲ୍ଲାର ମାଲେଗାଓଁରେ ଗିରନା ନଦୀ ବନ୍ୟାରେ ଫସିଥିବା ୧୫ଜଣ ମତ୍ସ୍ୟଜୀବୀଙ୍କୁ ନୌସେନାର ହେଲିକପ୍ଟରରେ ଏୟାରଲିଫ୍ଟ କରି ବଞ୍ଚାଯାଇଛି । ଏହି ସମସ୍ତ ମତ୍ସ୍ୟଜୀବୀ ରବିବାର ମୁଥା ନଦୀରେ ମାଛ ଧରିବାକୁ ଯାଇଥିଲେ, କିନ୍ତୁ ଗଙ୍ଗାପୁର ବନ୍ଧର ପାଣି ଛଡାଯିବା କାରଣରୁ ନଦୀରେ ବନ୍ୟା ଆସିଥିଲା । ମୁଥା ନଦୀର କୂଳରେ ଆବାସୀୟ ସୋସାଇଟିରେ ବନ୍ୟା ପାଣି ପଶିଯାଇଥିଲା, ଯେଉଁ କାରଣରୁ ଭାରତୀୟ ସେନା ନାଗରିକ ପ୍ରଶାସନ ସହିତ ସମସ୍ତ ତଳୁଆ ଅଞ୍ଚଳକୁ ଖାଲି କରାଯାଇଥିଲା । ନାସିକ ଜିଲ୍ଲାରେ ଗତ ୩ଦିନ ହେବ ମୂଷଳଧାରାରେ ବର୍ଷା ଲାଗିରହିଛି । ଏହି କାରଣରୁ ଗଙ୍ଗାପୁର ବନ୍ଧ ଅଞ୍ଚଳରେ ୮୦ ପ୍ରତିଶତରୁ ଅଧିକ ପାଣି ଜମା ହୋଇଛି । ଏଥିପାଇଁ ଗଙ୍ଗାପୁର ବନ୍ଧର ପାଣି ମୁଥା ନଦୀ, ଗୋଦାବରୀ ନଦୀକୁ ଛଡାଯାଉଛି । ରବିବାର ମୁଥା ନଦୀକୁ ମାଛ ଧରିବାକୁ ଯାଇଥିବା ମତ୍ସ୍ୟଜୀବୀ ବନ୍ୟାରେ ଫସିଯାଇଥିଲା । ଦ୍ୱିପ୍ରହର ଏମାନଙ୍କୁ ବଞ୍ଚାଇବା ପାଇଁ ଧୂଳେରୁ ଏସଡିଆରଏଫ ଟିମ୍‌କୁ ଡକାଯାଇ ଥିଲା, କିନ୍ତୁ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇପାରି ନଥିଲା । ଏଥିପାଇଁ ନୌସେନା ପକ୍ଷରୁ ଏୟାରଲିଫ୍ଟ କରାଯାଇ ସମସ୍ତଙ୍କୁ ବଞ୍ଚାଯାଇଛି ।

# ବୋଲବମ୍ ଗାଡ଼ି ଦୁର୍ଘଟଣା: ୧୦ ଆହତ

**ଭୁବନ, ନ୍ୟୁଜ୍‌ବ୍ୟୁରୋ**

ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପ ପୁର ଗ୍ରାମ ତଳସାହି ଅଞ୍ଚଳରୁ ଶ୍ରାବଣ ଭାର ପାଣି ଢାଳିବାକୁ କରମୂଳ ସ୍ଥିତ ଦୌଡେଶ୍ୱର ଅଭିମୁଖେ ବାହାରିଥିଲେ । ତେବେ ଶାମଳ ଛକ ନିକଟରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଯେଉଁଥିରେ ଦଶରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ଜଣେ ଗୁରୁତର ଥିବା ବେଳେ ଜଣେ ନାବାଳକଙ୍କ ହାତରେ ଗଭୀର ଆଘାତ ଲାଗିଛି । ଆହତ ବ୍ୟକ୍ତିମାନଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ପ୍ରାଥମିକ ଚିକିତ୍ସା କରାଯାଇଛି । କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ଡାକ୍ତର-ଖାନାରେ ଉପସ୍ଥିତ ହୋଇ ଆହାତମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଥିଲେ ।

# ଟ୍ରାକ୍ଟର ଚାଳକର ଉନ୍ମୁକ୍ତ କାଣ୍ଡ : ଚାନ୍ଦବାଲିରେ ମହାଭରତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଜଣେ ଟ୍ରାକ୍ଟର ଚାଳକର ବେପରୁଆ ଗାଡି ଚାଳନା ପାଇଁ ଚାନ୍ଦବାଲିରେ ମହାଭାରତ ସୃଷ୍ଟି ହୋଇଛି । ଗାଡ଼ିଟିକୁ ଅଟକାଇବାକୁ ଦୁଇଟି ଜିଲ୍ଲାର ଜନସାଧାରଣଙ୍କ ସହିତ ଦୁଇଟି ଥାନାର ପୁଲିସ୍ ନାକେଦମ୍ ହେବା ପରେ ଚାନ୍ଦବାଲି ପୁଲିସ୍‌ର ସଫଳତା ପାଇଁ ଚାଳକ କାବୁ କରାଯାଇଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଏହି ଜିଲ୍ଲାର ଚାନ୍ଦବାଲି ବଜାରରେ । ଚାନ୍ଦବାଲି ବ୍ଲକ୍ ବାଂଶଡ଼ା ଥାନା ଅଧୀନସ୍ଥ ଜଳେଶ୍ୱରପୁର ଗ୍ରାମପଞ୍ଚାୟତ ପଲେଇସାହି ଗ୍ରାମର ବିଚିତ୍ର ପଲେଇଙ୍କ ପୁତ୍ର ରମାକାନ୍ତ ନାମକ ଜଣେ ଟ୍ରାକ୍ଟର ଡ୍ରାଇଭର । ସେ କେନ୍ଦ୍ରାପଡ଼ା ଜିଲ୍ଲା ଇନ୍ଦୁପୁର ଅଞ୍ଚଳରୁ ଗାଡିନେଇ ଚାନ୍ଦବାଲି ଅଭିମୁଖେ ଆସୁଥିଲେ । ମାତ୍ର ରାସ୍ତାରେ ତାଙ୍କର ବେପରୁଆ ଓ ଭୟଙ୍କର ଗାଡ଼ି ଚାଳନା ସମସ୍ତଙ୍କୁ ଚକିତ କରିଦେଇଥିଲା । ଲୋକମାନେ ରାସ୍ତାରେ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ କାହାକୁ ଖାତିର ନକରି ସେ ଗୋଟିଏ ପରେ ଗୋଟିଏ ଗାଡ଼ି ଓ ଲୋକଙ୍କୁ ଆଘାତ କରିଚାଲି ଥିଲା । ଟ୍ରାକ୍ଟରଟିକୁ ଅଟକାଇବାକୁ ଆଳି ଥାନା ପୁଲିସ୍, ରାଜକନିକା ଥାନା ପୁଲିସ୍ ଓ ଶତାଧିକ ଜନସାଧାରଣ ନାକେଦମ୍ ହୋଇଥିଲେ ମଧ ଚାନ୍ଦବାଲି ପୁଲିସ୍ ଓ ସ୍ଥାନୀୟ ଜନସାଧାରଣ ଶେଷରେ ଟ୍ରାକ୍ଟରଟିକୁ ଅଟକାଇବାରେ ସକ୍ଷମ ହୋଇଥିଲେ । କାହିଁକିନା ରାଜକନିକା ପୁଲିସ୍ ବିଫଳ ହେବା ପରେ ଚାନ୍ଦବାଲି ପୁଲିସ୍‌ର ସହଯୋଗ ଲୋଡ଼ିଥିଲା । ଫଳରେ ଚାନ୍ଦବାଲି ପୁଲିସ୍ ବୈତରଣୀ ବ୍ରିଜ୍ ନିକଟ ବ୍ୟାରିକେଡ୍ ଠାରେ ଟ୍ରାକ୍ଟରଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ସେ ତାହା ଭାଙ୍ଗି ଚାନ୍ଦବାଲି ବଜାର ଅଭିମୁଖେ ଧସେଇ ପଶିଥିଲା । ପରେ ଚାନ୍ଦବାଲି ବଜାରରେ ଏକ ପିକଅପ୍‌କୁ ଆଡା ପକାଇ ପୁଲିସ୍ ଓ ସ୍ଥାନୀୟ ଲୋକେ କାବୁ କରିଥିଲେ । କ୍ଷତିଗ୍ରସ୍ତ ଉତ୍ୟକ୍ତ ଲୋକେ ଡ୍ରାଇଭରକୁ କାବୁ କରିବା ପରେ ଭଲଭାବେ ଉତ୍ତମ ଓ ମଧ୍ୟମ ଦେଇଥିଲେ । ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଓ ଚାନ୍ଦବାଲି ଥାନାଧିକାରୀ ପଞ୍ଚାନନ ମହାନ୍ତିଙ୍କ ଉଦ୍ୟମରେ ଲୋକଙ୍କ କବଳରୁ ମତୋ ଫାଣ୍ଡିର ହୋମାଗାର୍ଡ ଡ୍ରାଇଭର ଶିବ କୁମାର ବୈୟାରୀ ଉତ୍ୟକ୍ତ ଲୋକଙ୍କ କବଳରୁ ଟ୍ରାକ୍ଟର ଚାଳକକୁ ଉଦ୍ଧାର କରି ଥାନାକୁ ନେବା ପରେ ତାକୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।

# ବାଂଲାଦେଶରେ ଅବସ୍ଥା ଖରାପ ପରେ କୋଲକାତା-ଢାକା ମୈତ୍ରୀ ଏକ୍ସପ୍ରେସ୍ ଏବଂ ବିମାନ ସେବା ବାତିଲ

**କୋଲକାତା**

କୋଲକାତା-ଢାକା-କୋଲକାତା ନୈତ୍ରୀ ଏକ୍ସପ୍ରେସ ସେବା ମଙ୍ଗଳବାର ଦିନ ବାତିଲ ରହଥିଲା । ପୂର୍ବ ରେଳ ପକ୍ଷରୁ କୁହାଯାଇଛି ଯେ ବାଂଲାଦେଶର ସମ୍ପୃକ୍ତ ଅଧିକାରୀଙ୍କଠାରୁ ବାର୍ତ୍ତା ପାଇବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଏହା ସହିତ କୋଲକାତା ଏବଂ ଢାକା ମଧରେ ବିମାନ ସେବା ମଧ ବାତିଲ କରାଯାଇଛି । ଜୁଲାଇ ୧୯ ଠାରୁ କାର୍ଯ୍ୟକ୍ଷମ ନଥିବା ମୈତ୍ରୀ ଏକ୍ସପ୍ରେସ ମଧ ଅଗଷ୍ଟ ୦୬ ରେ ସ୍ଥଗିତ ରହିବ । ଦୁଇ ଦିନ ମଧରେ ୧୦୦ ରୁ ଅଧିକ ଲୋକ ପ୍ରାଣ ହରାଇଥିବା ଜନ ଆନ୍ଦୋଳନ ମଧରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ସୋମବାର ଇସ୍ତଫା ଦେଇଛନ୍ତି । ବାଂଲାଦେଶ ସେନା ମୁଖ୍ୟ ଜେନେରାଲ ୱାକର-ଉଜ-ଜମାନ ସୋମବାର ମଧବର୍ତ୍ତୀକାଳୀନ ସରକାର ଗଠନ ଘୋଷଣା କରିଛନ୍ତି । ଏହା ବ୍ୟତୀତ ଜୁଲାଇ ୨୧ ରୁ କୋଲକାତା-ଖୁଲନା-କୋଲକାତା ବନ୍ଧନ ଏକ୍ସପ୍ରେସର ଦ୍ୱି-ସାପ୍ତାହିକ ପର୍ଯ୍ୟନ୍ତ ସେବା ମଧ ବାତିଲ ହୋଇଛି । ଏହା ବ୍ୟାତିତ ଦମ୍‌ଦମ୍ ବିମାନବନ୍ଦରର ଜଣେ ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ଢାକାକୁ ସମସ୍ତ ବିମାନ ସେବା ବାତିଲ କରାଯାଇଛି । ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ସେବା କେବେ ଆରମ୍ଭ ହେବ ସେନେଇ ଅନିଶ୍ଚିତତା ରହିବ ।

# ୨୦୨୩-୨୪ରେ ଓଡ଼ିଶାକୁ ମିଳିଛି ୩୮୮୧. ୭୯୬ କୋଟି ଟଙ୍କାର କୋଇଲା ରୟାଲିଟି

**ନୂଆଦିଲ୍ଲୀ**

୨୦୧୨ ମଇ ୧୦ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଦେଶର ସମସ୍ତ ରାଜ୍ୟ ପାଇଁ କୋଇଲା ଉପରେ ରୟାଲଟି ହାର କାରବାର ମୂଲ୍ୟର ୧୪% ଧାର୍ଯ୍ୟ କରାଯାଇଛି । ଏଥିରେ ପଶ୍ଚିମବଙ୍ଗ ରାଜ୍ୟକୁ ବାଦ୍ ଦିଆଯାଇଛି ଯେଉଁଠାରେ ରୟାଲ୍ଟି ହାର କୋଇଲାର ଗ୍ରେଡ୍‌କୁ ଆଧାର କରି ପ୍ରତି ଟନ୍ ୭ରୁ ୨ ଟଙ୍କା ୫୦ ପଇସା ଧାର୍ଯ୍ୟ କରା ଯାଇଛି । ଓଡ଼ିଶାକୁ ୨୦୨୩-୨୪ ଆର୍ଥିକରେ କୋଇଲା କାରବାର ମୂଲ୍ୟର ୧୪% ଦରରେ ୩୮୮୧.୭୯୬ କୋଟି ଟଙ୍କା (ଅସ୍ଥାୟୀ) ମିଳିଛି, ଯାହାକି ବିଗତ ଦଶନ୍ଧିରେ କୋଇଲା ଉତ୍ପାଦନର ଅନୁରୂପ ଅଟେ । ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନର ଧାରା ୯(୩) ବ୍ୟବସ୍ଥା ରହିଛି ଯେ ସରକାରୀ ଗେଜେଟରେ ବିଜ୍ଞପ୍ତି ମାଧମରେ କେନ୍ଦ୍ର ସରକାର ଦ୍ୱିତୀୟ ଅନୁସୂଚୀରେ ସଂଶୋଧନ କରି ପାରିବେ ଯାହା ଦ୍ୱାରା ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ ତାରିଖରୁ କୌଣସି ଖଣିଜ ସମ୍ବନ୍ଧରେ ପ୍ରଦାନଯୋଗ୍ୟ ରୟାଲ୍ଟି ହାରକୁ ବୃଦ୍ଧି କିମ୍ବା ହ୍ରାସ କରାଯାଇ ପାରିବ । ଏହାବ୍ୟତୀତ କେନ୍ଦ୍ର ସରକାର ତିନି ବର୍ଷ ମଧରେ କୌଣସି ଖଣିଜ ପଦାର୍ଥ କ୍ଷେତ୍ରରେ ରୟାଲ୍ଟି ହାର ଗୋଟିଏ ଥରରୁ ଅଧିକ ବୃଦ୍ଧି କରିବେ ନାହିଁ ବୋଲି ବ୍ୟବସ୍ଥା କରା ଯାଇଛି । କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ରାଜ୍ୟ ସଭାରେ ଏକ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି ।

# ମରଣଯନ୍ତା ପାଲଟିଛି ଟେକଗୁଡ଼ା କଲୋନୀ ଗାଁ ରାସ୍ତା

**ମାଲକାନଗିରି,, ନ୍ୟୁଜ୍‌ବ୍ୟୁରୋ**

ଶୋଚନୀୟ ଅବସ୍ଥାରେ ରହିଛି ବଡ଼ିଗାଟା ପଞ୍ଚାୟତର ଟେକଗୁଡ଼ା କଲୋନୀ ଗାଁ ମୁଖ୍ୟ ରାସ୍ତା । କେଉଁଠି ଦବିଯାଇଛି ତ ଆଉ କେଉଁଠି ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ବର୍ଷାରେ ରାସ୍ତାସାରା ଆଣ୍ଠୁଏ ଲେଖାଏ କାଦୁଅ ହେବା ସହ ଏକାଧିକ ସ୍ଥାନରେ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି । ବର୍ତ୍ତମାନ ଏହି ରାସ୍ତା ମରଣାଯନ୍ତା ପାଲଟିଛି । ଯାତାୟାତରେ ଗ୍ରାମବାସୀଙ୍କ ସମେତ ଅନ୍ୟ ଅଞ୍ଚଳବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନାଁରେ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ଠିକ୍ ଭାବେ ବିନିଯୋଗ ହୋଇନଥିବା ଅଭିଯୋଗ ହୋଇଛି । ଏଭଳି ସ୍ଥିତିରେ ଗର୍ଭବତୀମାନଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲ ନେବା ପାଇଁ ଗାଁକୁ ଆମ୍ବୁଲାନ୍ସ ଠିକ୍ ସମୟରେ ଆସିପାରୁ ନାହିଁ । ସେହିପରି ରାସ୍ତା ଖରାପ ଯୋଗୁ ଏଠାରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଥିବା ଅଞ୍ଚଳର ବାବୁଲା ମାଡାମ, ରବି ମାଡାମ, ଗୁରୁ ମାଡାମ, ସନୁ ଦର୍ଲୀ ଏବଂ ଗୋପୀନାଥ ଦର୍ଲୀ କହିଛନ୍ତି । ତୁରନ୍ତ ଏହି ରାସ୍ତା ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ଚନ୍ଦ୍ରପୁର ସମିତି ଅଧ୍ୟକ୍ଷ ପଦ ସ୍ଥଗିତ

**ବିଷମ କଟକ, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ସମିତି ଅଧ୍ୟକ୍ଷ କଇନା କିମ୍ବାକାଙ୍କ ସମିତି ଅଧ୍ୟକ୍ଷ ପଦ ସ୍ଥଗିତ ରାୟ ଶୁଣାଇଲେ ରାୟଗଡ଼ା ଜିଲ୍ଲା କୋର୍ଟ ସୂଚନା ଅନୁଯାୟୀ, ଚନ୍ଦ୍ରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ କଇନ କିମ୍ବାକା ୨୦୨୨ ମସିହା ପଞ୍ଚାୟତ ନିର୍ବାଚନରେ ଚନ୍ଦ୍ରପୁର ବ୍ଲକ ମାରିକିମା ପଞ୍ଚାୟତର ସମିତିସଭ୍ୟ ପଦବୀ ନିମନ୍ତେ ନିର୍ବାଚନ ଲଢ଼ିଥିଲେ । କିନ୍ତୁ ନିର୍ବାଚନ ଲାଗି ଦାଖଲ କରିଥିବା ସତ୍ୟପାଠରେ ଭୁଲ ତଥ୍ୟ ଉଲ୍ଲେଖ କରିଥିବା ନେଇ ପ୍ରତିଦ୍ୱନ୍ଦୀ ସୁବାସ ମାଝୀ ଅଭିଯୋଗ କରିଥିଲେ । ଅଭିଯୋଗରେ କଇନ କିମ୍ବାକାଙ୍କ ଦୁଇ ପତ୍ନୀ ଏବଂ ୪ ସନ୍ତାନ ରହିଥିବା ନେଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆପତି କରିଥିଲେ । ଅନ୍ୟପଟେ କଇନ କିମ୍ବାକା ନିର୍ବାଚନରେ ବିଜୟୀ ହୋଇ ପରବର୍ତ୍ତୀ ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇଥିଲେ । ତେଣୁ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ସୁବାସ ମାଝୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ବିଷମକଟକ ସିଭିଲ ଜଜ୍ ସିନିୟର ଡିଭିଜନ ଅଦାଲତରେ ମିଛ ସତ୍ୟାପାଠ ଦାଖଲ ନେଇ ମକଦ୍ଦମା କରି କଇନ କିମ୍ବାକାଙ୍କୁ ପଦବୀରୁ ହଟାଇବା ପାଇଁ ନିବେଦନ କରିଥିଲେ । ଏହି ମାମଲାକୁ କୋର୍ଟ ଗ୍ରହଣ କରି ଶୁଣାଣି କରିବା ସହ ଉଭୟପକ୍ଷର ବୟାନ ସଂଗ୍ରହ କରିଥିଲେ । ସିଭିଲ ଜଜ ସୁନୀତା ଖାଣ୍ଡେଲାଲ ରାୟ ଶୁଣାଇ ଥିଲେ ସୁବାସ ମାଝୀଙ୍କ ପକ୍ଷ ଦର୍ଶାଇ କଇନ କିମ୍ବାକାଙ୍କୁ ପଦବୀକୁ ରଦ୍ଦ କରିବା ସହ ବିଷମକଟକ ସିଭିଲ କୋର୍ଟ ତାଙ୍କର ସମିତି ସଭ୍ୟ ପଦ ରଦ୍ଦ କରିବା ସଙ୍ଗେ ସଙ୍ଗେ ମାରିକିମା ଗ୍ରାମପଞ୍ଚାୟତରେ ନିର୍ବାଚନ କରିବା ପାଇଁ ଆଦେଶ ଦେଇଥିଲେ । ସେ କଇନ କିମ୍ବାକା ରାୟଗଡ଼ା ଜିଲ୍ଲା କୋର୍ଟ ଅପିଲ କରିଥିଲେ । ଜିଲ୍ଲା ଜର୍ଜ ଏହି ମାମଲାରେ ସ୍ଥଗିତ ଆଦେଶ ଦେଇଛନ୍ତି । କାଇନ କାମ୍ବାକା ତରଫରୁ ଓକିଲ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ବି.ଜଗହନ, ସଂଜିତ ପଟ୍ଟନାୟକ, ପ୍ରବିନ ହିଆଲ, ରାଧାକୃଷ୍ଣ ଦାସ ଲାଢ଼ିଥିବା ବେଳେ ଆବେଦନ କାରି ସୁବାସ ମାଝୀ ତରଫରୁ ଓକିଲ ଦିଲ୍ଲିପ ମାହାରଣା ମାମଲା ଲାଢ଼ିଥିଲେ ।

# ୫୫୦୦ ଲିଟର ପୋଚ ଓ ୩୦୦ ଲିଟର ମଦ ଜବତ

**ଜୟପୁରର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ଓ ସଦର ପୋଲିସ ତରଫରୁ ମିଳିତ ଅବକାରୀ ଚଢ଼ଉ କରାଯାଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା, ଦୁର୍ଗାଭଙ୍ଗା ଜଙ୍ଗଲରେ ଆଜି ଚଢଉ କରାଯାଇଛି । ମଦ ମାଫିଆମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ପୋଲିସ ଓ ଅବକାରି ବିଭାଗର ମିଳିତ ଚଢଉ କରାଯାଇଛି । ଅବକାରୀ ବିଭାଗ ଓ ପୋଲିସକୁ ଦେଖି ମଦ ମାଫିଆମାନେ ଚମ୍ପଟ ମାରିଥିଲେ । ଚଢ଼ଉ କରି ବହୁ ମଦ ଭାଟି ଭାଙ୍ଗିବା ସହ ଘଟଣାସ୍ଥଳରୁ ୫ ହଜାର ୫ ଶହ ଲିଟର ପୋଚ ଓ ୩ ଶହ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି । ଦୁଇଟି ମାମଲା ରୁଜୁ କରି ମଦରନ୍ଧା ସରଞ୍ଜାମ, ଡ୍ରମ୍ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି ।

# ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ ମାମଲାରେ ୩ ବିଧାୟକଙ୍କୁ ହାଇକୋର୍ଟଙ୍କ ନୋଟିସ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନିର୍ବାଚନୀ ଅନିୟମିତତା ମାମଲାରେ ୩ ବିଧାୟକଙ୍କୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ । ବିଧାୟକ ଟଙ୍କଧର ତ୍ରିପାଠୀ, ଅଶ୍ୱିନୀ ପାତ୍ର, ବ୍ୟୋମକେଶ ରାୟଙ୍କୁ ଜବାବ ଦାଖଲ କରିବାକୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ । ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମିଥ୍ୟା ସତ୍ୟପାଠ ମାମଲାରେ ବିଜେଡ଼ି ପରାଜିତ ପ୍ରାର୍ଥୀ ଦୀପାଳି ଦାସଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଝାରସୁଗୁଡ଼ା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ନୋଟିସ୍ ଜାରି କରିଛି । ସେହିପରି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ମଧ ନୋଟିସ ଜାରି କରି ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେପ୍ଟେମ୍ବର ୨୩ ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

# ବାଲିଗୁଡ଼ା ଅଞ୍ଚଳରେ ନେଟୱର୍କ ବାଧାପ୍ରାପ୍ତ : ସମସ୍ୟାରେ ଗ୍ରାହକ

**ବାଲିଗଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ କାଟିଙ୍ଗିଆ ପଞ୍ଚାୟତର ମିଞ୍ଜାପଙ୍କାରେ ଜିଓ ନେଟୱର୍କ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିରହିଛି । ଦୀର୍ଘ ଦିନ ଧରି ନେଟୱର୍କ ଠିକ୍ ଭାବରେ କାମକରୁ ନ ଥିବାରୁ ଗ୍ରାହକଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ବାରମ୍ବାର ଅଭିଯୋଗ ହେବାପରେ ମଧ କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନଥିବାରୁ ଅଞ୍ଚଳର ଜିଓ ଗ୍ରାହକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି । ଅଞ୍ଚଳରେ ସଂଖ୍ୟାଧିକ ଗ୍ରାହକ ରହିଥିବା ବେଳେ ନେଟୱର୍କ କାମ କରୁନଥିବାରୁ ବିଭିନ୍ନ ଜରୁରୀ କାଳୀନ ସେବା ବାଧାପ୍ରାପ୍ତ ହୋଇଛି । ସ୍କୁଲ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବ୍ୟାଙ୍କ ସେବା, ବିଭିନ୍ନ ପ୍ରକାର ଅନ୍‌ଲାଇନ ସେବା ସମ୍ପୂର୍ଣ୍ଣ ପ୍ରଭାବିତ ହେଉଛି ।

## ସଡ଼କ ଦୁର୍ଘଟଣା ଓ ଲୁଟତରାଜ ରୋକିବା ପାଇଁ

# ମଣ୍ଡୁଆ-ନରଣପୁର ରାସ୍ତାକୁ ବ୍ଲାକ୍‌ସ୍ପଟ୍ ଚିହ୍ନଟ କରାଯାଉ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ନରଣପୁର ପଞ୍ଚାୟତ ଅନ୍ତର୍ଗତ କପିଳେଶ୍ୱର ବିହାର ନିକଟରେ ମୁଖ୍ୟ ସଡକ ଉପରେ ବାରମ୍ବାର ଦୁର୍ଘଟଣାରେ ପ୍ରଣାହାନୀ ଘଟୁଥିବା ବେଳେ ଅନେକ ଲୋକେ ଦୁର୍ଘଟଣା ଜନିତ ଅକ୍ଷମ ହୋଇ ଯାଉଛନ୍ତି । ଅନେକଙ୍କ ଘରେ ଆର୍ଥିକ ସ୍ଥିତି ଭାଙ୍ଗି ଚୁରମାର ହୋଇ ଯାଉଥିବା ବେଳେ ଅନେକ ଘରର ରୋଜଗାର ବାଧାପ୍ରାପ୍ତ ହେଉଛି । ଏହାକୁ ଆଖି ଆଗରେ ରଖି କପିଳେଶ୍ୱର ବିହାର ଲେଫେୟାର ସୋସାଇଟିର ପ୍ରମୁଖ ସଦସ୍ୟ ଜିଲାପାଳଙ୍କ ଜନଶୁଣାଣୀରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ମଣ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ନରଣପୁର ପଞ୍ଚାୟତ ପର୍ଯ୍ୟନ୍ତ ରାସ୍ତାରେ ପ୍ରତି ସମୟରେ ଦୁର୍ଘଟଣା ଘଟୁଥିବାରୁ ଏହି ରାସ୍ତାର ବୈଷୟିକ ଯାଞ୍ଚ କରାଯାଇ ଏହାର କାରଣ ଖୋଜିବା ସହିତ ଏହି ରାସ୍ତାକୁ ବ୍ଲାକସ୍ପଟ୍ ଚିହ୍ନିତ କରିବା ପାଇଁ ଏହି ଦାବି ପତ୍ରରେ ଦର୍ଶାଯାଇଛି । କେନ୍ଦୁଝର ସହର ଉପକଣ୍ଠରେ ରହିଥିବା ଏହି କ୍ଷେତ୍ର ବହୁଳ ତଥା ବ୍ୟସ୍ତପୂର୍ଣ୍ଣ ଯାତାୟାତ ଅଞ୍ଚଳ ହୋଇଥିବାରୁ ଏହି ରାସ୍ତା ଉପରେ ଧଳା ପ୍ଲାଷ୍ଟିକ ପେଣ୍ଟ ମାଧମରେ ବହୁ ସଂଖ୍ୟାରେ ଜେବ୍ରା ମାର୍କୀଙ୍ଗ କରାଗଲେ ଦ୍ରୁତଗତିକୁ ରୋକାଯିବା ସହିତ ଲୋକଙ୍କ ଯାତାୟାତକୁ ସୁରକ୍ଷିତ କରାଯାଇ ପାରନ୍ତା । ରାସ୍ତା ପାର୍ଶ୍ୱରେ ଢଳି ପଡିଥିବା ଅନେକ ରାସ୍ତା ସୁରକ୍ଷା ସମ୍ପର୍କିତ ଗ୍ଲୋ ସାଇନ ବୋର୍ଡ ଲଗାଇବା ସହ ରାସ୍ତା ପାର୍ଶ ଅବରୋଧକୁ ସମ୍ପୂର୍ଣ୍ଣ ହଟାଇବା ପାଇଁ ଦାବି କରାଯାଇଛି । ନରଣପୁର ରେଳ ଷ୍ଟେସନରୁ ବିଳମ୍ବିତ ରାତିରେ ଟ୍ରେନରୁ ଓହ୍ଲାଇ ଯାତ୍ରୀମାନେ କେନ୍ଦୁଝରକୁ ଚାଲି ଚାଲି ଆସିଥାନ୍ତି । ଅନେକ ସମୟରେ ଅନ୍ଧାରର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତିମାନେ ଯାତ୍ରୀଙ୍କୁ ଲୁଟିବା ଅଭିଯୋଗ ଅନେକ ସମୟରେ ହୋଇ ଆସୁଥିବା ବେଳେ ଭୟଙ୍କର ବିଷଧର ସାପଙ୍କ ଚଳପ୍ରଚଳ ଦୃଷ୍ଟିକୁ ଆସିଥାଏ । ଏହି ରାସ୍ତାରେ ସଂଧ୍ୟା ପରେ ଅନେକ ଦୁର୍ଘଟଣା ଘଟୁଥିବାରୁ ମଣ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ନରଣପୁରର ନେଙ୍କଡ଼ାଘର ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ହାଇମାଷ୍ଟ ଲାଇଟ୍ ଯୋଗେ ଆଲୋକୀକରଣ କରାଯିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ କପିଳେଶ୍ୱର ଲେଫେୟାର ସୋସାଇଟିର ସଦସ୍ୟ ଦାବି କରିଛନ୍ତି । ସୂଚନା ଅନୁସାରେ ଜିଲ୍ଲାପାଳ ଏହି କାର୍ଯ୍ୟର ତ୍ୱରିତ ସମାଧାନ ପାଇଁ ଆବଶ୍ୟକୀୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜଣାପଡ଼ିଛି ।

# ବର୍ଷାରେ ଫ୍ୟାକ୍ଟ୍ରି କାନ୍ଥ ଭୁଶୁଡ଼ି ୩ ଶ୍ରମିକ ମୃତ

**ଜୋଧପୁର**

ଭୀଷଣ ବର୍ଷାରେ ବୋରାନାଡା ଥାନା ଅଞ୍ଚଳରେ ଥିବା ଏକ ଫ୍ୟାକ୍ଟ୍ରିର କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ଏହା ତଳେ ପ୍ରାୟ ୧୩ ଜଣ ଶ୍ରମିକ ଚାପି ହୋଇ ରହିଯାଇଥିଲେ । ତନ୍ମଧ୍ୟରୁ ତିନି ଜଣଙ୍କର ମୃତ୍ୟୁ ଘଟିଛି । ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଅନ୍ୟମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଏମଏମଡିଏମ ହସ୍ପିଟାଲକୁ ପଠା ଯାଇଛି । ସେଠାରେ ଆହତ ଶ୍ରମିକ ମାନଙ୍କ ଚିକିତ୍ସା ଚାଲିଛି । ମୃତ ଦୁଇ ଶ୍ରମିକଙ୍କ ଶବକୁ ଏମ୍ସ ହସ୍ପିଟାଲର ମୋର୍ଚରୀରେ ଏବଂ ମୃତ ଅନ୍ୟ ଜଣକ ଶବକୁ ଏମଡିଏମ୍ ମୋର୍ଚରିରେ ରଖାଯାଇଛି । ମୃତାହତ ଶ୍ରମିକମାନେ ଘର କୋଟା ଏବଂ ମଧ୍ୟପ୍ରଦେଶରେ ବୋଲି ଜଣାପଡ଼ିଛି ।

# କୋଟି କୋଟି ଟଙ୍କାର ସୌନ୍ଦର୍ଯ୍ୟକରଣ ଅକାମୀ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ସହରରେ ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇ ଭିନ୍ନ ଭିନ୍ନ ସ୍ତରରେ ଅଧ ଡ଼ଜନେ ଜଳ ଫୁଆରା ସ୍ଥାପନ କରାଯାଇଥିଲା । ସବ୍‌ରେଜିଷ୍ଟ୍ରାର ଅଫିସ୍ ଛକସ୍ଥିତ ୱାଟର ଫାଉଣ୍ଟେନ୍ ଠାରୁ ଆରମ୍ଭ କରି ଏମ୍‌କେସିଜି ସମ୍ମୁଖ ଗେଟ୍‌ରେ ଥିବା ମ୍ୟାଜିକ୍ ଫାଉଣ୍ଟେନ୍ ପର୍ଯ୍ୟନ୍ତ ସବୁଗୁଡ଼ିକ ଅବ୍ୟବସ୍ଥିତ, ଅପରିଷ୍କାର ଓ ଅସଂରକ୍ଷିତ ହୋଇପଡ଼ିଛି । କେଉଁ ପ୍ରକଳ୍ପକୁ ୫ ବର୍ଷ ହେଲାଣି ଆଉ କେଉଁଟାକୁ ୭ ବର୍ଷ । ନେତା ଯେଉଁ ଅବସ୍ଥାରେ ଉଦ୍‌ଘାଟନ କରି ଯାଇଥିଲେ ସେମିତି ରହିଛି । ଏକତା ରଙ୍ଗୀନ୍ ଲାଇଟ୍ ଓ ଜଳ ଫୁଆରାରେ ସୁନ୍ଦର ଦେଖାଯାଉଥିବା ବ୍ରହ୍ମପୁର ସହର ଏବେ ପରିତ୍ୟକ୍ତ ପ୍ରକଳ୍ପର ରାଜଧାନୀ ପରି ଲାଗୁଛି । ଏମିତି ଚାଲିଛି ବ୍ରହ୍ମପୁରରେ ସହର ସୌନ୍ଦର୍ଯ୍ୟକରଣ । କୋଟିଏ ଟଙ୍କାର ପ୍ରକଳ୍ପ ବନ୍ଦ ପଡ଼ିଛି । ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନକୁ ଛାଡ଼ି ଆଉ ସମସ୍ତ ପ୍ରକଳ୍ପ ରକ୍ଷଣାବେକ୍ଷଣ ଆବଶ୍ୟକ ହୋଇପଡ଼ିଛି । ବ୍ରହ୍ମପୁର ସବ୍-ରେଜିଷ୍ଟ୍ରାର ଛକରେ ମାର୍ଚ୍ଚ ୨୦୧୯ ରେ ନିର୍ମାଣ ହୋଇଛି ସେଲ୍‌ଫି ପଏଣ୍ଟ ଆଇ ଲଭ୍ ବ୍ରହ୍ମପୁର । ୧୨୦୦ ବର୍ଗଫୁଟ ଅଞ୍ଚଳରେ ପ୍ରାୟ ୧୪ ଲକ୍ଷ ଟଙ୍କା ବ୍ୟୟରେ ଏହି ସୌନ୍ଦର୍ଯ୍ୟକରଣ କାରୁକାର୍ଯ୍ୟ କରା ଯାଇଛି । ଲାଇଟ୍ ଫାଉଂଟେନ୍ ସାଙ୍ଗକୁ ଭଳିକି ଭଳି ପଶୁଙ୍କ ପ୍ରତିକୃତି ସ୍ଥାପନ ହୋଇଛି । ଏବେ ସେଠାରେ ଥିବା ପ୍ରତିକୃତି ଉପରେ ଲଟା ମାଡ଼ି ଗଲାଣି । ଫାଉଣ୍ଟେନ୍‌ରୁ ପାଣି ଝରୁନି । ଅପରିଷ୍କାର ହୋଇ ପଡ଼ିଛି ଏବଂ ସେଥିରୁ ଦୁର୍ଗନ୍ଧ ବାହାରୁଛି । ବର୍ଷା ଦିନେ ବି ଝରଣା ଶୁଖିଲା ପଡ଼ିଛି । ଏହାକୁ ଆକର୍ଷଣୀୟ କରିବାକୁ ଲଗା ଯାଇଥିବା ଲାଇଟ୍ ବି ଠିକ୍ ଭାବେ ଜଳୁନି । ମାତ୍ର ୫ ବର୍ଷ ପୂର୍ବରୁ ୧୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଅବସ୍ଥା ଏବେ ଏପରି ହୋଇପଡ଼ିଛି । ସେହି ମାର୍ଚ୍ଚ ୨୦୧୯ରେ ସହରର ପ୍ରମୁଖ ସେଲ୍‌ଫି କର୍ଣ୍ଣର ଭାବେ ମ୍ୟାଜିକ୍ ଫାଉଣ୍ଟେନ୍ ଉଦ୍‌ଘାଟନ ହୋଇଥିଲା । ସହରକୁ ସୁନ୍ଦର କରିବାକୁ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସପିଟାଲ୍ ସାମ୍ନାରେ ବିଏମ୍‌ସି ସ୍ଥାପନ କରିଥିଲା ମ୍ୟାଜିକ୍ ଫାଉଣ୍ଟେନ୍ । ଝୁଲନ୍ତା ଟ୍ୟାବ୍‌ରୁ ଅନବରତ ଝରୁଥିଲା ପାଣି । ଏହାର ନିର୍ମାଣରେ ଖର୍ଚ୍ଚ ହୋଇଛି ୧୨ ଲକ୍ଷ ୮୭ ହଜାର ଟଙ୍କା । ଫାଉଣ୍ଟେନ୍ ଚାରିପାଖରେ ଥିବା ଘାସ ଗାଲିଚା ଟାଙ୍ଗରା ହୋଇଗଲାଣି । କାରଣ ଏହା ଚାରିପାଖେ ଥିବା ଲୁହାବାଡ଼ ଅତିକ୍ରମ କରି ପ୍ରତିଦିନ ଗାଈ, ଷଣ୍ଢ ଭିତରକୁ ପଶୁଛନ୍ତି । ଭିତରେ ଥିବା ଗାଲିଚାରୁ ଘାସ ଖାଇ ଖାଇ ସାରିଦେଲେଣି । ଘାସ କଅଁଳିବାକୁ ସୁଯୋଗ ଦେଉନାହାନ୍ତି ବୁଲା ଗାଈଗୋରୁ । ବିଶେଷ ରକ୍ଷଣାବେକ୍ଷଣ ଆବଶ୍ୟକ ନଥିବା ଏହି ପ୍ରକଳ୍ପ ବି ନିର୍ମାଣ ପରଠୁ ଅଣଦେଖା ହୋଇ ରହିଛି । ଦୁଇ ମାସ ହେବ ମ୍ୟାଜିକ୍ ଫାଉନ୍‌ଟେନ୍ ଗାୟବ ହୋଇଯାଇଛି । ମରାମତି ପାଇଁ ବିଏମସି ହଟାଇଥିବା କୁହାଯାଉଛି । ମାତ୍ର ଦୁଇ ମାସ ଅତିକ୍ରମ ପରେ ବି ଏହା ମରାମତି ହୋଇପାରିନି । ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନ ଅବସରରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଜଳ ଫୁଆରା ସହ ବିଭିନ୍ନ ପ୍ରତିକୃତି ସ୍ଥାପନ କରାଯାଇଥିଲା । ରକ୍ଷଣାବେକ୍ଷଣ ଅଭାବରୁ ଶୁଆ ପ୍ରତିକୃତି ମଳିନ ପଡ଼ିଗଲାଣି ଏବଂ ବଗ ଦେହରୁ ରଙ୍ଗ ଛାଡ଼ି ଗଲାଣି । ସେହିଭଳି କମାପଲ୍ଲୀ ଛକ ବୋଟ୍ ଫାଉନ୍‌ଟେନ୍ ସ୍ଥାପନର ଦୀର୍ଘ ପାଞ୍ଚ ବର୍ଷ ଭିତରେ ବିଏମ୍‌ସି ଥରେ ହେଲେ ବି ରକ୍ଷଣାବେକ୍ଷଣ କରିନଥିବା ଅଭିଯୋଗ ହୋଇଛି । ସହରର ଅନ୍ୟାନ୍ୟ ଫାଉନଟେନ୍ ଭଳି ଏହା ବି ଅଚଳାବସ୍ଥାରେ ପଡ଼ିଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଗୋଟିଏ ଗୋଟିଏ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଏବେ ସହରର ସୁନ୍ଦରତା ହ୍ରାସ କରୁଛି । ନିୟମିତ ତଦାରଖ ଅଭାବ ଏ ସମସ୍ତ ପ୍ରକଳ୍ପ ଅବକ୍ଷୟର କାରଣ ବୋଲି ଲୋକ କହୁଛନ୍ତି । ଏ ବାବଦରେ ବିଏମ୍‌ସି କମିଶନରଙ୍କ ପ୍ରତିକ୍ରିୟା ମିଳିନଥିବା ବେଳେ ଯାନ୍ତ୍ରିକ ବିଭାଗ କିଛି ଜାରିନଥିବା କହୁଛି ।





# ଖଣି ମାଫିଆଙ୍କ ଯୋଗୁ ବିପଦରେ ଚିରସ୍ରୋତା ତେଲ ନଦୀ



**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲାରେ ଲଘୁ ଖଣି ମାଫିଆଙ୍କ ବେଆଇନ୍ କାର୍ଯ୍ୟ ବଢ଼ି ଚାଲିଛି । ସେମାନଙ୍କ ମନମୁଖି କାରବାର ଯୋଗୁଁ ପରିବେଶକୁ ବହୁ ମୂଲ୍ୟ ଦେବାକୁ ପଡୁଛି । ବେଆଇନ୍ ଲଘୁ ଖଣି ଖନନ ଯୋଗୁଁ ନଦୀର ଗତିପଥ ବଦଳିବା ବି ଆଶଙ୍କା ସୃଷ୍ଟି ହେଲାଣି । କେବଳ ବଲାଙ୍ଗୀର ଜିଲ୍ଲା ପରିସୀମାରେ ତେଲ ନଦୀର ଉଭୟ ପାର୍ଶ୍ୱରେ ୫୭ କିଲୋମିଟର ପର୍ଯ୍ୟନ୍ତ ଆଡ଼ିବନ୍ଧ ଯୋଜନା ଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇନାହିଁ । ବଲାଙ୍ଗୀର ଜିଲ୍ଲାର ତୁଷୁରାରୁ ବୌଦ୍ଧ ଜିଲ୍ଲା କଣ୍ଟାମାଳ ପର୍ଯ୍ୟନ୍ତ ତେଲ ନଦୀ କୂଳ ଅବକ୍ଷୟ ହେବାକୁ ଲାଗିଛି । ଏଠାରେ ପାଖାପାଖି ୨୫ କିଲୋମିଟର ଯାଏ ତେଲ ନଦୀର ପାର୍ଶ୍ୱରେ ଜଙ୍ଗଲ ଓ ମୋରମ୍ ପାହାଡ଼ ଭରି ରହିଛି । ଜଙ୍ଗଲ ଓ ଦୁର୍ଗମ ଅଞ୍ଚଳ ଥିବାରୁ ଏଠାରେ ଅଧିକାରୀଙ୍କ ପାଦ ପଡୁନାହିଁ । ଯାହାର ସୁଯୋଗ ନେଇ ତେଲ ନଦୀର ପ୍ରାକୃତିକ ହିଡ଼କୁ ଖୋଳି ମୋରମ ଚାଲାଣ ଜାରି ରହିଛି । ଫଳରେ ବନ୍ୟାପାଣି ମାଡ଼ରେ ହିଡ଼ ଖାଇଗଲାଣି । ଏହାକୁ ରୋକାଯିବା ପାଇଁ କୌଣସି ସ୍ଥାନରେ ବନୀକରଣ ଯୋଜନା ମଧ୍ୟ ନାହିଁ । ବରଂ ଲଘୁଖଣି ମାଫିଆମାନେ ନଦୀକୂଳରେ ଥିବା କ୍ଷୁଦ୍ର ଜଙ୍ଗଲ କାଟି ପଦା କରିଦେଉଛନ୍ତି । ବର୍ତ୍ତମାନ ବର୍ଷା ଋତୁରେ ନଦୀ ପୂର୍ଣ୍ଣଗର୍ଭା ଥିବାରୁ ପାଣି ମାଡ଼ରେ କୂଳ ଧସିଯାଉଛି । କେବଳ ତେଲ ନଦୀ ନୁହେଁ, ଜିଲ୍ଲାର ଅନ୍ୟ ନଦୀନାଳ ଗୁଡ଼ିକର ମଧ୍ୟ ସମାନ ଅବସ୍ଥା । ନଦୀନାଳ ଗୁଡ଼ିକର ଉଭୟ ପାର୍ଶ୍ୱରେ ୮୮୮ କିଲୋମିଟର ଆଡ଼ିବନ୍ଧ କରିବାକୁ ଯୋଜନା ରହିଛି । କିନ୍ତୁ ବର୍ତ୍ତମାନ ଯାଏ ମାତ୍ର ୧୮୦ କିଲୋମିଟର ଆଡ଼ିବନ୍ଧ ସମ୍ପୂର୍ଣ୍ଣ ହୋଇଛି । ଅର୍ଥାତ୍ ୭୦୭ କିଲୋମିଟର ଆଡ଼ିବନ୍ଧ କାମ ଆରମ୍ଭ ହୋଇନାହିଁ । ଯାହାଦ୍ୱାରା ନଦୀନାଳ ଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ରହିଛି ।

# ଟ୍ରାନ୍ସଫର୍ମର ଚାରିପଟେ ନାହିଁ ବାଡ଼:ଲୋକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ସହରରୁ ଅଳ୍ପ ଦୂରରେ ଥିବା ହରିଡ଼ାଗୋଠ ଗ୍ରାମର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଟାଟା ପାୱାରର ଟ୍ରାନ୍ସଫର୍ମର ବସାଯାଇ ବିଦ୍ୟୁତ ସରବରାହ କରାଯାଉଛି । କିନ୍ତୁ ଏହି ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ଦିଗରେ କୌଣସି ପ୍ରକାର ବ୍ୟବସ୍ଥା କରାଯାଇନାହିଁ । ହାତ ପାଆନ୍ତାରେ ଅସୁରକ୍ଷିତ ଭାବରେ ବିଦ୍ୟୁତ ତାର ସବୁ ମୁକୁଳା ଦେଖାଯାଉଛି । ଏପରିକି ଏହି ଟ୍ରାନ୍ସଫର୍ମର ଚାରିପାଖର ଜଙ୍ଗଲମୟ ପରିବେଶକୁ ଆଦୌ ସଫା କରାଯାଉନାହିଁ । ଯାହାଫଳରେ ଗୃହପାଳିତ ପଶୁମାନେ ଖାଦ୍ୟ ଅନ୍ୱେଷଣରେ ଯାଇ ଅନେକ ସମୟରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହେଉଛି । ହାରିଡ଼ାଗୋଠ ଗ୍ରାମର କୁନି କୁନି ପିଲାମାନେ ନିକଟସ୍ଥ ପଡ଼ିଆରେ ଖେଳା ଖେଳି କରୁଥିବାରୁ କୌଣସି ଦୁର୍ଘଟଣା ଆଶଙ୍କା କରି ଲୋକେ ଭୟଭୀତ ହେଉଛନ୍ତି । ଏପରିକି ପାଖରେ ମଧ୍ୟ ସ୍କୁଲ୍ ରହିଥିବାରୁ କେବେ କିଛି ଅଘଟଣ ଆଶଙ୍କା କରି ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ସୁରକ୍ଷା ବାଡ଼ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏହି ଷ୍ଟ୍ରକ୍ଚରରେ ଖୁବ୍ ତଳେ ହାତ ପାଇବା ଭଳି ଜାଗାରେ ବିଦ୍ୟୁତ୍ ସଂଯୋଗ ଥିବା ବିଦ୍ୟୁତ୍ ତାର ସବୁ ମୁକୁଳା ରହିଥିବା ଯୋଗୁ ଅଘଟଣର ଆଶଙ୍କା ରହିଥିବା ଗ୍ରାମବାସୀ କହିଛନ୍ତି । ଟାଟା ପାୱାର ତରଫରୁ ଏହି ଟ୍ରାନ୍ସଫର୍ମର ଲାଗିଥିବା ସ୍ଥାନକୁ ଅନୁଧ୍ୟାନ କରି ତା ଚାରିପାଖରେ ସୁରକ୍ଷା ବାଡ଼ ଲଗାଯିବାର ବ୍ୟବସ୍ଥା କରିବା ପାଇଁ ହରିଡ଼ାଗୋଠ ଗ୍ରାମର ସାଧାରଣ ଲୋକଙ୍କ ତରଫରୁ ଦାବି ହେଉଛି ।



# ଡକାୟତି ଉଦ୍ୟମ ପଣ୍ଡ:୬ ଗିରଫ

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ଶନିବାର ବିଳମ୍ବିତ ରାତିରେ ଏକ ଡକାୟତି ଦଳ ସମଲେଶ୍ୱରୀ କୋଇଲା ଖଣି ଅଞ୍ଚଳର ଏକ କମ୍ପାନୀରେ ଡକାୟତି କରିବା ଯୋଜନାରେ କତାବଗା ପାଣି ଟାଙ୍କି ଠାରେ ଏକତ୍ରିତ ହୋଇଥିବା ବେଳେ ହଠାତ୍ ବ୍ରଜରାଜନଗର ପୋଲିସ ସଦଳବଳ ଘଟଣାସ୍ଥଳରେ ଚଢ଼ଉ କରି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ରାମ ପ୍ରସାଦ ମହତୋ ଓରଫ ସଉ, ଅଶୋକ ସିଂହ, ତୁଷାର ମହାନନ୍ଦ ଓରଫ ଚୈଇତୁ, ମୋହନ ସିଂହ, ସୁରଜ ସିଂହ ଓରଫ ବଜରଙ୍ଗି, ନିଲ ସିଂହ ଓରଫ ରାଜ । ଚଢ଼ଉ ବେଳେ ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଦୁଇଟି ଭୁଜାଲି, ୩ଟି ଲୁହା ଛଡ଼ ଓ ୪ଟି ଟର୍ଚ୍ଚ ଜବତ କରିଛି । ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶନିବାର ରାତିରେ ଏସ୍ଆଇ ପିକେ ସାହୁ ପାଟ୍ରୋଲିଂ କରୁଥିବା ସମୟରେ ସମଲେଶ୍ୱରୀ କୋଇଲା ଖଣି ଅଞ୍ଚଳରେ ପେଶାଦାର ଅପରାଧୀ ରାମ ପ୍ରସାଦ ମହତୋ ଓରଫ ସଉ, ତୁଷାର ମହାନନ୍ଦ ଓରଫ ଚୈଇତୁ ନିଜର କେତେକ ସହଯୋଗୀଙ୍କ ସହ ଏକାଠି ହୋଇ ମାରଣାସ୍ତ୍ର ସହିତ ଡକାୟତି କରିବାର ଯୋଜନା କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ପୋଲିସ ତରଫରୁ ଚଢ଼ଉ କରାଯାଇ ୬ ଜଣଙ୍କୁ ଗିରଫ କରାଯାଇଲା । ପଚରାଉଚରା କରିବାରୁ ସମଲେଶ୍ୱରୀ କୋଇଲା ଖଣି ଅଞ୍ଚଳର ଏକ କମ୍ପାନୀରେ ଡକାୟତି କରିବା ଯୋଜନା କରୁଥିବା ସେମାନେ କହିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ଆଲୋଚନା ବିଫଳ:ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ

**କୋରାପୁଟ, ନ୍ୟୁଜ୍**

ବାରମ୍ବାର ଆଲୋଚନା ହେଉଛି । ଜିଲ୍ଲା ପ୍ରଶାସନ, ହାଲ ଅଧିକାରୀ ଏବଂ ପୁନଃ ବିସ୍ଥାପନ ହେବାକୁ ଥିବା ୩ଟି ଗ୍ରାମର ଗ୍ରାମବସୀଙ୍କ ମଧ୍ୟରେ ଆଲୋଚନା ହେଉଛି କିନ୍ତୁ କିଛି ନିର୍ଯାସ ବାହାରିପାରୁନାହିଁ । ଗତ ୧୫ଦିନ ମଧ୍ୟରେ ଦୁଇ ଦୁଇ ଥର ଆଲୋଚନା ଅନୁଷ୍ଠିତ ହୋଇଥିଲା । କିନ୍ତୁ କିଛି ସୁଫଳ ମିଳିପାରିଲାନାହିଁ । ସୁନାବେଡ଼ା ହାଲ (ଏଚଏଏଲ) ଦ୍ୱାରା ୧୯୬୩ ମସିହାରେ ବିସ୍ଥାପିତ ହେବାପରେ ସ୍ଥାନାଭାବରୁ ପ୍ରାୟ ୧୯୭୨ ବେଳକୁ ହାଲ ଅଧିକୃତ ଜମି ମଧ୍ୟରେ ବସବାସ କରିଆସୁଛନ୍ତି । ପାଂଗିଗୁଡା, ଥାଲାପୁଟ ଓ ସିନ୍ଧିପୁଟ ଏହି ୩ଟି ଗ୍ରାମ । ଇତି ମଧ୍ୟରେ ପ୍ରାୟ ୫୦ ବର୍ଷ ପୁରିଲାଣି । ଏହି ୩ଟି ଗାଁ କେନ୍ଦ୍ର ସରକାରଙ୍କ ହାଲ ଅଧିକୃତ ଜମି ମଧ୍ୟରେ ବର୍ତ୍ତମାନ ସୁଦ୍ଧା ରହିଥିବାରୁ ଏହାକୁ ନେଇ ହାଲ ବିସ୍ଥାପିତ ସଂଘ ଓ ହାଲ ମଧ୍ୟରେ ବିବାଦ ଲାଗି ରହିଛି । ଏପରିକି ଉଚ୍ଚ ନ୍ୟାୟଳୟରେ ମାମଲା ରୁଜୁ କରାଯାଇଥିଲା । ଏହି ୩ଟି ଗ୍ରାମର ଲୋକଙ୍କୁ ପୁନଃ ବିସ୍ଥାପିତ କରିବା ପାଇଁ ହାଲ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନ ସହାୟତାରେ ସୁବନାବେଡା ଠାରୁ ପ୍ରାୟ ୫ କିଲୋମିଟର ଦୂର ମହୋନପଡା ଗ୍ରାମ ନିକଟରେ ଏକ ପାହାଡ ଉପରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ପୁନର୍ବାସ ଥଇଥାନ କେନ୍ଦ୍ର ନିର୍ମାଣ କରାଯାଇଛି । ୧୯୧୪ ମସିହାରୁ ଏହା ନିର୍ମାଣ ହୋଇଥିବା ବେଳେ, ଏବେ ଏହାର ରୂପରେଖ ବଦଳି ଯାଇଛି । ପୁନର୍ବାସ ଥଇଥାନ କେନ୍ଦ୍ର ଏବେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଘର ଗୁଡିକ ଭାଙ୍ଗି ରୁଜି ଗଲାଣି । କବାଟ ଝରକା ଆଦି ଚୋରି ହୋଇଯାଇଛି । ପୁନର୍ବାସ ଥଇଥାନ କଲୋନୀକୁ ଯିବା ପାଇଁ ଏ ଯାଏଁ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ । ଏପରି ସ୍ଥଳେ ବିସ୍ଥାପିତ ଲୋକେ ସେଠାକୁ ଯିବାକୁ ନାରାଜ । ସେଠାରେ କୌଣସି ପ୍ରକାର ସୁବିଧା ନଥିବା ଏପରିକି ଚାଷ ଜମି ପ୍ରଦାନ କରାଯାଉ ନଥିବା ଯୋଗୁଁ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡିବା ଅଭିଯୋଗ କରିଛନ୍ତି ହାଲ ବିସ୍ଥାପିତ ସଂଘ ସଭାପତି ତ୍ରିଲୋଚନ ମୁଦୁଲି । ଦିର୍ଘବର୍ଷ ଧରି ସୁନାବେଡା ହାଲ ଏବଂ ହାଲ ବିସ୍ଥାପିତ ସଂଘ ମଧ୍ୟରେ ଶୀତଳ ବିବାଦ ଲାଗି ରହିଛି । ଏପରିକି ମାମଲା କୋର୍ଟ ଯାଏଁ ଗଲାଣି । ତଥାପି କେହି କାହାକୁ କମ୍ ନୁହନ୍ତି । ଏହାର ସମାଧାନ ପାଇଁ ଜିଲ୍ଲାପ୍ରଶାସନ ଏବଂ ହାଲ ବିସ୍ଥାପିତ ସଂଘ ମଧ୍ୟରେ ଅନେକ ଥର ଆଲୋଚନା ହୋଇସାରିଲାଣି । ବର୍ତ୍ତମାନ କ୍ଷେତ୍ରରେ ଗତ ୧୫ ଦିନ ମଧ୍ୟରେ ଦୁଇ ଦୁଇ ଥର ଆଲୋଚନା ହୋଇଥିଲା । କିନ୍ତୁ କିଛି ସୁଫଳ ମିଳିଲା ନାହିଁ । ବିସ୍ଥାପିତ ଲୋକେ ପୁନର୍ବାସ ଥଇଥାନ କଲୋନୀକୁ ଯିବାକୁ ନାରାଜ । ସେମାନଙ୍କ ସହମତି ବିନା ଏହିଭଳି କାର୍ଯ୍ୟ କରାଯାଇଥିବାରୁ ଏହାକୁ ଘୋର ବିରୋଧ କରିଛନ୍ତି ବିସ୍ଥାପିତ ସଂଘ । ଅନ୍ୟ ପକ୍ଷରେ ହାଲ ଯେତିକି ଜମି ଅଧିଗ୍ରହଣ କରିଛି ସେଥିମଧ୍ୟରୁ ବଳକା ଜମି ବିସ୍ଥାପିତ ମାନଙ୍କୁ ଫେରାଇବାକୁ ଦାବି କରିଛି ବିସ୍ଥାପିତ ସଂଘ । ଏପରି କ୍ଷେତ୍ରରେ ସୁରକ୍ଷା କାନ୍ଥ ନିର୍ମାଣ ଆଳରେ ଆଗକୁ ଯଦି ଜୋର୍ ଜବରଦସ୍ତ କରାଯାଏ ତେବେ ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ ବୋଲି କହିଛନ୍ତି ବିସ୍ଥାପିତ ସଂଘ । ଦିର୍ଘ ବର୍ଷ ଧରି ଏହିପରି ବିବାଦ ଲାଗି ରହିଥିବା ଯୋଗୁଁ ପରିବେଶ ସଦାବେଳେ ଅଶାନ୍ତ ହୋଇ ରହୁଛି । ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ମଧ୍ୟ କୁହୁଳିବାରେ ଲାଗିଛି । ଏପରି କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ସମସ୍ତଙ୍କୁ ସୁହାଇଲା ଭଳି ପଦକ୍ଷେପ ଗ୍ରହଣ କରାଯାଇପାରିଲେ ଏହି ବିବାଦର ସମାଧାନ ହେବା ଆଶା କରାଯାଉଛି ।




# ଓଡ଼ିଆ ସାହିତ୍ୟରେ ରାଷ୍ଟ୍ରବାଦୀ ଚେତନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମିଶନ ରୋଡ଼ ସ୍ଥିତ ଭଞ୍ଜମଣ୍ଡପ ଠାରେ କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ଆନୁକୂଲ୍ୟରେ 'ଓଡ଼ିଆ ସାହିତ୍ୟରେ ରାଷ୍ଟ୍ରବାଦୀ ଚେତନା' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପ୍ରଥମେ କଳିଙ୍ଗଭାରତୀର ଦିବଂଗତ ଉପସଭାପତି ଡା. କବିପ୍ରସାଦ ମିଶ୍ରଙ୍କ ୮୫ତମ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଭାତ କୁମାର ନନ୍ଦ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜାତୀୟବୋଧ କବିତା ଉପରେ ଆଲୋଚନା କରିଥିଲେ । ଡାକ୍ତର ଅଂଶୁମାନ କର କଳିଙ୍ଗପ୍ରାଣ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ରାଷ୍ଟ୍ରବାଦୀ ଉଦ୍‌ବୋଧନ ଓ ପଦ୍ୟାବଳୀ ଉପରେ ଆଲୋଚନା କରିଥିଲେ । ସଭାପତି ଡା. ଶୈଳେଶ୍ୱର ନନ୍ଦ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ୱାଧୀନତା ସଂଗ୍ରାମ ଓ କବିତା ଦ୍ୱାରା ଜନ ଉଦ୍‌ବୋଧନ ବିଷୟରେ ଆଲୋଚନା କରିଥିଲେ । ଚନ୍ଦ୍ରଶେଖର ଶତପଥୀ ଓ ରଶ୍ମି ସାଠୁଆ ଆଦି ସାହିତ୍ୟ ଅନୁରାଗିମାନେ ଉପସ୍ଥିତ ଥିଲେ ।




# ରାସ୍ତାରେ ଜଳିଗଲା ବୁଲେଟ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବଡହାଟ ନିକଟରେ ରାସ୍ତା ଉପରେ ଥିବା ଏକ ବୁଲେଟ୍‌ରେ ହଠାତ୍ ନିଆଁ ଲାଗି ହୁ ହୁ ହୋଇ ଜଳୁଥିବାର ଦେଖିବାକୁ ମିଳିଛି । ବଜାରକୁ ସଉଦା କିଣିବାକୁ ଆସିଥିବା ଜଣେ ବ୍ୟକ୍ତି ରାସ୍ତା କଡରେ ଗାଡି ଥୋଇ ଯିବାର ୫ ମିନିଟ୍ ପରେ ଗାଡିଟିରେ ହଠାତ୍ ନିଆଁ ଲାଗିଯାଇଥିଲା । ଧିରେ ଧିରେ ନିଆଁ ବ୍ୟାପିବାରୁ ସ୍ଥାନୀୟ ଲୋକେ ପାଣି ପକାଇ ଏହାକୁ ଲିଭାଇବାକୁ ଚେଷ୍ଟା କରିଥିଲେ । ନିଆଁ ନଲିଭିବାରୁ ସ୍ଥାନୀୟ ଏକ ଲୁଗା ଦୋକାନରୁ ନିଆଁ ଲିଭାଇବାର ଗ୍ୟାସ୍ ଆଣି ନିଆଁକୁ ଲିଭାଇ ଥିଲେ ।

# ପରକୀୟା ପ୍ରୀତିକୁ ନେଇ ଆକ୍ରମଣ:ସ୍ୱାମୀର ଲୁହାରଡ଼ ମାଡ଼ରେ ପ୍ରେମିକ ଗୁରୁତର

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ପରକିୟା ପ୍ରୀତିକୁ ନେଇ ଜନୈକ ଯୁବକଙ୍କ ଆକ୍ରମଣରେ ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଆହତ ଯୁବକ ଜଣକ ହେଲେ ପାରାଦ୍ୱୀପ ଥାନା ବାଗଡିଆ ଗ୍ରାମର ବିଶିକେଶନ ସାହୁ । ଆକ୍ରମଣକାରୀ ଯୁବକ ଚୌଦ୍ୱାର ପୌରପାଳିକା ନୂଆସାହି ଗ୍ରାମର ନବ କିଶୋର ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ଅନୁଯାୟୀ କଟକ ସଦର ଥାନା ସଂଖତ୍ରାସ ଗ୍ରାମର ନବ କିଶୋର ଓ ତାଙ୍କ ପତ୍ନୀ ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହିରେ ରହୁଥିଲେ । ନବ ସ୍ଥାନୀୟ ଚୁଡାଖିଆ ବଜାରରେ ଏକ ଦୋକାନରେ କାମ କରନ୍ତି । ନବ ଘରେ ନଥିବାବେଳେ ବିଶିକେଶନ ନବଙ୍କ ଘରକୁ ଆସି ତାଙ୍କ ପତ୍ନୀଙ୍କ ସହିତ ଅନୈତିକ ସମ୍ପର୍କ ରଖିଆନ୍ତି । ବିଶିକେଶନ ଓ ପତ୍ନୀଙ୍କ ମଧ୍ୟରେ ଥିବା ଅନୈତିକ ସମ୍ପର୍କ ନବଙ୍କ ନଜରକୁ ଆସିବାରେ ସେ ବିଶିକେଶନକୁ ପାନେ ଦେବାପାଇଁ ମନେ ମନେ ସ୍ଥିର କରିଥିଲା । ବିଶିକେଶନ ଶନିବାର ପାରାଦୀପରୁ ଆସି ରାତି ପ୍ରାୟ ୯ଟା ସମୟରେ ନବ ଘରକୁ ଯିବା ବାଟରେ ଗଉଡ଼ସାହି ରାସ୍ତାର ଏକ ନିଛାଟିଆ ଜାଗାରେ ନବ ବିଶିକେଶନକୁ ଅଟାକଇଥିଲେ । ସେଠାରେ କିଛି ସମୟ ପାଇଁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବାପରେ ନବ ସାଙ୍ଗରେ ଆଣିଥିବା ଏକ ଲୁହା ରଡରେ ବିଶିକେଶନଙ୍କ ମୁଣ୍ଡକୁ ପିଟିଦେଇଥିଲେ । ଘଟଣାସ୍ଥଳରେ ବିଶିକେଶନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡିଯିବାରୁ ନବ ଘଟଣାସ୍ଥଳରୁ ଫେରାର୍ ହୋଇଯିବା ପାଇଁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ତାକୁ କାବୁ କରିନେଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ବିଶିକେଶନକୁ ଚିକିତ୍ସା ନିମନ୍ତେ କଟକ ବଡଡାକ୍ତରଖାନା ପଠାଇବା ସହିତ ନବକୁ ଗିରଫ କରିଥିଲେ । ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି ।

# ବାଘୁଆ ପାହାଡ଼ରୁ ବେଆଇନ୍ ପଥର ଲୁଟ୍:ଥାନାରେ ଏତଲା ରୁଜୁ କରିବ ଖଣି ବିଭାଗ !

**ଯାଜପୁର, ନ୍ୟୁଜ୍**



ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ଆଇନ୍ ଅନୁସାରେ ବେଆଇନ୍ ତଥା ଚୋରା ଲଘୁ ଖଣିଜ ଦ୍ରବ୍ୟ ପରିବହନ ନେଇ ଖଣି, ରାଜସ୍ୱ, ଜଙ୍ଗଲ ଓ ଗୃହ ବିଭାଗର କ୍ଷମତା ରହିଛି । ହେଲେ ପୋଲିସ ଓ ପ୍ରଶାସନ ରକ୍ଷକ ନହୋଇ ଭକ୍ଷକ ସାଜିଥିବାରୁ ବାଘୁଆ ପାହାଡ଼ ନାମରେ ପରଚିତ ଅଞ୍ଜିରା- ୭ ନମ୍ବର ଖାଦାନରୁ ରାଜ୍ୟ ବାହାରର କମ୍ପାନୀ ଓଡ଼ିଆ ଅସ୍ମିତାକୁ ଆଘାତ କରି ବହୁ କୋଟି ଟଙ୍କାର କଳାପଥର ଲୁଟି ନେଲେ । ଟ୍ରାନ୍‌ଜିଟ୍ ପାସ୍ ନଥାଇ ବେଆଇନ୍ କଳାପଥର ଚାଲାଣ ନେଇ ଖଣି ବିଭାଗ ତରଫରୁ ଥାନାରେ ଏତଲା ସହ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଇସ୍ପାତ ଓ ଖଣି ବିଭାଗ ତରଫରୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଖବରରୁ ପ୍ରକାଶ, ଏହି ଖାଦାନକୁ ହାଇଦ୍ରାବାଦର ଏମ୍/ଏସ୍ ପି.ଏସ୍.କେ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ପ୍ରାଇଭେଟ୍ ଲିମିଟେଡ୍ ତରଫରୁ ଏହି ଖାଦାନକୁ ଲିଜ୍ ଦିଆଯାଇଥିଲା । ହେଲେ ଏହି କମ୍ପାନୀ ଟ୍ରାନ୍‌ଜିଟ୍ ପାସ୍ ନପାଇ ସମ୍ପୂର୍ଣ୍ଣ ବେଆଇନ୍ ଭାବେ କଳାପଥର ଚାଲାଣ କରିଥିଲା । ସରକାରଙ୍କୁ ଗୋଟିଏ ଟଙ୍କାର ରାଜସ୍ୱ ନଦେଇ ବହୁ କୋଟି ଟଙ୍କାର କଳାପଥର ଲୁଟି ନେଲେ । ଏଠାରେ ଖଣି ଖନନରେ ମଧ୍ୟ କମ୍ପାନୀ ତରଫରୁ ବ୍ୟାପକ ବେଆଇନ୍ କାର୍ଯ୍ୟ କରାଯାଇଥିଲା । ଏହି ପାହାଡ ଜଙ୍ଗଲ କିସମ ବୋଲି ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିକଟରେ ପ୍ରମାଣଯୋଗ୍ୟ ତଥ୍ୟ ସହ ଦୃଷ୍ଟି ଆକର୍ଷଣ କରିବା ସହ ସତୀଶଙ୍କ ପରାମର୍ଶରେ ଲୋକେ ଚୋରା କଳାପଥର ବୋଝେଇ ଟ୍ରକ୍ ଧରି ବନ ବିଭାଗକୁ ହସ୍ତାନ୍ତର କଲାପରେ ବିଭାଗ ତରଫରୁ ଅନୁଧ୍ୟାନ ଆରମ୍ଭ ହୋଇଥିଲା । ଏହି ଖାଦାନ ଜଙ୍ଗଲ କିସମ ବୋଲି ପ୍ରାରମ୍ଭିକ ତଦନ୍ତରେ ପ୍ରମାଣିତ ହେବା ପରେ ପାହାଡରେ ଥିବା ଅନ୍ୟ ଖାଦାନ ଗୁଡ଼ିକରେ ପଥର ଉତ୍ତୋଳନ ମଧ୍ୟ ବନ୍ଦ କରାଯାଇଛି । ଏବେ ଖାଦାନ ଜଙ୍ଗଲ କିସମ ବୋଲି ପ୍ରମାଣିତ ହୋଇଛି । ଜଙ୍ଗଲ କିସମ ପାହାଡରୁ ପଥର ଉତ୍ତୋଳନ ଧର୍ତ୍ତବ୍ୟ ଅପରାଧ । ଏଥିପାଇଁ ବାଘୁଆ ବାଘଫାସରେ ପ୍ରଶାସନ ହରଡ ଘଣାରେ ପଡିଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏଣେ ବିନା ଟ୍ରାନ୍‌ଜିଟ୍ ପାସ୍‌ରେ ବହୁ କୋଟି ଟଙ୍କାର କଳାପଥର ଲୁଟ୍ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସତୀଶ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିନେଇ ସତୀଶ ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ସଚିବଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଥିଲେ ଯେ, ଟ୍ରାନ୍‌ଜିଟ୍ ପାସ୍ ନଥାଇ ବହୁକୋଟି ଟଙ୍କାର କଳାପଥର ଲୁଟ୍ ନେଇ କମ୍ପାନୀ ନାମରେ ଖଣି ବିଭାଗ ତରଫରୁ ଚୋରି ଅଭିଯୋଗରେ ଏତଲା ରୁଜୁ କରାଯାଉ । ଏଥିନେଇ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ସଚିବ ରାଜେଶ ପ୍ରସାଦ ନାୟକ ପତ୍ରନମ୍ବର- ୬୭୫୯ ତା୮.୮.୨୪ ନିର୍ଦ୍ଦେଶକ ଲଘୁ ଖଣିଜ ଦ୍ରବ୍ୟ ଏବଂ ଯାଜପୁର ଜିଲ୍ଲାପାଳଙ୍କୁ ପ୍ରଦାନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

# ଗୋରୁ ଚାଲାଣକାରୀ-ପୋଲିସ ଗୁଳି ବିନିମୟ:ଜଣେ ତସ୍କର ଗୁରୁତର, ୨ ପୋଲିସ ଆହତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



କେନ୍ଦୁଝରରେ ବେଆଇନ୍ ଗୋରୁ ଚାଲାଣକାରୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ । ଜଣେ ଗୋରୁ ତସ୍କର ଗୁରୁତର ୨ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି । ରବିବାର ଭୋର୍ ସମୟରେ ବେଆଇନ୍ ଗୋରୁ ଚାଲାଣ ନେଇ ପୋଲିସ ଖବର ପାଇ ହରିଚନ୍ଦନପୁର ଥାନା ଅଞ୍ଚଳର କୁଲାଡାଙ୍କୁଣି ନିକଟରେ ଗୋରୁ ଚାଲାଣ ଗାଡିକୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଗୋଚାଲାଣକାରୀ ପୋଲିସ ଉପରକୁ ପ୍ରଥମେ ଗୁଳି ଚଳାଇବା ପରେ ପୋଲିସ ବାଧ୍ୟ ହୋଇ ତାଙ୍କ ଉପରକୁ ଗୁଳି ଚଳାଇଥିଲା । ଯେଉଁଥିରେ ଜଣେ ଗୋଚାଲାଣକାରୀ ଯିଏକି ସାନ୍ତରାପୁର ଅଞ୍ଚଳର ଆରିଫ ଖାନ ତା ଗୋଡରେ ଦୁଇଟି ଗୁଳି ବାଜି ଥିଲା ଓ ଗୋ ଚାଲାଣକାରୀଙ୍କ ଗୁଳିରେ ଦୁଇ ଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି । ଆହାତ ଗୋଚାଲାଣକାରୀକୁ ପୋଲିସ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରିବା ସହିତ ଆହତ ପୋଲିସ କର୍ମଚାରୀ ଦୁଇ ଜଣ ହରିଚନ୍ଦନପୁର ସ୍ୱାସ୍ଥକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି । ଏ ସଂକ୍ରାନ୍ତରେ ହରିଚନ୍ଦନପୁର ଓ ପଣ୍ଡାପଡ଼ା ଥାନାରେ ପୃଥକ୍ ପୃଥକ୍ ଦୁଇଟି କେଶ୍ ରୁଜୁ ହୋଇଛି ଏବଂ ଗୋରୁ ବୋଝେଇ ହୋଇଥିବା ୩ଟି ପିକ୍‌ଅପ୍ ଭ୍ୟାନ୍ ସହ ଗୋଟିଏ ଏକ୍ସୟୁଭି କାର୍, ଦୁଇଟି ଦେଶୀ ପିସ୍ତଲ ଜବତ କରିବା ସହିତ ୨୫ଟି ଗୋରୁଙ୍କୁ ଉଦ୍ଧାର କରିଛି ପୋଲିସ । ଏହା ସହ ୫ ଜଣ ଗୋରୁ ତସ୍କରଙ୍କୁ ଗିରଫ କରିଛି ପୋଲିସ ।

# ବଳଦେବ ହାଇସ୍କୁଲ୍‌ରେ ଶିକ୍ଷକ ଅଭାବ, ପାଠପଢା ବ୍ୟାଘାତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ଅନ୍ୟତମ ପୁରାତନ ହାଇସ୍କୁଲ ଭାବେ ପରିଚିତ ବଳଦେବ ହାଇସ୍କୁଲ ୧୯୫୯ ମସିହାରୁ ସ୍ଥାପିତ ହୋଇଥିଲେ ମଧ୍ୟ ଏବେ ସୁଦ୍ଧା ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ଶିକ୍ଷା ଅନୁଷ୍ଠାନରେ ପ୍ରାୟ ୫୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ପ୍ରଧାନ ଶିକ୍ଷକଙ୍କ ଅବସର ପରେ ସ୍କୁଲରେ ପ୍ରାୟ ୮ରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ରହିଥିବାରୁ ଏତେ ସଂଖ୍ୟାରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ସହ ଭବିଷ୍ୟତ ଅନ୍ଧାରମୟ ହୋଇପଡିଛି । ହାଇସ୍କୁଲ୍‌ରେ ପ୍ରଧାନ ଶିକ୍ଷକଙ୍କ ପଦବୀ ଖାଲିପଡିଥିବା ବେଳେ ଆହୁରି ଅନ୍ୟ ବିଭାଗର ୭ଟି ପଦବୀଖାଲି ରହିଛି । ଏଥିସହିତ ବିଦ୍ୟାଳୟରେ କୌଣସି ସଫେଇ କର୍ମଚାରୀ ଓ ରାତ୍ର ଜଗୁଆଳୀ ନଥିବାରୁ ଅନେକ ସମସ୍ୟା ଦେଖାଦେଇଛି । ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ପୂର୍ବତନ ପୌରାଧ୍ୟକ୍ଷ ଧିରେନ୍ଦ୍ର କୁମାର ସାହୁ, କାଉନ୍‌ସିଲର ପ୍ରଦିପ୍ତ ଜେନା, ଅଧ୍ୟାପକ ଅଜୟ କୁମାର ସାମଲ ପ୍ରମୁଖ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ତୁରନ୍ତ ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ଦାବି କରିଛନ୍ତି ।



# ବିଜେଡ଼ିରୁ ୧୧ ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ଇସ୍ତଫା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

ସାଧାରଣ ନିର୍ବାଚନକୁ ଦିନ କେଇଟା ନପୂରୁଣୁ, ଉପକୂଳ ଜିଲ୍ଲାରେ ବିଜେଡିକୁ ପୁଣି ଶକ୍ତ ଧକ୍କା ଲାଗିଛି । ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିରୁ ରବିବାର ୫ ଜଣ ବିଜେଡି ସମର୍ଥିତ ସମିତି ସଭ୍ୟ ଇସ୍ତଫା ଘୋଷଣା କରିଥିବା ବେଳେ ସେମାନଙ୍କ ସହିତ ଆହୁରି ୬ ଜଣ ସରପଞ୍ଚ ମଧ୍ୟ ଦଳ ଛାଡିବା ଚର୍ଚ୍ଚାର ବିଷୟ ହୋଇଛି । ଦଳ ଛାଡିଥିବା ସମସ୍ତ ୧୧ ଜଣ ପଞ୍ଚାୟତ ସ୍ତରୀୟ ଲୋକ ପ୍ରତିନିଧି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅନୁଗତ ଭାବେ କାର୍ଯ୍ୟ କରୁଥିଲେ । ଏହି ନିର୍ବାଚିତ ଜନ ପ୍ରତିନିଧି ମାନଙ୍କୁ ବିଜେଡିରେ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଥିଲା । ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସାରଦାଙ୍କ ଶିବିରରେ ଏହି ୧୧ ଜଣ ଲୋକପ୍ରତିନିଧିଙ୍କ ଯୋଗଦାନ ଶକ୍ତ ଧକ୍କା ବୋଲି ଚର୍ଚ୍ଚା ହେଉଛି । ଏହି ଲୋକ ପ୍ରତିନିଧିମାନେ ହେଲେ ଫୋଗଳ ପଞ୍ଚାୟତ ସରପଞ୍ଚ ବୈଷ୍ଣବ ଚରଣ ସାମଲ ଓ ସମିତି ସଭ୍ୟ ନୃସିଂହ ଚରଣ ମିଶ୍ର, ନରେନ୍ଦ୍ର ପୁର ସରପଞ୍ଚ ନମିତା ରାୟ ଓ ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, କେରୀଲୋ ସରପଞ୍ଚ ଶୁଭ୍ରା ମହାନ୍ତି ଓ ସମିତି ସଭ୍ୟା ସୌର ପ୍ରଭା ଜଗଦେବ, ନଗସପୁର ସରପଞ୍ଚ ପୁଷ୍ପଲତା ମଲ୍ଲିକ, କଟିକଟା ସରପଞ୍ଚ ଚିତ୍ତରଞ୍ଜନ ମଲିକ, ଶୁକରପଡା ସରପଞ୍ଚ ମନୋଜ ମଲ୍ଲିକ, ଯମରା ସମିତି ସଭ୍ୟା ମେନକା ବଳ, ଜୟରାମପୁର ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ଦାସଙ୍କ ସମେତ ତାଙ୍କ ସମର୍ଥକମାନେ ବିଜେଡି ଦଳ ତ୍ୟାଗକରି ଶାରଦାଙ୍କ ସହ ଯୋଗ ଦେଇଛନ୍ତି ।

# ସରକାରୀ ନିର୍ଦ୍ଦେଶର ଅବମାନନା:ନିର୍ମାଣ କାମରେ ଲାଗୁନି ସୂଚନା ଫଳକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଚାଲିଥିବା ନିର୍ମାଣ କାମ ଗୁଡିକରେ ସରକାରୀ ନିୟମର ଖୋଲା ଖୋଲି ଉଲ୍ଲଂଘନ ଚାଲିଥିବା ଅଭିଯୋଗ ହେଉଛି । ବିଶେଷକରି ନିର୍ମାଣ କାମ ପୂର୍ବରୁ କାମ ସମ୍ବନ୍ଧୀୟ ତଥ୍ୟ ଥାଇ ସୂଚନା ଫଳକ ଲୋକଙ୍କ ଗୋଚରାର୍ଥେ ଲଗାଯିବାର ସରକାରୀ ନିୟମ ରହିଥିଲେ ହେଁ ପ୍ରାୟତଃ ଠିକାଦାରମାନେ ଏହାକୁ ଖିଲାପକରି ଫଳକ ଲଗାଉନାହାଁନ୍ତି । ଯାହାଦ୍ୱାରା ଲୋକମାନେ ସୂଚନା ପାଉନଥିବାରୁ କାମକୁ ନେଇ ଅନ୍ଧାରରେ ରହୁଛନ୍ତି । ତେବେ କାମ ଗୁଡ଼ିକରେ ବ୍ୟାପକ ଅନିୟମିତତା ଓ ବାଟମାରଣା କରାଯାଉଥିବାରୁ ଜାଣିଶୁଣି ସୂଚନା ଫଳକ ଲଗାଯାଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଗତ ମାସରେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତର ପାଚେରୀ କାମ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ଅନ୍ୟପକ୍ଷରେ ଡ୍ରେନ୍‌ର ୱାଲ୍ ଉପରେ ଏହି ପାଚେରୀ ନିର୍ମାଣ କରାଯାଇଥିବାରୁ ଏଥିରେ ବ୍ୟାପକ ଅର୍ଥ ବାଟ ମାରଣା ହେବାର ସୁଯୋଗ ରହିଛି । ମାତ୍ର ସୂଚନା ଫଳକ ନଥିବାରୁ କେଉଁ ପାଣ୍ଠିରୁ ଓ କେତେ ଟଙ୍କା ବ୍ୟୟ ଅଟକଳ ହୋଇଛି ତଥା କାମ ଆରମ୍ଭ ଓ ଶେଷ ଅବଧି ଆଦି ସମ୍ପର୍କରେ କୌଣସି ତଥ୍ୟ ଜଣାପଡୁନାହିଁ । ଜିଲ୍ଲା ପ୍ରଶାସନ ତୁରନ୍ତ ଏହା ଉପରେ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୧ ବୃହ ୧୨ | ୧୦ | ରା୯ ଶୁ୮ |
| ରଲ | ୧୬ / ୮ | ୭ |
| ୨ ଶୁ ମ ୩କେ | ୪ | ୬ ଚ ୫ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୩।୮।୨୦୨୪, ଶ୍ରାବଣ ଦି୨୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୬।୨୩** **ଚନ୍ଦ୍ରୋଦୟ- ଦିଘ୧୨।୩୫।୧୨**

**ଅଷ୍ଟମୀ**- ଦିଘ ୯।୩୨ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର**- ଦିଘ ୧୦।୪୩ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର**- ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ**- ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ନଡ଼ିଆ ଦିଘ ୯।୩୨ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୮।୪୧ ଗତେ ଘ ୧୦।୩୫ ମଧ୍ୟେ । ଦିଘ ୧।୩୫ ମଧ୍ୟେ ଦିଘ ୧।୦୮ ମଧ୍ୟେ ଗତେ ଘ୧।୨୬ ମଧ୍ୟେ ।



**ମେଷ:** ମନରେ ବିରକ୍ତି ଭାବ ଜାତ ହେବ । କର୍ମକ୍ଷେତ୍ରରେ କ୍ଳାନ୍ତି ଅନୁଭବ କରିବେ । କୌଣସି କାର୍ଯ୍ୟରେ ଆଗ୍ରହ ଆସିବନାହିଁ । ଆର୍ଥିକ ଅଭାବ ଦେଖାଦେବ । ଶାରୀରିକ ପୀଡ଼ା ଦେଖାଦେବ । ଗୃହେ ଶାନ୍ତି ଲାଭ ।



**ବୃଷ:** ଦୂରଯାତ୍ରା କରି ସଫଳତା ଲାଭ କରିବେ । ବନ୍ଧୁ ଦର୍ଶନର ସୁଯୋଗ ଲାଭ ହେବ । ସାମାଜିକ ସ୍ତରରେ ପ୍ରଶଂସା ଲାଭ କରିବେ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ କଳହ ଦେଖାଦେବ ।



**ମିଥୁନ:** କର୍ମକ୍ଷେତ୍ରରେ ବିଳମ୍ବରେ ଅସହଯୋଗ ପ୍ରାପ୍ତି ହେବ । ରୋଜଗାର ଭଲ ହେବ । ବିଭିନ୍ନ କାରଣରୁ ମନରେ ଚିନ୍ତା ଜାଗ୍ରତ ହେବ । ଘରେ ଜଞ୍ଜାଳ ସହ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ମହିଳାମାନେ ସୁଖୀ ହେବେ ।



**କର୍କଟ:** କାହାକୁ କିଛି ନ କହିଲେ ଭଲ । ନିଜ କାମ କରିବା ପରେ ନିରବତା ଅବଲମ୍ବନ ଶ୍ରେୟ ହେବ । ଆୟରେ ଉନ୍ନତି ଦେଖାଦେବ । ପରିବାରରେ ସନ୍ତାନଙ୍କ ପାଇଁ ଚିନ୍ତା ଦେଖାଦେବାର ସୂଚନା ।



**ସିଂହ:** ଅଣ୍ଟି ଛୁରୀ ତଣ୍ଟି କାଟିବା ପରି ନିଜର ଲୋକ ଶତ୍ରୁତା ଆଚରଣ କରିବେ । ଚାକିରୀ କ୍ଷେତ୍ରରେ ଅବହେଳିତ ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଗୃହେ ଆନନ୍ଦ ଲାଭ କରିବେ ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ପାଇ ଉତ୍ସାହିତ ହେବେ । ପୁରାତନ କାର୍ଯ୍ୟ ପ୍ରାପ୍ତି ହେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମନ ଭଲ ରହିବ ।



**ତୁଳା:** ଅଭିଳାଷ ପୂର୍ଣ୍ଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ସହିତ ଆକସ୍ମିକ ଅର୍ଥ ଲାଭ ଓ ସମ୍ମାନ ମିଳିବ । କର୍ମ କ୍ଳାନ୍ତି ଅନୁଭବ ସତ୍ତ୍ୱେ ଗୃହ କାର୍ଯ୍ୟ ପାଇଁ ବାଧ୍ୟ ହେବେ ।



**ବିଛା:** ଆଜି ଦିନଟି ବେଶ୍ ଭଲରେ କଟିବ । ଦୂରଯାତ୍ରା କାର୍ଯ୍ୟ ହାସଲ କରିବେ । ପାରିବାରିକ ଓ ବନ୍ଧୁ ସହଯୋଗ ମଧ୍ୟ ମିଳିବ । ରୋଜଗାରରେ ଉନ୍ନତି ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**ଧନୁ:** କର୍ମକ୍ଷେତ୍ରରେ ପାରସ୍ପରିକ ବିରୋଧାଭାସ ଯୋଗୁ ପଥରୋଧ ପରିସ୍ଥିତି ସୃଷ୍ଟିର ସୂଚନା । ରୋଜଗାର ଭଲ ହେବ । ପାରିବାରିକ ଅସହଯୋଗ ଅଶାନ୍ତିର ପୂର୍ବାଭାସ । ମହିଳାମାନେ ସ୍ୱାର୍ଥପର ହେବାର ସୂଚନା ।



**ମକର:** ଦୂରଯାତ୍ରାରେ ସାଫଲ୍ୟ ହେବେ । ସଙ୍ଗେ ସଙ୍ଗେ ନୂତନ କାର୍ଯ୍ୟ ପ୍ରାପ୍ତିର ସମ୍ଭାବନା । ଆୟର ଅଭିବୃଦ୍ଧି ଘଟିବ । ନୂତନ ଦ୍ରବ୍ୟ ପ୍ରାପ୍ତ କରିପାରନ୍ତି । ପାରିବାରିକ ଆନନ୍ଦ ଲାଭ ହେବାର ସୂଚନା ।



**କୁମ୍ଭ:** କର୍ମକ୍ଷେତ୍ରରେ ବେଶ୍ ପ୍ରଶଂସା ଲାଭ କରିବେ । ବାକିଥିବା କାମ ସୁରୁଖୁରୁରେ ସମାଧାନ ହୋଇଯିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସାହାଯ୍ୟ ଓ ସହଯୋଗ ଲାଭ ହେବ । ବନ୍ଧୁ ଦର୍ଶନ କରିପାରନ୍ତି ।



**ମୀନ:** ଦାନ ଧର୍ମ ଓ ସେବା ପୂଜା ପ୍ରତି ମନ ନିବେଶ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଅନ୍ୟମାନଙ୍କ ପାଖରେ ପ୍ରଶଂସିତ ହେବେ । ପରିବାରରେ ସହଯୋଗର ପରିମାଣ ବଢ଼ିବ । ଦେହ ଭଲ ରହିବ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବ ଭାରତ

ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସରକାର ଏବେଠାରୁ କାମ ଆରମ୍ଭ କରିଦେଇଛନ୍ତି। ଚଳିତ ବର୍ଷ ଲୋକସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଅଳ୍ପ କିଛି ଦିନ ପରେ ଆଚରଣବିଧି ଲାଗୁ ହେବାର ସମ୍ଭାବନା ରହିଛି। ତା'ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ତ୍ରୀମଣ୍ଡଳର ମନ୍ତ୍ରୀମାନଙ୍କ ସହ ବିକଶିତ ଭାରତ ନକ୍ସା ନେଇ ଆଲୋଚନା କରିଛନ୍ତି। ମନ୍ତ୍ରୀମାନେ ଯେଉଁ ଚିନ୍ତାଧାରା ଉପସ୍ଥାପନ କରିଥିଲେ ତାହାକୁ ନେଇ ବ୍ୟାପକ ଆଲୋଚନା ହୋଇଥିଲା। ନୂଆ ସରକାର ଗଠନ ହେବାର ୧୦୦ ଦିନ ଭିତରେ ଯେଉଁ ସବୁ କାର୍ଯ୍ୟକ୍ରମଗୁଡ଼ିକ ଲାଗୁ କରାଯିବ ତାହାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା।

ବିକଶିତ ଭାରତ ନକ୍ସା ଲାଗି ଦୁଇ ବର୍ଷ ଧରି ପ୍ରସ୍ତୁତି ଚାଲିଥିଲା। ସେଥିରେ ବିଭିନ୍ନ ମନ୍ତ୍ରଣାଳୟ ସାମିଲ ଥିଲେ। ରାଜ୍ୟ ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ ସଂଘ, ନାଗରିକ ସମାଜ ସହ ବି ବ୍ୟାପକ ଆଲୋଚନା ହୋଇଥିଲା। ବୈଜ୍ଞାନିକ ସଂଗଠନ ଓ ଯୁବବର୍ଗଙ୍କଠାରୁ ଅଭିନବ ଚିନ୍ତାଧାରା, ପରାମର୍ଶ ଓ ଇନ୍‌ପୁଟ୍ ସଂଗ୍ରହ କରାଯାଇଥିଲା। ବିଭିନ୍ନ ପର୍ଯ୍ୟାୟରେ ୨୭୦୦ରୁ ଅଧିକ ବୈଠକ ଆୟୋଜନ କରାଯାଇଥିଲା। ଯୁବବର୍ଗଙ୍କଠାରୁ ୨୦ ଲକ୍ଷରୁ ଅଧିକ ମତାମତ ସଂଗ୍ରହ କରାଯାଇଛି। ବିକଶିତ ଭାରତ ନକ୍ସାରେ ଅର୍ଥନୈତିକ ଅଭିବୃଦ୍ଧି, ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି), ସହଜ ବ୍ୟବସାୟ ବାତାବରଣ, ଉନ୍ନତ ଜୀବନଯାପନ, ଭିତ୍ତିଭୂମି ଓ ସାମାଜିକ କଲ୍ୟାଣର ପ୍ରତିଫଳନ ଦେଖିବାକୁ ମିଳିବ।

# ଜଘନ୍ୟ ଯୁଦ୍ଧରେ ଜଳୁଛି ଜଗତ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩



୨୦୨୨ ଫେବୃଆରୀ ୨୪ରୁ ରୁଷ-ୟୁକ୍ରେନ୍ ଘମାଘୋଟ ଯୁଦ୍ଧ ଚାଲିଛି । ଥମିବାର ନାଁ ଧରୁନି। ୨୦୨୩ ଅକ୍ଟୋବର ୭ ତାରିଖରେ ପାଲେଷ୍ଟାଇନ୍-ହମାସ୍ ଇସ୍ରାଏଲ ଉପରେ ୨୦ ମିନିଟ୍‌ରେ ୭୦୦୦ ରକେଟ୍ ମାଡକରି ସାରାବିଶ୍ୱକୁ ଚମକାଇଦେଲା । ପାଲେଷ୍ଟାଇନ୍ ଠାରୁ ଇସ୍ରାଏଲ ୧୦୦ ଗୁଣ ଶକ୍ତିଶାଳୀ । ଇସ୍ରାଏଲ ପ୍ରତିଶୋଧ ନେବାପାଇଁ ଗାଜା ଉପରେ ବୋମାବର୍ଷଣ କରିଚାଲିଛି। ଉଭୟପଟରୁ ସୈନ୍ୟ-ସାଧାରଣ ନାଗରିକଙ୍କ ମୃତ୍ୟୁସଂଖ୍ୟା ଓ ଆହତସଂଖ୍ୟା ବଢ଼ିବାରେ ଲାଗିଛି । ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ରକ୍ତର ହୋରିଖେଳ ଚାଲିଛି । ଯେଉଁମାନେ ଯୁଦ୍ଧ କ'ଣ ଜାଣିନାହାଁନ୍ତି - ଶତ୍ରୁତା କ'ଣ ବୁଝିନାହାଁନ୍ତି - ସେଇ ସାଧାରଣ ନାଗରିକ, ନାରୀ, ଶିଶୁମାନଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବେ ହତ୍ୟା କରାଯାଉଛି । ବର୍ବରତାର ସୀମା ଟପିଗଲାଣି । ସବୁଠି ଜଳୁଛି ଅଶାନ୍ତି ଅସନ୍ତୋଷର ନିଆଁ । ବଂଗଳାଦେଶ, ଇଂଲଣ୍ଡ, ଇରାନ୍-ପାଲେଷ୍ଟାଇନ୍ ଏମାନଙ୍କ ସହଯୋଗୀ ମଧ୍ୟରେ ଏକପ୍ରକାର ଯୁଦ୍ଧ ଚାଲିଛି । ବହୁ ଲୋକ ମୃତାହତ । ଇସ୍ରାଏଲ-ଇରାନ୍ ଯୁଦ୍ଧ ମଧ୍ୟପ୍ରାଚ୍ୟ ଭୀଷଣ ଭୟଙ୍କର ହେବାକୁ ଯାଉଛି । ଏବେ ବଂଗଳାଦେଶ ଜଳୁଛି । ସଂପ୍ରତି ଯୁଦ୍ଧର କଳାବାଦଲ ସାରାଆକାଶକୁ ଆଚ୍ଛାଦିତ କଲାଣି । ମେଦିନୀ ଥରୁଛି। ଏ ପୃଥିବୀର ୪ ଭାଗରୁ ଭାଗେ ସ୍ଥଳ ପାଇଁ ଦେଶ ଦେଶ ମଧ୍ୟରେ

କେତେ ଯେ ଯୁଦ୍ଧ ହୋଇଗଲାଣି, କେତେ ଯେ ଧନସମ୍ପତ୍ତି ଜୀବନ ନଷ୍ଟ ହେଲାଣି ତା'ର ହିସାବ କରିବା କଷ୍ଟକର । ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାରାବିଶ୍ୱ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲା । ଏବେ ମଧ ରୁଷ-ୟୁକ୍ରେନ୍, ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ବିଶ୍ୱର ବିଭିନ୍ନ ଦେଶ ପକ୍ଷଭୁକ୍ତ ହେବାରେ ଲାଗିଛନ୍ତି। ୨୦୨୪ର ଶେଷ ଭାଗକୁ ପୃଥିବୀ ଧ୍ୱଂସଆଡକୁ ଅଗ୍ରସର ହେବାକୁ ଯାଉଛି । ପ୍ରାକୃତିକ-ମନୁଷ୍ୟକୃତ ବିପଦ ଏକାକାର ହୋଇଗଲାଣି । ଯୁଦ୍ଧଯୋଗୁ ଜଗତରେ ଜଘନ୍ୟ ଘଟଣାମାନ ଘଟିଚାଲିଛି । ଏ ଘୋର କଳିକାଳରେ କେବଳ ଯୁଦ୍ଧ ନୁହେଁ-ମହାମାରୀ ମଧ ମାଡିଆସୁଛି। କରୋନାଠାରୁ ସାତଗୁଣ ଶକ୍ତିଶାଳୀ ଭୟଙ୍କର ଜୀବାଣୁ 'ଡିଜିଜ୍ ଏକ୍ସ' ଆକ୍ରମଣରେ ରକ୍ଷାପାଇବା କଷ୍ଟକର। ଯୁଦ୍ଧ, ଭୋକ-ରୋଗରେ ସାରାସଂସାର ଜୀବଜଗତ ଛଟପଟ ହେଉଛନ୍ତି । ନାରୀ, ଜମି, ଧନ, ଧର୍ମ ପାଇଁ ଯୁଦ୍ଧ । ଏବକାର ଯୁଦ୍ଧ ଜମି ଅର୍ଥାତ୍ ଦେଶ ଦଖଲ, ଧର୍ମ-ଧର୍ମ ମଧ୍ୟରେ ଯୁଦ୍ଧ। ୨ୟ ବିଶ୍ୱଯୁଦ୍ଧ ପରେ ସମଗ୍ର ବିଶ୍ୱରେ ଶୀତଳଯୁଦ୍ଧ ଲାଗିରହିଛି । ଆମେରିକା-ଭିଏତନାମ୍ ଯୁଦ୍ଧ, ତୁର୍କୀ-ସିରିଆ ଯୁଦ୍ଧ, ଚୀନ୍-ଭାରତ ଯୁଦ୍ଧ, ପାକିସ୍ତାନ-ଭାରତ, ଏବେ ରୁଷ-ୟୁକ୍ରେନ୍ - ସଂପ୍ରତି ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧ ପ୍ରମୁଖ ଭାବେ ଦେଖାଦେଇଛି । ଲେବାନନ୍‌ର ଲଢୁଆ ଗୋଷ୍ଠୀ ହିଜିବୁଲ୍ଲାହା ଯୁଦ୍ଧକ୍ଷେତ୍ରରେ । ଇସ୍‌ଲାମିକ୍ ଜିହାଦ୍ ଚରମପନ୍ଥୀ ଗୋଷ୍ଠୀ, ଆଦିବାସୀ ସଂଗଠନ 'ହାଇଥି' ଦୁର୍ଦ୍ଧର୍ଷ ସଂଗଠନ ଇସ୍ରାଏଲକୁ ଷଣ୍ଢଆସି ଆକ୍ରମଣ କରୁଛନ୍ତି । ଇରାନ୍-ସିରିଆ-ଲେବାନନ୍ ସହାୟତା ଯୋଗାଇଦେଉଛନ୍ତି । ଇରାନ୍-ରୁଷ୍-ଚୀନ୍ ସମସ୍ତେ ହମାସ୍ ପକ୍ଷରେ । ଯୁଦ୍ଧଭୂମିରେ ବିଶେଷକରି ଗାଜା ରାସ୍ତାରେ କୁଢକୁଢ ଶବର ପାହାଡ଼ା ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ତୈଳ ସଂକଟ ଦେଖାଯିବ । ଇରାନ୍ ତୈଳ ସମ୍ପଦରେ ବଳୀଆନ୍ । ସେଠାରୁ ତୈଳ ନଆସିଲେ ଡିଜେଲ୍-ପେଟ୍ରୋଲ୍ ଦାମ୍ ବଢ଼ିଯିବ । ଏହା ବିଶ୍ୱସଂକଟରେ ପରିଣତ ହେବ । କଳିଯୁଗରେ ଭୂମି ଓ ଧର୍ମ ପାଇଁ କେତେ ଯେ ଯୁଦ୍ଧ ଲାଗି ଧନସମ୍ପତ୍ତି ଜୀବନ ଛାରଖାର୍ - ତାର ହିସାବ ନାହିଁ । ଆଜି ଜମି ଖଣ୍ଡକ ପାଇଁ ଗାଁରେ ଭାଇଭାଇ ମଧ୍ୟରେ ଲଢେଇ, ଦେଶଦେଶ ମଧ୍ୟରେ ଯୁଦ୍ଧ ଲାଗିରହିଛି । ଏଇ ବିଶ୍ୱରେ ବିଭିନ୍ନ ଧର୍ମାବଲମ୍ବୀ ପ୍ରାୟ ସବୁଦେଶରେ ମିଳିମିଶ ବାସ କରୁଛନ୍ତି । ଖ୍ରୀଷ୍ଟିଆନ, ମୁସଲିମ୍, ହିନ୍ଦୁ, ଇହୁଦୀ, ଜିଉ, ବୌଦ୍ଧ, ଜୈନ ପ୍ରମୁଖ ଧର୍ମ ଏବଂ ସେମାନଙ୍କର ପ୍ରାର୍ଥନା ପାଇଁ ଗିର୍ଜା, ମସଜିଦ୍, ଚର୍ଚ୍ଚ, ମନ୍ଦିର, ପାଗୋଡ଼ା ଇତ୍ୟାଦି ଗଢିଉଠିଛି । ଯାହାଫଳରେ ଏଇ ଜମି, ସମ୍ପତ୍ତି, ଧର୍ମକୁ ନେଇ ଅହରହ ଯୁଦ୍ଧ ଲାଗିଚାଲିଛି । ଯୁଦ୍ଧଖୋରମାନଙ୍କ ପାଖରେ ମଣିଷ ଏକ ଖେଳନା । ଛୋଟଛୋଟ ପୋକମାଛି । ଏମାନେ ଆଖିବୁଜି ଗୁଳି ଫୁଟାନ୍ତି - ବୋମାବର୍ଷଣ କରନ୍ତି । ଏମାନଙ୍କଠାରୁ ସ୍ନେହ, ମମତା, ଦୟା, କ୍ଷମା ଆଶା କରିବା ବୃଥା । ଏ ଅହଂକାର ଦିନେ ସାରାବିଶ୍ୱକୁ ପୋଡି ପାଉଁଶ କରିଦେବ - ଏ କଥା ସେମାନେ ବୁଝନ୍ତି କି ? ରୁଷ-ୟୁକ୍ରେନ୍, ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ କଅଁଳାଛୁଆ ବଳିପଡୁଛନ୍ତି । ହସ୍‌ପିଟାଲରେ ଶହଶହ କଅଁଳାଛୁଆଙ୍କୁ ଗଣକବର ଦିଆଯାଉଛି । ପୁଣି ଇସ୍ରାଏଲ ପରମାଣୁ ବୋମା ନିକ୍ଷେପ କରିବାପାଇଁ ହୁଙ୍କୁହୁଙ୍କୁ ହେଲାଣି । ଅନ୍ୟଦେଶମାନେ ଉଭୟ ଯୁଦ୍ଧଖୋର ଦେଶର ନିଆଁରେ ଘିଅ ଢାଳୁଛନ୍ତି । ସତେ କ'ଣ ଏ ଏକବିଂଶ ଶତାବ୍ଦୀରେ ଯୁଦ୍ଧରେ ମଣିଷ ଶବ ପାଲଟିଯିବ। ବିଂଶ ଶତାବ୍ଦୀରେ ଘଟିଯାଇଥିବା ପ୍ରଥମ, ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ବିଶ୍ୱବାସୀ ଏପର୍ଯ୍ୟନ୍ତ ଭୁଲିନଥିବାବେଳେ ଏକବିଂଶ ଶତାବ୍ଦୀରେ ଯୁଦ୍ଧରହିତ ବିଶ୍ୱ କାମନା କରିଥିଲେ । ଶୀଘ୍ର ଯଦି କେହିଜଣେ ହାରିଯାଆନ୍ତା - ତେବେ ଯୁଦ୍ଧ ସମାପ୍ତି ହୁଅନ୍ତା । ଜଣେ ହାରିଲାବେଳକୁ ତା'ପକ୍ଷମାନେ ଠେଲାଦେଇ ଯୁଦ୍ଧକୁ ବଞ୍ଚେଇ ରଖୁଛନ୍ତି । ଯୁଦ୍ଧର ଇତିହାସ ବିଚିତ୍ର ଓ ଅତ୍ୟନ୍ତ ପିଡାଦାୟକ । ବିଂଶ ଶତାବ୍ଦୀରେ ୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧ ୪ବର୍ଷ ଚାଲିଲା । ଏହାପଛରେ ଥିଲା ଜଟିଳ ରାଜନୈତିକ, ସାମାଜିକ ଓ ସାମରିକ କାରଣ । ଏଥିରେ ଏକକୋଟି ସୈନିକ ଓ ଅସଂଖ୍ୟ ଜନସାଧାରଣଙ୍କର ମୃତ୍ୟୁ ହୋଇଥିଲା। ୨ୟ ବିଶ୍ୱଯୁଦ୍ଧ ସବୁଠାରୁ ଘାତକ ଯୁଦ୍ଧ । ପୃଥିବୀର ଅଧିକାଂଶ ଦେଶ ଏହି ଯୁଦ୍ଧରେ ମିତ୍ରଶକ୍ତି ଓ କେନ୍ଦ୍ରଶକ୍ତିରେ ବିଭାଜିତ ହୋଇଥିଲେ । ୧୯୩୯ରୁ ୧୯୪୫ ପର୍ଯ୍ୟନ୍ତ ଲାଗିରହିଥିବା ଯୁଦ୍ଧରେ ପାଖାପାଖି ଆଠକୋଟି ଲୋକ ପ୍ରାଣ ହରାଇଥିଲେ । ଏଥିରେ ନିରୀହ ଜନତା ୫କୋଟି ମରିଥିଲେ । ଆମେରିକା-ଭିଏତନାମ ଯୁଦ୍ଧ ୧୯୫୫ରୁ ଆରମ୍ଭହୋଇ ୨୦ବର୍ଷ ଚାଲିଥିଲା। ପାଖାପାଖି ୨୦ଲକ୍ଷ ଲୋକ ମରିଥିଲେ । ଇତିହାସ ପୃଷ୍ଠାରେ ଯୁଦ୍ଧ ଲାଗିରହିଛି- କେତେବେଳେ ସୀମା ବିବାଦ, ଧର୍ମ ଓ କ୍ଷମତା, ଶକ୍ତିପ୍ରଦର୍ଶନ, ସନ୍ତ୍ରାସବାଦର ପକ୍ଷବିସ୍ତାର ପାଇଁ ବାରମ୍ବାର ଯୁଦ୍ଧ ହୋଇଛି ଏ ବିଶ୍ୱରେ । ଆଫ୍ରିକାର ପ୍ରଥମ ବିଶ୍ୱଯୁଦ୍ଧ, ଦ୍ୱିତୀୟ କଙ୍ଗୋ ଯୁଦ୍ଧ, ରାୱାଣ୍ଡା ଗଣହତ୍ୟା, ହୁତୁ ଓ ତୁତ୍‌ସି ମଧ୍ୟରେ ଜାତିଗତ ସଂଘର୍ଷରେ ଅନାହାର ଓ ଅପପୃଷ୍ଟି ସହିତ ଏହି ଯୁଦ୍ଧରେ ୩୦ଲକ୍ଷ ଲୋକ ପ୍ରାଣ ହରାଇଥିଲେ । ଆରବ ସ୍ପ୍ରିଙ୍ଗ୍ ଗଣତନ୍ତ୍ର ସପକ୍ଷ ଯୁଦ୍ଧର ତରଙ୍ଗରେ ମଧ୍ୟପ୍ରାଚ୍ୟ ଓ ଉତର ଆଫ୍ରିକାର ଟ୍ୟୁନିସିଆ, ଲିବ୍ୟା, ଇଜିପ୍ଟ, ୟେମେନ୍‌ରେ ଏକଚ୍ଛତ୍ରବାଦୀ ଶାସକମାନଙ୍କର ପତନ ଘଟିଲା । ସିରିଆ, ଉତର ଇରାକ୍ ଉପରେ ଆମେରିକା ଆକ୍ରମଣ କରିଥିଲା । ରୁଷିଆର ହସ୍ତକ୍ଷେପ ଫଳରେ ଯୁଦ୍ଧ ଓଲଟପାଲଟ ହୋଇଯାଇଥିଲା । ଆଉ ଦୁଇଟି ବଡ ଯୁଦ୍ଧ ହେଲା - ଇରାକ୍ ଓ ଆଫଗାନୀସ୍ଥାନ ଯୁଦ୍ଧ। ଇରାକ୍ ଉପରେ ଆମେରିକା ଆକ୍ରମଣ ୨୦୧୦ରୁ ଚାଲିଥିଲା। ଇରାକର ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା । ଆମେରିକାର ୫ହଜାର ମିଳିତସେନା ଏବଂ ଇରାକର ୮୫ହଜାର ଇରାକୀ ନାଗରିକଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ସୁନୀଗ୍ରୁପ୍ ଆଇ.ଏସ୍.ଆଇ.ଏସ୍. ମୁଣ୍ଡଟେକି ୨୦୧୩ରୁ ୨୦୧୬ ମଧ୍ୟରେ ୫୦ ହଜାରରୁ ଅଧିକ ନାଗରିକଙ୍କୁ ମୃତ୍ୟୁମୁଖକୁ ଠେଲିଦିଆଯାଇଛି । ସମଗ୍ର ବିଶ୍ୱ ବର୍ତ୍ତମାନ ଯୁଦ୍ଧମୁହାଁ। ଯେଉଁମାନଙ୍କ ପାଖରେ ପରମାଣୁବୋମା ଅଛି ସେମାନେ ଯଦି ରାଗରେ ବଟନ୍ ଦବେଇଦିଅନ୍ତି - ତା'ହେଲେ ସମଗ୍ର ବିଶ୍ୱରେ ଘୋର ବିପର୍ଯ୍ୟୟ ଘଟିବ। ବିଶ୍ୱଧ୍ୱଂସର କାରଣ ହେବ।

କୋଉ ଭଗବାନ କେଉଁ ଦେଶରେ ଅଛନ୍ତି - ଏ ଜଘନ୍ୟ କାଣ୍ଡକୁ ଦେଖି ପ୍ରତିକାର କରିବେ? କୌଣସି ଦେଶର କୌଣସି ସ୍ଥାନ ବର୍ତ୍ତମାନ ସୁରକ୍ଷିତ ନୁହେଁ । ହଜାର ହଜାର ବର୍ଷ ଧରି ଜାତି-ଜାତି ମଧ୍ୟରେ ପ୍ରଚଳିତ ସାଂସ୍କୃତିକ ବୈଚିତ୍ର୍ୟସଂପନ୍ନ ନାନା ଭେଦବୈଷମ୍ୟ ବଳବତ୍ତର ରହିଆସିଥିବା ସତ୍ତ୍ୱେ ବିଶ୍ୱସଭ୍ୟତାର ଗତି ଥିଲା ଅବାଧ, ଅବ୍ୟାହତ, ଏପରିକି ପ୍ରଚୁର ପ୍ରତିକୂଳତା ସତ୍ତ୍ୱେ ସ୍ୱାଭାବିକ ମଧ୍ୟ। ଆଜି କିନ୍ତୁ ସେ ଜାତିସଂସ୍କୃତି ରୀତିଗତ ବୈଚିତ୍ର୍ୟକୁ 'ଶତ୍ରୁ' ବୋଲି ଚିହ୍ନଟକରି ପ୍ରଚଣ୍ଡ ହିଂସ୍ରତାର ବିଷବାର୍ତ୍ତା ପ୍ରଚାର କରାଯାଉଛି । ଫୁଲପତ୍ରର ଏଇ ପୃଥିବୀରେ ପ୍ରତିହିଂସା ନିଜ ବିଷବୃକ୍ଷର କଣ୍ଟା ବିଛାଇ କେତେ ଯେ ଅଘଟଣ ଘଟାଇଯାଇଛି - କେବଳ ଇତିହାସ ତା'ର ହିଁ ମୂକସାକ୍ଷୀ। ସବୁଠି କ୍ଷମତା ଓ ସମ୍ପତ୍ତି ଲୋଭରେ ରକ୍ତପାତ । ମଣିଷପଣର ମଶାଣିପଦାରେ ଗାଜା ପରିଣତ ହୋଇଗଲାଣି । ଏହି ନିଷ୍ଠୁରତା ବନ୍ଦ କରିବାକୁ ବିଶ୍ୱବାସୀ ଆଗେଇ ଆସନ୍ତୁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚୀର୍ନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)

# ଗ୍ରାହକଙ୍କ ପକେଟକୁ ଆଳୁ ମାଡ଼



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଓଡ଼ିଆ ଘରେ ଆଳୁର ବ୍ୟବହାରକୁ ବାଦ ଦିଆଯାଇ ନ ପାରେ। ଆଳୁ ନଥିଲେ ଗୃହିଣୀଙ୍କୁ ଚିନ୍ତା ହୁଏ କଣ ରାନ୍ଧିବେ। କିନ୍ତୁ ଆଳୁର ଦର ଯେତେବେଳେ ଆକାଶ ଛୁଏଁ ସେତେବେଳେ ସାଧାରଣ ଘରେ ଆଳୁ ଉପରେ କଟକଣା ଲାଗେ। ଆଜି ଆଳୁର ଦର ବୃଦ୍ଧି ସହିତ ଆଳୁ ମିଳିବା ସମ୍ଭବ ହେଉନି। ଛୋଟ ଛୋଟ ଦୋକାନୀ ମାନେ ଆଳୁ ଆଣିବାକୁ ଚାହୁଁ ନାହାନ୍ତି। ଓଡ଼ିଆ ଥାଳିରୁ ଆଳୁ ଉଭେଇ ଯାଇଛି। ଆଳୁର ଅଭାବ ସହିତ ଅନ୍ୟ ପରିବାର ଦର ବୃଦ୍ଧି ମଧ୍ୟ ଆଉ ଏକ ଚିନ୍ତାର କାରଣ ହୋଇଯାଇଛି । ଶ୍ରାବଣ ମାସ ଗୋଟିଏ ଧର୍ମ ମାସ ହୋଇଥିବାରୁ ଅନେକ ଲୋକ ସାକାହାରୀ ଖାଦ୍ୟ ଖାଇବା ପାଇଁ ଚାହାନ୍ତି। ଏହି ସମୟରେ ଆଳୁର ଆକାଶ ଛୁଆଁ ଦର ନିଶ୍ଚିତ ଭାବରେ ଗ୍ରାହକଙ୍କୁ ବିବ୍ରତ କରୁଛି। ଓଡ଼ିଶାରେ ଦିନକୁ ଦିନ ଆଳୁର ଦର ବୃଦ୍ଧି ଦେଖିବାକୁ ମିଳୁଛି। ଆଳୁକୁ ଧରି ବିଭିନ୍ନ ରାଜନୈତିକ ଦଳ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏବଂ ସରକାରଙ୍କୁ ଘେରିଛନ୍ତି। ଆଳୁର ଦର କେଉଁଠି କେଜି ପିଛା ୪୦ ତ କେଉଁଠି ୫୦ ଟଙ୍କାରେ ବିକ୍ରି ହେଉଛି। ନିକଟରେ ସରକାରଙ୍କ ତରଫରୁ କୁହାଯାଇଛି କି ଯଦି କେଜି ପିଛା ଆଳୁ ୪୦ ଟଙ୍କା ଉପରେ ବିକାଯାଏ ତାହେଲେ ଆଳୁ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗଞ୍ଜାମ ଜିଲ୍ଲା ହିଞ୍ଜିଳି କାଟୁରେ କେଜି ପିଛା ଆଳୁ ୩୦ ଟଙ୍କା ମୂଲ୍ୟରେ ଖାଉଟିଙ୍କୁ ଦିଆଯାଇଛି। ବର୍ତ୍ତମାନ ଓଡିଶାରେ ଗ୍ରାହକଙ୍କ ମୂଳ ଚର୍ଚ୍ଚାର ବିଷୟ ହେଉଛି ଆଳୁ । ବିଭିନ୍ନ ରାଜନୈତିକ ଦଳ ଆଳୁକୁ ଧରି ସରକାରଙ୍କୁ ଘେରିଲେ ଏବଂ ବିରୋଧୀ ଦଳଙ୍କ କହିବା ମୁତାବକ ଯଦି ଆଳୁ ଦର କମିବନି ତାହେଲେ ଆନ୍ଦୋଳନ ତୀବ୍ର ହେବ। ଓଡିଶାର ବିଜେପି ସରକାରଙ୍କ ଦ୍ୱାରା କୁହାଯାଇଛି ଯେ ପଶ୍ଚିମ ବଙ୍ଗ ସରକାରଙ୍କ ତରଫରୁ ଆଳୁ ଓଡିଶାକୁ ନ ଛଡା ଯିବାରୁ ଆମ ରାଜ୍ୟରେ ଆଳୁର ଅଭାବ ଦେଖିବାକୁ ମିଳୁଛି। ବର୍ତ୍ତମାନ ଓଡିଶାର ସମସ୍ତ ରାଜନୈତିକ ଦଳ ସରକାରଙ୍କ ଉପରେ ଆଳୁର ଦରକୁ ନିୟନ୍ତ୍ରଣ କରିବା ପାଇଁ ଦାବି କରିଛନ୍ତି । ବର୍ତ୍ତମାନ ଖବର ଆସିଛି କି ଓଡ଼ିଶାରେ କିଛି ସ୍ଥାନରେ ୧୦୦ ଟଙ୍କାରେ ଗ୍ରାହକଙ୍କୁ ୩ କେଜି ଆଳୁ ମିଳିବ। ଘରେ ଘରେ ଆଳୁ ଯେମିତି ମୂଲ୍ୟବାନ ପରିବା ହୋଇଯାଇଛି । ଏହାର ଦର ବୃଦ୍ଧି ଖାଉଟିଙ୍କ ମନ ଭିତରେ ଛନକା ସୃଷ୍ଟି କରିଛି। ବର୍ତ୍ତମାନ ପ୍ରଶ୍ନ ଉଠିଛି ଯେ ଓଡ଼ିଶା ସରକାର କେବେ ଆଳୁର ଦରକୁ ନିୟନ୍ତ୍ରଣ କରିବେ ଏବଂ ଗ୍ରାହକଙ୍କୁ କେବେ ସୁଲଭ ଦରରେ ଆଳୁ ମିଳିବ। ଆଳୁ ଦର ଆଗକୁ ଆହୁରି ବଢି ପାରେ ଏହି ଆଶଙ୍କାରେ ଗ୍ରାହକ ମାନେ ନିକଟରେ ଥିବା ରାସନ ଦୋକାନରୁ ଆଳୁ କିଣି ଘରେ ରଖୁଛନ୍ତି ସେଥିପାଇଁ ଆଳୁର ପରିମାଣ ବଜାରରେ କମିଯାଉଛି। ବର୍ତ୍ତମାନ ପ୍ରଶ୍ନ ଉଠିଛି ଗତ କିଛି ବର୍ଷ ତଳେ ଆଳୁ କେଜି ପିଛା ୧୦ ଟଙ୍କାରେ ବିକ୍ରି ହେଉଥିଲା ବେଳେ ଏବେ ୪୦ ଟଙ୍କା ଦରରେ ବିକ୍ରି କରାଯାଉଛି। ନିକଟରେ ପଶ୍ଚିମ ବଙ୍ଗରେ କେଜି କେଜି ଆଳୁ ରାସ୍ତାରେ ଫିଙ୍ଗିବା ଦେଖିବାକୁ ମିଳିଥିଲା। ଆଳୁର ଦର କମାଇବା ପାଇଁ ଓଡ଼ିଶାର ସାଧାରଣ ଜନତାଙ୍କୁ ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିବ ତାହେଲେ ଆଳୁର ଦର ନିଶ୍ଚୟ କମିବ ଏବଂ ଲୋକ ମାନଙ୍କୁ ଶସ୍ତାରେ ଆଳୁ ମିଳିବ। ତିନି ମାସ ଭିତରେ ଆଳୁର ଦାମ ଦୁଇ ଗୁଣ ହୋଇଯିବା ନିଶ୍ଚିତ ଭାବରେ ଚିନ୍ତାର ବିଷୟ। ଓଡ଼ିଶା ସରକାରଙ୍କ ଫୁଡ୍ ସପ୍ଲାଇ ଖାଉଟି ଉନ୍ନୟନ ମନ୍ତ୍ରୀ ଶ୍ରୀ କେସି ପାତ୍ର କହିଛନ୍ତି ଯେ ଓଡ଼ିଶାରେ ହୋଇଥିବା ଆଳୁର ସମସ୍ୟାର ସମାଧାନ ପାଇଁ ଓଡ଼ିଶା ସରକାର ନାଫେଡ ଜରିଆରେ ଉତ୍ତର ପ୍ରଦେଶରୁ ଆଳୁ କିଣିବ ଓ କେଜି ପିଛା ୩୦ ଟଙ୍କା ଦରରେ ଖାଉଟିଙ୍କୁ ଯୋଗାଇବ । କିନ୍ତୁ ଉତ୍ତର ପ୍ରଦେଶର ଆଳୁର ଚାହିଦା ଓଡିଶାରେ ନାହିଁ। ଓଡିଶାରେ ବାର୍ଷିକ ୧୩.୫ ଲକ୍ଷ ଟନ ଆଳୁ ଦରକାର ହୋଇଥାଏ କିନ୍ତୁ କେବଳ ୮୦୦୦୦ ଟନ ଆଳୁ ଓଡିଶାରେ ଆଦାୟ ହୁଏ। ପ୍ରତି ବର୍ଷ ଓଡିଶା ପଶ୍ଚିମ ବଙ୍ଗରୁ ଆଳୁ କିଣିଥାଏ । ଅନ୍ୟ ବର୍ଷ ଗୁଡ଼ିକରେ ଓଡ଼ିଶାରେ ବିଜେଡି ସରକାର ଥିଲା ବେଳେ ବର୍ତ୍ତମାନ ଓଡ଼ିଶାରେ ବିଜେପି ସରକାର ଅଛି। ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କର ଭଲ ସମ୍ପର୍କ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସହିତ ରହିଛି। କେନ୍ଦ୍ରରେ ଥିବା ବିଜେପି ସରକାରଙ୍କ ସହିତ ପଶ୍ଚିମ ବଙ୍ଗର ଟିଏମସି ସରକାରଙ୍କ ଯେହେତୁ ଭଲ ସମ୍ପର୍କ ନାହିଁ ତେଣୁ ଏବେ ପଶ୍ଚିମ ବଙ୍ଗ ଓଡ଼ିଶାକୁ ଆଳୁ ପଠାଉନାହିଁ। ପଶ୍ଚିମ ବଙ୍ଗକୁ ଯାଉଥିବା ମାଲବୁହା ଟ୍ରକ ମାନକୁ ଓଡ଼ିଶା ସରକାର ପଶ୍ଚିମ ବଙ୍ଗକୁ ଛାଡୁ ନାହିଁ। ଏମିତି ପରିସ୍ଥିତିରେ କେବଳ ଖାଉଟି ହଇରାଣ ହେବା ନିଶ୍ଚୟ। ପ୍ରାୟ ଏହି ସମୟରେ ଓଡିଶାରେ ପରିବାର ଦର ବୃଦ୍ଧି ଲକ୍ଷ୍ୟ କରାଯାଇଥାଏ। ଓଡିଶା ସରକାର ଏଥିପାଇଁ ପୂର୍ବ ପ୍ରସ୍ତୁତି କରିବା କଥା। ଓଡିଶାରେ କିପରି ପରିବା ଓ ଆଳୁ ପିଆଜ ଆଦାୟ କରାଯିବ ଓ ପରିବା ଓ ଆଳୁ କିପରି ନଷ୍ଟ ନ ହେବ ସେଥିପାଇଁ ସରକାର, ପ୍ରଶାସନ ଓ ଜନତା ଜାଗ୍ରତ ହେବା ଜରୁରୀ।

# ଆରତେ ଡାକଇ ଗଜ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଗଜ ବା ହାତୀ ସହିତ ଓଡିଆ ଜନଜୀବନର ସମ୍ବନ୍ଧ ବହୁ ପ୍ରାଚୀନ। ସୌଭାଗ୍ୟ, ଜ୍ଞାନ ଓ ସୁରକ୍ଷାର ପ୍ରତୀକ ହାତୀ । ଆମ ସନାତନ ସଂସ୍କୃତିରେ ହାତୀ ମା ଲକ୍ଷ୍ମୀଙ୍କ ବାହନ । ତେଣୁ ମା ଲକ୍ଷ୍ମୀଙ୍କୁ ଗଜଲକ୍ଷ୍ମୀ କୁହାଯାଏ । ଦେବ ଓ ଦାନବଙ୍କ ଦ୍ୱାରା ସାଗର ମନ୍ଥନରୁ ମା ଲକ୍ଷ୍ମୀଙ୍କ ସହ ହସ୍ତୀ ସୃଷ୍ଟି । ବର୍ଷା ଓ ଘଡଘଡିର ଦେବତା ଇନ୍ଦ୍ରଙ୍କ ବାହନ ଐରାବତ ହସ୍ତୀ । ଅଗ୍ରପୂଜ୍ୟ ଗଣେଶଙ୍କ କାନ୍ଧରେ ହାତୀ ମୁଣ୍ଡ ଶୋଭା ପାଉଥିବାରୁ ତାଙ୍କୁ ଗଜାନନ କୁହାଯାଏ । ବିବାହ, ବ୍ରତ ଏବଂ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟରେ କାନ୍ଥରେ ହାତୀ ଚିତ୍ର ଅଙ୍କାଯାଏ । ଅତୀତରେ ହାତୀ ପରିବହନର ମାଧ୍ୟମ ହେବା ସହ କ୍ଷମତା ଓ ପ୍ରତିପତ୍ତିର ସଙ୍କେତ ଭାବରେ ପରିଚିତ ଥିଲା । ସେତେବେଳେ ଯୁଦ୍ଧ ଯାତ୍ରାର ସମ୍ମୁଖରେ କଳିଙ୍ଗ ସମ୍ରାଟଙ୍କ ବିଶାଳ ହସ୍ତୀ ବାହିନୀ ଦେଖି ପ୍ରତିପକ୍ଷ ରାଜାଙ୍କ ହୃଦୟରେ ଭୟ ସଂଚାର ହେଉଥିଲା । ତେଣୁ କଳିଙ୍ଗର ସମ୍ରାଟଙ୍କୁ ଗଜପତି ରାଜା ଭାବରେ ସମ୍ମାନ ଦିଆଯାଏ । ଜୈବ ମଣ୍ଡଳ, ସମାଜ ଓ ପରିବେଶ ସନ୍ତୁଳନରେ ହାତୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଡାଇନୋସର ପରେ ହାତୀ ସ୍ଥଳ ଭାଗର ସବୁଠାରୁ ବଡ ପ୍ରାଣୀ ବନ୍ୟଜନ୍ତୁମାନଙ୍କ ମଧ୍ୟରେ ହାତୀ ସବୁଠାରୁ ବୁଦ୍ଧିଆ ଓ ଖୁବ ଶାନ୍ତିପ୍ରିୟ । ଜଙ୍ଗଲର ଶାନ୍ତ ପରିବେଶରେ ବିଚରଣ କରିବାକୁ ସେ ପସନ୍ଦ କରେ । ସବୁଜ ବନାନୀ ଭିତରେ ମନ ଖୁସିରେ ବୁଲେ ମନ ଖୁସିରେ ଖେଳେ । ଖାଦ୍ୟ ସଂଗ୍ରହ ପାଇଁ ଏ ଜଙ୍ଗଲରୁ ସେ ଜଙ୍ଗଲକୁ ଘୁରି ବୁଲେ । ହାତୀର ପ୍ରକୃତି ହେଉଛି ସେ ଜଙ୍ଗଲର ତାଳପତ୍ର, ଘାସ, କିଆ, କନ୍ଦା, ବାଉଁଶ ଆଦି ପଚାଶରୁ ଷାଠିଏ କିସମର ବୃକ୍ଷଲତାକୁ ଖାଦ୍ୟ ରୂପେ ବ୍ୟବହାର କରିବା । ହାତୀ ଦିନକୁ ଦେଢ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଖାଦ୍ୟ ଖାଇଥାଏ । ଖାଦ୍ୟ ହଜମ କରିବା ପାଇଁ ବହୁତ ଚାଲେ । ଖାଦ୍ୟ ନିମନ୍ତେ ତାକୁ ସତର ରୁ ଅଠର ଘଣ୍ଟା ପରିଶ୍ରମ କରିବାକୁ ପଡିଥାଏ । ଥରକେ ଶହେରୁ ଦୁଇ ଶହ ଲିଟର ପାଣି ପିଇଥାଏ । ହାତୀ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ରହିପାରେନି । ସେମାନେ ଦୁଇତିନି ଦିନରେ ଶହେରୁ ଦେଢ ଶହ କିଲୋମିଟର ବାଟ ଚାଲିଲେ ଶାନ୍ତି ପାଆନ୍ତି । ତେଣୁ ହାତୀ ରାତିକ ମଧ୍ୟରେ ପଚାଶ କିଲୋମିଟର ଚାଲିପାରେ । ହାତୀମାନେ ଯେଉଁ ବାଟେ ଯାଆନ୍ତି ସେହିବାଟେ ଫେରନ୍ତି । ଏପରିକି କିଛିବର୍ଷ ଅତିକ୍ରାନ୍ତ ହେଲେ ବି ସେହି ରାସ୍ତା ତାଙ୍କର ମନେ ରହିଥାଏ । ସ୍ୱଭାବଗତ ଭାବରେ ହାତୀମାନେ ଯେଉଁ ରାସ୍ତାରେ ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲକୁ ଖାଦ୍ୟ, ପାନୀୟ ଓ ଉପଯୁକ୍ତ ବାସସ୍ଥାନ ସନ୍ଧାନରେ ଯିବାଆସିବା କରନ୍ତି ତାକୁ କରିଡର ବା ହାତୀ ଯାତାୟତ ପଥ କୁହାଯାଏ । କଳା ମଚମଚ ଚମଡା ଯୋଗୁଁ ଉତ୍ତାପ ସହ୍ୟ କରିପାରୁ ନଥିବାରୁ ଛାଇ ସ୍ଥାନକୁ ଆପଣାଇଥାଏ ତେଣୁ ପାଣିକୂଳ ସନ୍ତସନ୍ତିଆ ଓ ବୃକ୍ଷଲତାବହୁଳ ସ୍ଥାନକୁ ସେ ପସନ୍ଦ କରେ । ମଣିଷ ଭଳି ହାତୀମାନେ ଏକାଠି ରହିବାକୁ ପସନ୍ଦ କରନ୍ତି । ସେଥିପାଇଁ ଦଳବଦ୍ଧ ହୋଇ ରହିଥାନ୍ତି । ଏମାନଙ୍କ ଦଳରେ ଛୋଟ ହାତୀମାନେ ସୁରକ୍ଷିତ ରହିଥାନ୍ତି । ପୃଥିବୀରେ ଆଫ୍ରିକୀୟ ଓ ଏସୀୟ ହାତୀ ଦେଖାଯାନ୍ତି । ଏସୀୟ ହାତୀ ସାଧାରଣ ଭାବରେ ଭାରତ, ଚୀନ, ନେପାଳ, ବାଂଗ୍ଲାଦେଶ, ଭୁଟାନ, ମିଆଁମାର, ଥାଇଲାଣ୍ଡ, ଭିଏତନାମ, କାମ୍ବୋଡିଆ ଆଦି ଦେଶରେ ଖୋଯାଇଥାନ୍ତି । ଆମ ଦେଶର ପ୍ରାୟ ସବୁ ରାଜ୍ୟରେ ହାତୀ ଦେଖାଯାଉଥିଲେ ମଧ୍ୟ ଉତ୍ତରପୂର୍ବ ଭାରତରେ ନେପାଳର ସୀମାନ୍ତ ରାଜ୍ୟ ପଶ୍ଚିମବଙ୍ଗ, ଆସାମ, ମଣିପୁର, ମିଜୋରମ, ତ୍ରିପୁରା ଆଦି ରାଜ୍ୟରେ ବହୁଳ ଭବରେ ଦେଖାଯାଇଥାନ୍ତି । ଭାରତର ଦଶ ପ୍ରତିଶତ ହାତୀ ଓଡିଶାରେ ହିଁ ଦେଖାଯାନ୍ତି । ଓଡିଶାର ୨୮ ଟି ଜିଲ୍ଲାରେ ହାତୀ ଦେଖିବାକୁ ମିଳନ୍ତି । ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ୨୦୧୦ ମସିହା ଜାନୁଆରୀ ମାସରେ ରାଜ୍ୟର ୧୪ଟି ସଂରକ୍ଷିତ ଜଙ୍ଗଲକୁ ହାତୀ କରିଡର ଭାବେ ସରକାର ଘୋଷଣା କରିଥିଲେ । ୧୯୭୯ ମସିହାରେ ଓଡିଶାରେ ପ୍ରଥମ ଥରପାଇଁ ହାତୀଗଣନା ଆରମ୍ଭ ହୋଇଥିଲା । ସେତେବେଳେ ରାଜ୍ୟରେ ହାତୀଙ୍କ ସଂଖ୍ୟା ଥିଲା ୨୦୪୪ । ଭାରତରେ ଥିବା ହାତୀ ସଂଖ୍ୟାର ୭ ପ୍ରତିଶତ ଓ ଦନ୍ତାହାତୀ ସଂଖ୍ୟାର ୨ ପ୍ରତିଶତ ଓଡିଶାର ବିଭିନ୍ନ ଜଙ୍ଗଲରେ ଥିଲେ । ରାଜ୍ୟରେ ହାତୀ ସଂଖ୍ୟା ୨୦୧୩ ମସିହାରେ ୧୯୩୦ ଥିବା ବେଳେ ୨୦୧୫ରେ ୧୯୫୪, ୨୦୧୭ରେ ୧୯୭୬ ଓ ୨୦୨୪ରେ ୨୦୯୮କୁ ବୃଦ୍ଧି ପାଇଛି । ରାଜ୍ୟରେ ପ୍ରତି ୧୦ଟି ହାତୀ ମୃତ୍ୟୁରେ ଜଣେ ମଣିଷର ହାତ ରହିଛି । ଗତ ତିନି ବର୍ଷ ତଳେ କେରଳରେ ଏକ ଗର୍ଭବତୀ ହାତୀକୁ ସପୁରୀରେ ବାଣ ଖୁଆଇ ହତ୍ୟା ଘଟଣା ସମଗ୍ର ଦେଶରେ ପ୍ରତିବାଦର ସ୍ୱର ସୃଷ୍ଟି କରିଥିଲା । ଖଣି ଖନନ, ଶିଳ୍ପ ଓ କାରଖାନା ସ୍ଥାପନ,ନଦୀବନ୍ଧ ଯୋଜନା, କୃଷି ପାଇଁ ଜମି ସମ୍ପ୍ରସାରଣ, ନୂତନ ରାସ୍ତାଘାଟ ନିର୍ମାଣ ଆଦି ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଜଙ୍ଗଲରେ ହାତୀ ଭୀତତ୍ରସ୍ତ ଅବସ୍ଥାରେ ଅଛନ୍ତି । ଖଣି, ଯାନବାହନ ଓ ରେଳର ଶବ୍ଦ ସେ ସହି ପାରୁନାହିଁ । ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ମାଇ ହାତୀଙ୍କ ତୁଳନାରେ ଦନ୍ତାହାତୀ ସଂଖ୍ୟା ଅଧିକ । ଓଡିଶାର ଜଙ୍ଗଲରେ ରହୁଥିବା ହାତୀର ଦାନ୍ତ ଓଜନିଆ ଓ ଲମ୍ବା ଥିବାରୁ ଶିକାରୀମାନଙ୍କର ଲୋଲୁପ ଦୃଷ୍ଟି ରହିଥାଏ । ଶିକାର ହେଉଥିବା ହାତୀଙ୍କ ମଧ୍ୟରୁ ଶତପ୍ରତିଶତ ହେଲେ ଦନ୍ତା ହାତୀ । ଏହି ହାତୀମାନେ ହେଉଛନ୍ତି ହାତୀ ବଂଶର ଭବିଷ୍ୟତ ଦାୟାଦ । ଏମାନଙ୍କୁ ଶୀକାର କରାଯାଉଥିବାରୁ ରାଜ୍ୟରେ ହାତୀ ବଂଶ ପାଇଁ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହେଉଛି । ଜଙ୍ଗଲରେ ଅବାଧ ଗଛକଟା, ପଥର ବ୍ଲାଷ୍ଟି, ଖଣିଖାଦାନ ଆଦି ମନୁଷ୍ୟକୃତ ଭାବେ ସଙ୍କୁଚିତ ହେଉଥିବାରୁ ହାତୀମାନେ ଖାଦ୍ୟ ଓ ଜଳ ଅଭାବରୁ ଜଙ୍ଗଲ ଛାଡି ଜନବସତି ଆଡକୁ ଆସୁଛନ୍ତି । ଏହା ଫଳରେ ହାତୀ ଓ ମଣିଷ ବିବାଦ ବୃଦ୍ଧି ପାଉଛି । ଉଭୟ ହାତୀ ଓ ମଣିଷଙ୍କ ମୃତ୍ୟୁ ଘଟିବା ସହିତ ବହୁ ଧନ ସମ୍ପତ୍ତି ନଷ୍ଟ ହେଉଛି । ପରିବେଶରେ ଖାପ ଖୁଆଇ ନପାରି ଡାଇନୋସର ବିଲୁପ୍ତ ହେଇଥିଲା । ଦିନ ଥିଲା ହାତୀ ମେରା ସାଥୀ ବା ହାତୀକୁ ମଣିଷର ସାଥି ଭାବରେ ନାମିତ କରାଯାଉଥିଲା । ଏକ ଲୋକପ୍ରିୟ ଜଣାଣ -ଗଜରାଜ ଚିନ୍ତା କଲା ଥାଇ ଘୋର ଜଳେଣ , ଚକ୍ର ପେଶି ଚକ୍ର ନାଶି ଉଦ୍ଧାରିଲ ଆପଣ, ଆହେ ନୀଳ ଶଇଳ...। ହ୍ରଦରୁ ପଦ୍ମ ତୋଳିବାକୁ ଯାଇ ହାତୀ କୁମ୍ଭୀର ହାବୁଡରେ ପଡିଥିଲା । କୁମ୍ଭୀରର ଗ୍ରାସରୁ ରକ୍ଷା ପାଇବା ପାଇଁ ଗଜ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲା । ଦେବୀ ଲକ୍ଷ୍ମୀଙ୍କ ସହ ପଶା ଖେଳରେ ଲିପ୍ତ ଥିବା ବିଷ୍ଣୁ ଭକ୍ତର ପ୍ରାର୍ଥନା ଶୁଣି ଚାଲି ଆସିଥିଲେ । ଚକ୍ରରେ କୁମ୍ଭୀରର ମସ୍ତକ ଛେଦନ କରି ଗଜକୁ ରକ୍ଷା କରିଥିଲେ । ତେଣୁ ମାଘ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଗଜ ଉଦ୍ଧାରଣ ବେଶ କରାଯାଏ । ଏବେ ବିପଦରେ ଥିବା ହସ୍ତୀକୁ ରକ୍ଷା କରିବା ପାଇଁ ବିଷ୍ଣୁ ଆସିବେ ନାହିଁ । ହାତୀଙ୍କ ବାସସ୍ଥଳ ଉପରେ ବିଭିନ୍ନ କାରଣରୁ ଯେପରି ମାନବୀୟ ଚାପ ସୃଷ୍ଟି କରାଯାଉଛି ସେମାନେ ଆଉ ନିରାପଦ ମଣୁନାହାନ୍ତି । ବନସ୍ତରେ ଏବେ ଗଜରାଜ ଆର୍ତ୍ତ ଚିତ୍କାର କରୁଛି। ଗଜ ସୁରକ୍ଷା ପାଇଁ କେବଳ ସରକାରଙ୍କ ପ୍ରୟାସ ଓ ପ୍ରୋତ୍ସାହନ ରହିଲେ ହେବ ନାହିଁ, ଜନସାଧାରଣଙ୍କ ସହଯୋଗ ଅପରିହାର୍ଯ୍ୟ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ଚିନ୍ତା ବଢ଼ାଉଛି ଫେକ୍ ଫୋନ୍ କଲ୍:ଠକେଇର ଶିକାର ହେଲେଣି ଅନେକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରି ଆକ୍ଟିଭ୍ ସିମ୍‌ର ବହୁଳ ବ୍ୟବହାର ଯୋଗୁଁ ବହୁ ଲୋକ ଠକେଇର ଶିକାର ହେଉଥିବା ବେଳେ ଅନ୍ୟପକ୍ଷରେ କିଛି ଅସାମାଜିକ ବ୍ୟକ୍ତିମାନେ ପ୍ରତିଷ୍ଠିତ ବ୍ୟବସାୟୀ, ନେତା ଓ ଜେଲ୍ ଫେରନ୍ତାଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହେଉଛି । ଏପରିକି ଅସାମାଜିକ ବ୍ୟକ୍ତିମାନେ ବିଭିନ୍ନ ଫେକ୍ ଆଇଡ଼ି ଖୋଲି ଲୋକଙ୍କୁ ଧମକ ଦେବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିବା ନଜିର ରହିଛି । ଏପରିକି ଅସାମାଜିକ ବ୍ୟକ୍ତିମାନେ ପୋଲିସକୁ ଫୋନ୍ କରି ମିଛ ସୂଚନା ଦେବାକୁ ମଧ୍ୟ ପଛାଉନାହାନ୍ତି । କିଏ ଫୋନ୍ କରି କେଉଁଠି ଡକାୟତି ଯୋଜନା ଚାଲିଥିବା ଭଳି ସୂଚନା ଦେଉଛି ତ ଆଉ କିଏ ନିଜର ମିଥ୍ୟା ପରିଚୟ ଦେଇ ଅପହରଣର ନାଟକ କରୁଛନ୍ତି । ବକରକୁ ଗୁରୁତ୍ୱ ଦେଇ ଘଟଣାସ୍ଥଳକୁ ଯାଇ ପୋଲିସକୁ ନିରାଶ ହୋଇ ଫେରିବାକୁ ପଡୁଛି । ଏଭଳି କିଛି ଫେକ୍ ବା ମିଥ୍ୟା ଫୋନ୍ କଲ୍ ଏବେ ପୋଲିସର ମୁଣ୍ଡବ୍ୟଥାର କାରଣ ସାଜିଥିବା ଦେଖିବାକୁ ମିଳିଛି । ଏଭଳି ପରିସ୍ଥିତି ପୋଲିସ କେଉଁଟା ସତ ଏବଂ କେଉଁଟା ମିଛ ଜାଣିବା ସମ୍ଭବପର ହେଉନଥିବା ବେଳେ ଘଟଣାସ୍ଥଳରେ ପହଞ୍ଚିବାରେ ମଧ୍ୟ ଅନେକ ସମୟରେ ବିଳମ୍ବ ହେଉଛି । ଗତ କିଛି ଦିନ ପୂର୍ବେ ଗୋସାଇଁନୂଆଗାଁ ଥାନା ଅଞ୍ଚଳର ଲକ୍ଷ୍ମୀନୃସିଂହ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ସାଇବର ଥାନାରୁ ଏସ୍‌ଆଇ ମାନସ ରଞ୍ଜନ ଦାଶଙ୍କ ପରିଚୟ ଦେଇ ଫୋନ୍ କଲ୍ ଯାଇଥିଲା ଏବଂ ନୃସିଂହଙ୍କ ନାମରେ ଅଭିଯୋଗ ରହିଥିବା ଦର୍ଶାଇ ଥାନାକୁ ଆସିବାକୁ କୁହାଯାଇଥିଲା । ଏଭଳି ଖବରପାଇ ଲକ୍ଷ୍ମୀନୃସିଂହ ପାତ୍ରଙ୍କ ଭଣଜା ବ୍ରହ୍ମପୁର ସାଇବର ଥାନାକୁ ଯୋଗାଯୋଗ କରି ମାନସ ନାମରେ କେହି ଏସ୍‌ଆଇ ଅଛନ୍ତି କି ନାହିଁ ପଚାରି ବୁଝିଥିଲେ । ପରେ ତାହା ଏକ ଫେକ୍ କଲ୍ ଥିବା ସେ ଜାଣିବାକୁ ପାଇଥିଲେ । ଫୋନ୍ କରି ସମ୍ପୃକ୍ତ ବ୍ୟକ୍ତି ଜଣକ ୮ ହଜାର ଟଙ୍କା ଦାବି କରିଥିବା ପୋଲିସ ତଦନ୍ତ ବେଳେ ଜଣାପଡ଼ିଛି । ଲକ୍ଷ୍ମୀନୃସିଂହ ପାତ୍ରଙ୍କ ସଠିକ୍ ଚିନ୍ତାଧାରା ଯୋଗୁଁ ସେ ଅଳ୍ପକେ ସାଇବର ଠକେଇରୁ ବର୍ତିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ସାଇବର ଠକଙ୍କ କବ୍‌ଜାରେ ବ୍ରହ୍ମପୁର ପୋଲିସ ଜିଲ୍ଲା କହିଲେ ଅତ୍ୟୁକ୍ତି ହେବନାହିଁ । ନୂଆ ଓ ପୁରୁଣା ଢ଼ାଞ୍ଚାରେ ବ୍ୟାଙ୍କ ଆକାଉଣ୍ଟର ଲକ୍ଷାଧିକ ଟଙ୍କା ଗାଏବ ହୋଇଯାଉଥିବା ନଜିର ରହିଛି । ପ୍ରତ୍ୟେକ ଦିନ ମୋବାଇଲ୍‌କୁ ଲଟେରୀ ଉଠାଣ, ଅନ୍‌ଲାଇନ୍‌ରେ ପାର୍ଟଟାଇମ୍ ଜବ୍, କିଛି ସୁନ୍ଦରୀଙ୍କ ସହ କଥା ହେବା ପାଇଁ ମେସେଜ୍ ଏବଂ ଅନ୍‌ଲାଇନ୍ ଗେମ୍ ଖେଳିବାକୁ ମେସେଜ୍ ଆସୁଛି । ଏହି ମେସେଜ୍‌କୁ ବିଶ୍ୱାସକୁ ନେଇ ଲୋକେ ସାଇବର ଠକେଇର ଶିକାର ହେଉଛନ୍ତି । ଚଳିତବର୍ଷ ପହିଲାରୁ ଏ ପର୍ଯ୍ୟନ୍ତ ବ୍ରହ୍ମପୁର ସାଇବର ଥାନାରେ ମୋଟ୍ ୧୮ଟି ସାଇବର ମାମଲା ରୁଜୁ ହୋଇଥିବା ବେଳେ ସହରର ଅନ୍ୟ ଥାନା ଗୁଡ଼ିକରେ ମଧ୍ୟ ବହୁ ସାଇବର ଠକେଇ ମାମଲା ରୁଜୁ ହୋଇଛି । ସାଇବର ଠକମାନେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ରହିଛି । ଲୋକଙ୍କ ସରଳତାର ସୁଯୋଗ ନେଇ ସାଇବର ଠକମାନେ ସହରରେ ଜାଲ ବିଛାଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷିତଙ୍କୁ ଜାଲରେ ଫସାଉଛନ୍ତି । ପୋଲିସ ଲୋକଙ୍କୁ ସଚେତନ କରୁଥିଲେ ହେଁ ସାଇବର ଠକ ଗ୍ୟାଙ୍ଗ ନୂଆ ନୂଆ ତରିକା ଆପଣାଉଥିବା ଦେଖିବାକୁ ମିଳୁଛି ।

# ଜଳ ଯନ୍ତ୍ରଣା:ମିଟର ଚାଲୁନି, ବିଲ୍ ଆସୁଛି

**ଖଣ୍ଡଗିରି, ନ୍ୟୁଜ୍ ବ୍ୟୁରୋ**



ବିଦ୍ୟୁତ୍ ମିଟର ଭଳି ବସିଛି ପାଣି ମିଟର । ଯେତିକି ବ୍ୟବହାର କରିବେ ସେତିକି ଆସିବ ବିଲ୍ । ହେଲେ ଭୁବନେଶ୍ୱରରେ ସ୍ଥିତି ବିଚିତ୍ର । କେଉଁଠି ନୂଆ ମିଟର ବସିଥିଲେ ବି ଚାଲୁନି, କେଉଁଠି ପୁରୁଣା ମିଟରରେ ବିଲ୍ କେତେ ଉଠିଲା ଦିଶୁନି । ପୁରୁଣା ମିଟର ବଦଳା ଯାଉନି କି ଅଚଳ ନୂଆକୁ ସଜଡ଼ା ହେଉନି । ତେଣୁ ବିଲ୍ ମଧ୍ୟ ଆଦାୟ ହେଉନି । ଏକା ଥରକେ ମୋଟା ଅଙ୍କର ବିଲ୍ ଆସିବା ଆଶଙ୍କାରେ ଏବେ ଉପଭୋକ୍ତାଙ୍କ ଦ୍ୱନ୍ଦ୍ୱ ବଢ଼ିଛି । ସାରା ଭୁବନେଶ୍ୱରରେ ସ୍ଥିତି ଏଭଳି ରହିଛି କିନ୍ତୁ ଖଣ୍ଡଗିରି ଅଞ୍ଚଳରେ ସ୍ଥିତି ଉତ୍କଟ ହୋଇଛି । ଏଠାକାର ଶହ ଶହ ଉପଭୋକ୍ତା ଚିନ୍ତାରେ ପଡ଼ି ୱାଟ୍‌କୋର ଦ୍ୱାରସ୍ଥ ହୋଇଛନ୍ତି । ଖଣ୍ଡଗିରିର ପିତାମ୍ବର ସ୍ୱାଇଁ ୩ ବର୍ଷ ତଳେ ତାଙ୍କ ଘରେ ପାଣି ମିଟର ଲାଗିଥିଲା । ୟୁନିଟ୍ ପିଛା ୫ ଟଙ୍କା ୨୯ ପଇସା ହିସାବରେ ପାଣିବିଲ୍ ଆଦାୟ କରିଯିବ ବୋଲି କୁହାଯାଇଥିଲା । ହେଲେ ମିଟର ବସିବାର ୨ ବର୍ଷ ପର୍ଯ୍ୟନ୍ତ ପାଣି ବିଲ୍ ନିୟମିତ ଆସିନଥିଲା । କେତେବେଳେ ୮ ମାସରେ ଥରେ ମିଟର ରିଡ଼ିଂ କରିବାକୁ ୱାଟ୍‌କୋରୁ କର୍ମଚାରୀ ଆସିଲେ ତ କେବେ ୨ ମାସରେ ୩ ଥର ସେତେବେଳେ ସମସ୍ତଙ୍କ ଘରେ ମିଟର ଲାଗିଗଲେ ଆଉ ଏ ସମସ୍ୟା ହେବ ନାହିଁ ବୋଲି କୁହାଯାଉଥିଲା । ହେଲେ ୩ ବର୍ଷ ପରେ ବର୍ତ୍ତମାନ ସ୍ଥିତି ଓଲଟା ହୋଇଯାଇଛି । ଏବେ ନୂଆ ମିଟର ବାହାରେ ରହୁଥିବାରୁ ସେଥିରେ ପାଣି ପଶି ଯାଉଛି । ଏହା ଭିତରେ ଥିବା ରିଡ଼ିଂ ଆଉ ଦେଖାଯାଉନାହିଁ । ଏବେ ରିଡ଼ିଂ ନେବାକୁ କର୍ମଚାରୀ ଆସୁଛନ୍ତି, ହେଲେ ରିଡ଼ିଂ ନନେଇ ମିଟର ବଦଳାଯିବ ବୋଲି କହି ଚାଲି ଯାଉଛନ୍ତି । ମାସ ମାସ ଧରି ଏମିତି ଚାଲିଛି କେମିତି ବଦଳା ଯିବ, କାହା ପାଖକୁ ଗଲେ ହେବ, ସେନେଇ କିଛି ସୂଚନା ଦିଆଯାଉନାହିଁ । ବାଧ୍ୟ ହୋଇ ଶ୍ରୀ ସ୍ୱାଇଁ ୬ ମାସ ତଳେ ୱାଟ୍‌କୋ କାର୍ଯ୍ୟାଳୟ ଯାଇ ମିଟର ବଦଳାଇବାକୁ ଅନୁରୋଧ କରିଥିଲେ । ହେଲେ ଏଯାବତ୍ ତାଙ୍କ ମିଟର ବଦଳା ଯାଇନାହିଁ । ବିଲ୍ ବାକି ରହିଲେ ଦେୟ ପରିମାଣ ବଢ଼ିଯିବ ଓ ଜରିମାନାର ଆଶଙ୍କା ବି ରହିଛି । ତେଣୁ ଏକ ଆଭରେଜ୍ ବିଲ୍ ପ୍ରଦାନ କରିବାକୁ ୱାଟ୍‌କୋ କର୍ମଚାରୀ ପରାମର୍ଶ ଦେଇଥିଲେ । ପରାମର୍ଶ ଆଧାରରେ ନିୟମିତ ବିଲ୍ ଦେଇ ଆସୁଥିଲେ । ସେ ମଝିରେ ୨ ମାସ ଘରେ ନଥିଲେ ମଧ୍ୟ ତାଙ୍କୁ ଆଭରେଜ୍ ବିଲ୍ ଦେବାକୁ ହୋଇଥିଲା । ସେହିଭଳି କଳିଙ୍ଗବିହାର କେ-୪ ଅଞ୍ଚଳରେ ସମସ୍ତଙ୍କ ଘରେ ପାଣି ମିଟର ଲାଗିଲା । ମାତ୍ର ମମତା ମିଶ୍ରଙ୍କ ଘରେ ମିଟର ଲାଗିଲା ନାହିଁ । ପୁରୁଣା ମିଟରରେ ମଧ୍ୟ ପାଣି ବିଲ୍ ଦେବାରେ ସମସ୍ୟା ନାହିଁ ବୋଲି ୱାଟ୍‌କୋ ପକ୍ଷରୁ କୁହାଗଲା । ମାତ୍ର ୨୦୨୧ ମସିହା ପରଠାରୁ ବାରମ୍ବାର ସେ ୱାଟ୍‌କୋ କାର୍ଯ୍ୟାଳୟ ଦୌଡ଼ୁଥିଲେ ମଧ୍ୟ ତାଙ୍କର ନୂଆ ମିଟର ଲାଗୁନି କି ସେ ବିଲ୍ ଦେଉନାହାନ୍ତି । ଏମିତି ୩ ବର୍ଷ ହୋଇଗଲାଣି ସେ ରହିବା ପରେ ମଧ୍ୟ ବିଲ୍ ଦେଇ ପାରୁନାହାନ୍ତି । ଏଭଳି ସମୟରେ ଯଦି ତାଙ୍କ ନିକଟକୁ ଏକା ସହିତ ଲକ୍ଷାଧିକ ଟଙ୍କାର ବିଲ୍ ଆସିବ, ତେବେ ସେ କଣ କରିବେ ଭାବି ଚିନ୍ତାରେ ପଡ଼ିଲେଣି । କାରଣ ସେ ଏକକାଳୀନ ଏତେ ଟଙ୍କା ଦେବାକୁ ସକ୍ଷମ ନୁହନ୍ତି । ଏଭଳି ଶହ ଶହ ଜଳ ଉପଭୋକ୍ତା ବାରଦୁଆର ହେଉଛନ୍ତି । ହେଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଠାରୁ କିଛି ସହାନୁଭୂତି ମିଳୁନି ବରଂ ସେମାନଙ୍କ ଉତ୍ତର କଟା ଘାରେ ଚୂନ ସଦୃଶ ହୋଇଛି । ଅଧିକାରୀ କହୁଛନ୍ତି, ଏବେ ମଧ୍ୟ ନୂଆ ପାଣି ମିଟର ଲଗା ଚାଲିଛି । ଲୋକେ ବିଭିନ୍ନ ଆଳ ଦେଖାଇ ଏଡ଼ାଇବାକୁ ଚେଷ୍ଟା କରୁଥିବାରୁ ଏହାକୁ ସମ୍ପୂର୍ଣ୍ଣ କରାଯାଇ ପାରୁନାହିଁ । ସମସ୍ୟା ଥିଲେ ଅଭିଯୋଗ ନମ୍ବର ୧୫୫୩୫୯ରେ ବାରମ୍ବାର ଅଭିଯୋଗ କରନ୍ତୁ କିଏ ନା କିଏ କଥା ଶୁଣିବେ ନିଶ୍ଚୟ । ସୂଚନାଯୋଗ୍ୟ ଯେ କେବଳ ଏଭଳି ମିଟର ରିଡ଼ିଂକୁ ନେଇ ସମସ୍ୟା ନାହିଁ, ବିଗତ ଦିନରେ ପାଣି ଆସୁନଥିଲେ ମଧ୍ୟ ମିଟର ଚାଲୁଥିବା ଅଭିଯୋଗ ରହିଛି । ପୁଣି ତ୍ରୁଟିଯୁକ୍ତ ବିଲ୍ ଆସିବାର ବହୁ ଉଦାହରଣ ରହିଛି ।

# ସମୁଦ୍ରପଥ ମୁକୁଳା:ବଢୁଛି ବଙ୍ଗଭାଷୀଙ୍କ ଅନୁପ୍ରବେଶ

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

୨୦୦୮ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ କେନ୍ଦ୍ର ସରକାର ଦେଶର ସାମୁଦ୍ରିକ ଜଳପଥକୁ କଡ଼ା ନଜର ରଖିବା ସହ ଉପକୂଳ ଅଞ୍ଚଳର ସୁରକ୍ଷାକୁ ଗୁରୁତ୍ୱ ଦେଇ ସାମୁଦ୍ରିକ ଥାନା ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଗଲା । ଏଥିରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲାର ବଳରାମଗଡ଼ି, କଷାଫଳ ଓ ତାଳସାରୀ ଠାରେ ୩ଟି ସାମୁଦ୍ରିକ ଥାନା ପ୍ରତିଷ୍ଠା ହେଲା । ହେଲେ, ଏହି ଥାନାଗୁଡ଼ିକ ଥାଇ ମଧ୍ୟ ସମୁଦ୍ରପଥ ମୁକୁଳା । ଫଳରେ, ସମୁଦ୍ର ବାଟ ଦେଇ ବଙ୍ଗଭାଷୀଙ୍କ ଅନୁପ୍ରବେଶ ବଢ଼ିବାରେ ଲାଗିଛି । ବାଂଲାଦେଶ ଘଟଣା ପରେ ଅଧିକ ସତର୍କତାମୂଳକ ପଦକ୍ଷେପର ଆବଶ୍ୟକତା ଥିବାବେଳେ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ । ବାଲେଶ୍ୱର ଜିଲ୍ଲାର ୮୦ କିଲୋମିଟରରୁ ଉର୍ଦ୍ଧ୍ୱ ସମୁଦ୍ର ଉପକୂଳ ରହିଛି । ସ୍ଥାନୀୟ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ତଦାରଖ ଓ କାର୍ଯ୍ୟାନୁଷ୍ଠାନ କରିବା ସହ ସମୁଦ୍ରପଥ ଦେଇ ଅନୁପ୍ରବେଶ ରୋକିବା ସାମୁଦ୍ରିକ ଥାନାର ମୂଳ ଲକ୍ଷ୍ୟ ରହିଥିଲା । ମାତ୍ର, ଏହି ଥାନା ପ୍ରତିଷ୍ଠାର ୧୫ରୁ ଅଧିକ ବର୍ଷ ବିତିଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ଏହାର ପରିଚାଳନାରେ ଏବେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ଏବେ ବାଂଲାଦେଶର ସ୍ଥିତି ଯାହା ରହିଛି, ତାକୁ ଦୃଷ୍ଟିରେ ରଖି ସାମୁଦ୍ରିକ ଥାନା ଇଲାକାରେ ସରକାର ହାଇଆଲର୍ଟ ଜାରି କରିଥିବା ବେଳେ ବାଲେଶ୍ୱର ଜିଲ୍ଲାର ସାମୁଦ୍ରିକ ଥାନାଗୁଡ଼ିକ ଲକ୍ଷ୍ୟ ଠାରୁ ବହୁ ଦୂରରେ ରହିଥିବା ଦେଖାଯାଇଛି । ବଳରାମଗଡ଼ି ସାମୁଦ୍ରିକ ଥାନାର ସ୍ଥିତି ସମ୍ପର୍କରେ ଯଦି କହିବା, ଏହି ଥାନାକୁ ପ୍ରଥମେ ଜଣେ ଇନ୍‌ସପେକ୍ଟର, ୬ଜଣ ସବ୍‌ଇନ୍‌ସପେକ୍ଟର, ୬ଜଣ ଏଏସ୍‌ଆଇ, ୧୬ଜଣ ହାବିଲଦାର, ୪୮ଜଣ କନେଷ୍ଟବଳ, ୧୬ଜଣ ଅବସରପ୍ରାପ୍ତ ନୌସେନା ଯବାନ ନିଯୁକ୍ତି ପାଇଥିବା ବେଳେ ୨ଟି ପୋଲିସ ଭ୍ୟାନ୍ ଓ ୨ଟି ମୋଟର ବୋଟ୍ ଦିଆଯାଇଥିଲା । ହେଲେ ବର୍ତ୍ତମାନ ଜଣେ ଆଇଆଇସି, ଜଣେ ଏଏସ୍‌ଆଇ, ୨ଜଣ କନେଷ୍ଟବଳ ଏବଂ ୩ଜଣ ହୋମ୍‌ଗାର୍ଡଙ୍କୁ ନେଇ ଏ ଥାନା ଚାଲୁଥିବା ଦେଖାଯାଇଛି । ସେଥିରେ ପୁଣି ଦୁର୍ବଳ ଭିତ୍ତିଭୂମି ସାଙ୍ଗକୁ ସାମୁଦ୍ରିକ ଥାନାକୁ ଯାହା ସୁବିଧା ମିଳିବା ଦରକାର ତାହା ଆଦୌ ଯୋଗାଇ ଦିଆଯାଇନଥିବା ଜଣେ ପୋଲିସ କର୍ମୀ ଅଭିଯୋଗ କରିଛନ୍ତି । ଏହାପରେ କଷାଫଳ ଠାରେ ସମୁଦ୍ର କୂଳରେ ଏକ ଥାନା ପ୍ରତିଷ୍ଠା କରାଯାଇ ବଳରାମଗଡ଼ି ଭଳି ସମାନସଂଖ୍ୟକ ପୋଲିସ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ପାଇଥିଲେ ହେଲେ, ବର୍ତ୍ତମାନ ଏହି ଥାନା ଜଣେ ଏସ୍‌ଆଇ, ଜଣେ ଏଏସ୍‌ଆଇଙ୍କ ସମେତ ୫ କନେଷ୍ଟବଳ ଓ ୪ ହୋମ୍‌ଗାର୍ଡଙ୍କ ଭରସାରେ ଚାଲିଥିବା ଦେଖାଯାଇଛି । ସେହିପରି ୨୦୧୪ ମସିହାରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ତାଳସାରୀ ବେଳାଭୂମି ଠାରେ ପ୍ରତିଷ୍ଠା ହୋଇଥିଲା ଆଉ ଏକ ସାମୁଦ୍ରିକ ଥାନା ମିଳିଥିବା ସୂଚନା ଅନୁଯାୟୀ, ଏବେ ଏହି ଥାନା ଜଣେ ଆଇଆଇସି, ଦୁଇ ଜଣ ଏଏସ୍‌ଆଇ, ୨ ଜଣ ହାବିଲଦାର ଓ ୮ ଜଣ କନେଷ୍ଟବଳଙ୍କୁ ନେଇ ଚାଲିଛି । ସବୁଠାରୁ ଚିନ୍ତାର ବିଷୟ ହେଉଛି, ରୂପାନ୍ତରୀକରଣ ନାଁରେ କିଛିମାସ ପୂର୍ବରୁ ଏହି ଥାନାଗୁଡ଼ିକୁ କେବଳ ରଙ୍ଗ ଲଗାଯାଇ ଚକାଚକ କରାଯାଇଛି । ଏହାବାଦ୍ ପ୍ରତ୍ୟେକ ସାମୁଦ୍ରିକ ଥାନାରେ ୮୧ ଜଣ ପୋଲିସ କର୍ମଚାରୀ ରହିବାକୁ ନିୟମ ରହିଥିବା ବେଳେ ବିନା କର୍ମଚାରୀ ଏବଂ ଦୁର୍ବଳ ଭିତ୍ତିଭୂମିରେ ଥାନା ଚାଲିଛି । ଦିନକୁ ଦିନ ଖୋଲାମେଲା ସମୁଦ୍ରତଟ ଅଞ୍ଚଳରେ ବଙ୍ଗଭାଷୀ ଅନୁପ୍ରବେଶକାରୀଙ୍କ ଜନବସତି ଗଢ଼ି ଉଠୁଛି । ରାତି ଅନ୍ଧାରରେ ସମୁଦ୍ର ମଧ୍ୟ ଦେଇ ସେମାନେ ବୋଟ୍, ଡଙ୍ଗା ଓ ଟ୍ରଲର୍ ଆଦିରେ ଏଠାକୁ ଆସୁଥିବା ବେଳେ ଦେଶର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଫଳରେ କୌଣସି ଅସାମାଜିକ ବା ଦେଶବିରୋଧୀ ତା□ଙ୍କ ସହ କିପରି ମୁକାବିଲା କରାଯିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ହସ୍ତଗତ ହୋଇନାହିଁ । ତେବେ, ସରକାର ତୁରନ୍ତ ଏହି ସାମୁଦ୍ରିକ ଥାନାଗୁଡ଼ିକର ଭିତ୍ତିଭୂମିକୁ ମଜବୁତ୍ କରାଇ କ୍ରିୟାଶୀଳ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି କରାଯାଇଛି ।

# ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ତ୍ରୟୋଦଶ ଶତାବ୍ଦୀର ଏକାଧିକ କଳାମୁଗୁନି ପ୍ରତିମା



**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ପୌରପାଳିକା ଅନ୍ତର୍ଗତ ୪ ନଂ ୱାର୍ଡ଼ରେ ଥିବା ଗଡ଼ଖୋର୍ଦ୍ଧା ସ୍ଥିତ ଓଡ଼ିଆ ମଠ ନିକଟରେ ଥିବା ନରେନ୍ଦ୍ର ତୀର୍ଥ ପୁଷ୍କରିଣୀର ପୁନରୁଦ୍ଧାର ସମୟରେ ସେଥିରୁ ଉଦ୍ଧାର ହୋଇଥିବା ତ୍ରୟୋଦଶ ଶତାବ୍ଦୀର କେତେକ ମୂଲ୍ୟବାନ କଳାମୁଗୁନି ମୂର୍ତ୍ତି ସମ୍ପ୍ରତି ରଘୁନାଥଜୀଉ ମନ୍ଦିର ପରିସରରେ ପରିତ୍ୟକ୍ତ ସ୍ଥିତିରେ ଫିଙ୍ଗି ଦିଆଯାଇଥିବା ଜଣାପଡ଼ିଛି । ଫଳରେ ଏହାକୁ ନେଇ ଐତିହ୍ୟପ୍ରେମୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପରିଲକ୍ଷିତ ହୋଇଛି । ୨୦୨୧ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏକ ବହୁରାଷ୍ଟ୍ରୀୟ କମ୍ପାନୀ ସହଯୋଗରେ ନରେନ୍ଦ୍ର ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଥିଲା । ଏହି ସମୟରେ ଉକ୍ତ ପୁଷ୍କରିଣୀକୁ ସୌନ୍ଦର୍ଯ୍ୟକରଣ ସହ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସେହି ସମୟରେ ଜେସିବି ଦ୍ୱାରା ପୁଷ୍କରିଣୀ ଖନନବେଳେ ସେଥିରୁ ୮ରୁ ୧୦ଟି ତ୍ରୟୋଦଶ ଶତାବ୍ଦୀର ମୂଲ୍ୟବାନ କଳାମୁଗୁନି ପଥର ନିର୍ମିତ ପ୍ରାଚୀନ ମୂର୍ତ୍ତି ଉଦ୍ଧାର କରାଯାଇଥିଲା । ଏହି ମୂର୍ତ୍ତିଗୁଡ଼ିକ ମଧ୍ୟରେ ଅନନ୍ତ ଶୟନ ମୂର୍ତ୍ତି, ନୃସିଂହ ମୂର୍ତ୍ତି, ଦ୍ୱାରପାଳ ମୂର୍ତ୍ତି, ସିଂହ, ଗରୁଡ଼ ଏବଂ ଲକ୍ଷ୍ମୀନାରାୟଣ ମୂର୍ତ୍ତି ଆଦି ରହିଥିଲା । ଏହାସହ ହାତୀ ପାଇଁ ବ୍ୟବହୃତ ଅଙ୍କୁଶ, ତୋପ ଦୁର୍ଲଭ ସାମଗ୍ରୀ ଉଦ୍ଧାର କରାଯାଇଥିଲା । ଏହି ଦୁର୍ଲଭ ସାମଗ୍ରୀଗୁଡ଼ିକ ଉଦ୍ଧାର କରାଯିବା ପରେ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ପୁନରୁଦ୍ଧାର କାର୍ଯ୍ୟକୁ ଅଧାରୁ ବନ୍ଦ ରଖାଯାଇଥିଲା । ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କେତେକ ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ଜିଲ୍ଲା ସଂସ୍କୃତି ବିଭାଗକୁ ନିଆଯାଇଥିଲେ ହେଁ ଅନ୍ୟାନ୍ୟ କେତେକ ମୂର୍ତ୍ତି ଏବେ ରଘୁନାଥଜୀଉ ମନ୍ଦିରର ଗୋଟିଏ କୋଣରେ ଅତ୍ୟନ୍ତ ପରିତ୍ୟକ୍ତ ସ୍ଥିତିରେ ପଡ଼ିରହିଛି । ଏହି ମୂଲ୍ୟବାନ ସାମଗ୍ରୀକୁ ଯତ୍ନର ସହ ସାଇତି ରଖାଯିବା ପରିବର୍ତ୍ତେ ଏଭଳି ପରିତ୍ୟକ୍ତ ଭାବେ ପକାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ପରେ ଏଥିନେଇ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଅବିଳମ୍ବେ ଏହି ତ୍ରୟୋତଶ ଶତାବ୍ଦୀର ମୂଲ୍ୟବାନ ମୂର୍ତ୍ତିଗୁଡ଼ିକ କୌଣସି ସଂଗ୍ରହାଳୟରେ ସାଇତି ରଖାଯିବା ଦିଗରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଐତିହ୍ୟ ବିଷାରଦ ପ୍ରାଧାପକ ଗୋପାଳକୃଷ୍ଣ ଦାସ ଦାବି ଜଣାଇଛନ୍ତି ।

# ଡମଣୀ ଡ୍ୟାମ୍‌ରେ ବୁଡ଼ି ଯୁବକ ମୃତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଥାନା ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ଡମଣୀ ଜଳ ଭଣ୍ଡାର (ଡ୍ୟାମ୍)ରେ ରବିବାର ସନ୍ଧ୍ୟାରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ କଟକ କନ୍ଦରପୁର ବିରିବାଟି ଗ୍ରାମର ପିଙ୍କୁ ସାହୁ (୨୭) । ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶଯେ ପିଙ୍କୁ ଓ ତାଙ୍କର ଆଉ ୩ ଜଣ ସାଙ୍ଗ ରବିବାର ଦିନ ଡମଣୀ ପୀଠକୁ ବୁଲିବାକୁ ଯାଇଥିଲେ । ସନ୍ଧ୍ୟା ସମୟରେ ସେମାନେ ଡ଼ମଣୀ ଡ୍ୟାମ୍ ନିକଟରେ ବୁଲୁଥିବାବେଳେ ପିଙ୍କୁ ହଠାତ୍ ଜଳ ଭଣ୍ଡାର ଭିତରକୁ ପଶିଯାଇଥିଲା । ପାଣି ଭିତରେ ଗୋଡ଼ ଖସିଯିବାରୁ ସେ ଗଭୀର ଜଳ ଭିତରକୁ ଟାଣି ହୋଇଯାଇଥିଲା । ସେ ବୁଡ଼ି ଯାଉଥିବା ଦେଖି ଅନ୍ୟ ସାଙ୍ଗମାନେ ପାଟି କରି ଡାକ ପକାଇବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଡ୍ୟାମ୍‌ରେ ଖୋଜାଖୋଜି କରି ନପାଇବାରୁ ଦମକଳ ବାହିନୀକୁ ଖବର ଦେଇଥିଲେ । ଚୌଦ୍ୱାରରୁ ଦମକଳ ବାହିନୀ ଖୋଜାଖୋଜି କରି ୧ଘଣ୍ଟା ପରେ ଜଳଭଣ୍ଡାରର ୨୫ ଫୁଟ୍ ତଳୁ ପିଙ୍କୁର ମୃତଦେହକୁ ବାହାରକୁ ଆଣିବାରେ ସକ୍ଷମ ହୋଇଥିଲେ । ପିଙ୍କୁ ବୁଡ଼ି ଯାଇଥିବା ଦେଖି ତା ସାଙ୍ଗମାନେ ଭୟରେ ଘଟଣାସ୍ଥଳରୁ ପଳାଇଯାଇଥିବା ଅଗ୍ନିଶମ ଅଧିକାରୀ ବିଷ୍ଣୁପ୍ରସାଦ ଦାସ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟଯେ ଗତ ୨୪ ତାରିଖ ଦିନ ଏହି ଡ୍ୟାମ୍‌ରେ ବୁଡ଼ି ୨ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ଏହା ପୂର୍ବରୁ ଅନେକଙ୍କର ଜୀବନ ହାନୀ ହେଲାଣି । ତେଣୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଜଳ ଭଣ୍ଡାର ଭିତରକୁ ପ୍ରବେଶ ନକରିବାକୁ ଅଗ୍ନିଶମ ଅଧିକାରୀ ଶ୍ରୀ ଦାସ ଚେତାବନୀ ଦେଇଛନ୍ତି ।



# ଯବାନ ଭାଇଙ୍କ ପାଇଁ ରାକ୍ଷୀ ପଠାଇଲେ ଅନାଥ ପିଲାମାନେ

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

କଳିଙ୍ଗନଗରର ଭାରତୀୟ ଯବାନ ଭାଇଙ୍କ ପାଇଁ ଅନ୍ନପୂର୍ଣ୍ଣା ଚାଇଲଡ୍ କେୟାର ହୋମର ପିତା ମାତା ହରାଇଥିବା ପିଲା ମାନେ ନିଜେ ହାତରେ ରାକ୍ଷୀ ତିଆରି କରି ପଠାଇଲେ ଯବାନ ଭାଇ ପିନ୍ଧିବା ପାଇଁ । ଦେଶ ରକ୍ଷା ପାଇଁ ଭାରତୀୟ ଯବାନମାନେ ଦେଶର ସର୍ବଭୌମ ପାଇଁ ଖରା ବର୍ଷା ଶୀତ କାକରକୁ ଖାତିର ନକରି ସୀମାରେ ରାତିଦିନ ଜାଗ୍ରତ ପ୍ରହରୀ ସାଜିଛନ୍ତି । ସେମାନେ ଭାରତୀୟ ପରମ୍ପରାରେ ପାଳିତ ପର୍ବ ପର୍ବାଣୀରେ ନିଜ ପରିବାର ସହିତ ନକଟାଇ ସୀମାରେ ଜାଗ୍ରତ ପ୍ରହରୀ ସାଜିଛନ୍ତି । ଭାରତୀୟ ଯବାନ ଭାଇମାନେ ଖରା ବର୍ଷା ପବନ ଝଡ ତୋଫାନକୁ ଖାତିରି ନକରି ଭାରତ ଓ ଭାରତବାସୀଙ୍କୁ ସୁରକ୍ଷା ଯୋଗାଇଥାନ୍ତି । ଛୋଟ ପିଲାମାନେ ପ୍ରଭାବିତ ହୋଇ ଯାଜପୁର ଦାନଗଦି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ନୂଆଗାଁର ଅନ୍ନପୂର୍ଣ୍ଣା ଚାଇଲଡ୍ କେୟାର ହୋମ୍‌ର ଅନାଥ ପିଲାମାନେ କିପରି ନିଜ ହାତରେ ରାକ୍ଷୀ ତିଆରି କରି ଭାରତୀୟ ଯବାନ ଭାଇ ପିନ୍ଧିବା ପାଇଁ କୋରିୟର୍ ଯୋଗେ ପଠାଉଛନ୍ତି । ସୀମାରେ ଥିବା ଯବାନ ଭାଇମାନେ ଆମ ହାତବନ୍ଧା ରାକ୍ଷୀ ପିନ୍ଧି ପାରିଲେ ଆମେ ସବୁ ଭଉଣୀଙ୍କ ମାନ ରଖିବେ । ଯବାନ ଭାଇମାନେ ରାକ୍ଷୀ ପୂର୍ଣ୍ଣିମାରେ କିପରି ଭାରତ ସୀମାରେ ରହି ଅନାଥ ଭଉଣୀର ରାକ୍ଷୀ ପିନ୍ଧିବ ଭାଇ । ସବୁ ବେଳେ ସୁରକ୍ଷା ଦେଉଥିବା ଭାଇ ପାଇଁ ଭଉଣୀର ରାକ୍ଷୀ ସୁରକ୍ଷା ବୋଲି ଅନାଥ ପିଲାମାନେ କହିଛନ୍ତି ।

# ହୋଇପାରୁନି ସ୍ୱଚ୍ଛପଟଳ ପ୍ରତିରୋପଣ:ଘରୋଇ ସଂସ୍ଥା ଭରସାରେ ଏସ୍‌ସିବି

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସର୍ବବୃହତ ସରକାରୀ ଡାକ୍ତରଖାନା ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ (ଏସ୍‌ସିବି)ରେ ହୋଇପାରୁନି ସ୍ୱଚ୍ଛପଟଳ (କର୍ଣ୍ଣିଆ) ପ୍ରତିରୋପଣ । ପ୍ରତିମାସରେ ଏଠାରୁ ଅତିକମ୍‌ରେ ୨୦ ଜଣଙ୍କ ଠାରୁ ସ୍ୱଚ୍ଛପଟଳ ସଂଗ୍ରହ କରାଯାଇ ରାଜ୍ୟର ଅନ୍ୟ ସ୍ଥାନକୁ ପଠାଯାଉଛି । ଅଥଚ ଏସ୍‌ସିବିରେ ଏହା କାର୍ଯ୍ୟକ୍ଷମ ନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ଏଥିସହ ଏଠାରେ ଥିବା ଏକମାତ୍ର ଚକ୍ଷୁ ବ୍ୟାଙ୍କ (ଗୁରୁ ନାନକ ଚକ୍ଷୁ ବ୍ୟାଙ୍କ) ପ୍ରାୟ ୧୫ ବର୍ଷ ହେବ ବନ୍ଦ ପଡ଼ିଛି । ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ (ଏମ୍‌କେସିଜି)ରେ ସ୍ୱଚ୍ଛପଟଳ ପ୍ରତିରୋପଣ କରାଯାଉଥିବା ବେଳେ ଏସ୍‌ସିବିରେ ଏହା କାର୍ଯ୍ୟକାରୀ ହୋଇପାରିନି । ପୂର୍ବ ଭାରତର ସର୍ବବୃହତ୍ ସରକାରୀ ଡାକ୍ତରଖାନା ଏସ୍‌ସିବିରେ ଏହି ବ୍ୟବସ୍ଥା ନଥିବାରୁ ମୃତ୍ୟୁ ପରେ ଚକ୍ଷୁଦାନ କରୁଥିବା ଲୋକର ଶେଷ ଇଚ୍ଛା ପୂରଣ ହେବାରେ ବାଧା ସୃଷ୍ଟି ହେଉଛି । ଅପରପକ୍ଷରେ ଚକ୍ଷୁ ପ୍ରତିରୋପଣ କରି ଦୁନିଆର ଆଲୋକ ଦେଖିବାକୁ ଅପେକ୍ଷା କରୁଥିବା ଲୋକଟିକୁ ବି ନିରାଶ ହେବାକୁ ପଡୁଛି । ନିଜସ୍ୱ ବ୍ୟବସ୍ଥା ନକରି ବର୍ଷବର୍ଷ ହେଲା ଘରୋଇ ସଂସ୍ଥା ହାତରେ ଟେକି ଦିଆଯାଇଛି ସ୍ୱଚ୍ଛପଟଳ ସଂଗ୍ରହ କାର୍ଯ୍ୟ । ତେବେ ଖୁବ୍‌ଶୀଘ୍ର ଏଠାରେ ସ୍ୱଚ୍ଛପଟଳ ପ୍ରତିରୋପଣ ଆରମ୍ଭ ହେବ ଏବଂ ଏଥିପାଇଁ ନୂତନ ମେସିନ୍ ଆସିବ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଉଛି । ଗତବର୍ଷ ଘରୋଇ କେନ୍ଦ୍ରଟି ମଧ୍ୟ ବନ୍ଦ ରହିଥିଲା । ଚଳିତବର୍ଷ ଜାନୁଆରୀରୁ ଏକ ଘରୋଇ ସଂସ୍ଥା ସହ ଚୁକ୍ତି ପରେ ସ୍ୱଚ୍ଛପଟଳ ସଂଗ୍ରହ ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଜାନୁଆରୀରୁ ଆଜି ପର୍ଯ୍ୟନ୍ତ ଏସ୍‌ସିବିରୁ ଦେଢ଼ଶହରୁ ଉର୍ଦ୍ଧ୍ୱ ସ୍ୱଚ୍ଛପଟଳ ସଂଗ୍ରହ କରାଯାଇଛି । ଫେବୃଆରୀରେ ୨୪, ମାର୍ଚ୍ଚରେ ୬୧, ଏପ୍ରିଲ୍‌ରେ ୨୨, ମେରେ ୩୦, ଜୁନ୍‌ରେ ୨୦, ଜୁଲାଇରେ ୧୬ ଜଣଙ୍କ ଠାରୁ ଏହା ସଂଗ୍ରହ କରାଯାଇଛି । ଉକ୍ତ ଘରୋଇ ସଂସ୍ଥା ଏଠାରୁ ସ୍ୱଚ୍ଛପଟଳ ସଂଗ୍ରହ କରି ଅନ୍ୟ ଡାକ୍ତରଖାନା ପଠାଉଛି । ଅଥଚ ଏସ୍‌ସିବିରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁନାହିଁ । ଅନ୍ୟପକ୍ଷେ ଭାରତ ଶରୀର ଅଙ୍ଗଦାନ ସମିତି ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ ଚକ୍ଷୁ ବ୍ୟାଙ୍କ ବନ୍ଦ ରହିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗୁରୁନାନକ ଚକ୍ଷୁ ବ୍ୟାଙ୍କକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହ ରାଜ୍ୟର ୩୦ଟି ସଦର ମହକୁମାରେ ମଧ୍ୟ ସ୍ୱଚ୍ଛପଟଳ ସଂଗ୍ରହ ପାଇଁ ବୈଷୟିକ ସହାୟକ (ଟେକ୍ନିସିଆନ୍) ନିଯୁକ୍ତି କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ଯାତ୍ରୀ ବିଶ୍ରାମାଗାର ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରିବା ପାଇଁ ଗାଁ ମୁଣ୍ଡ ଛକରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବୌଦ୍ଧ ବ୍ଲକ ମୁର୍ଷୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରୀପଦର ଛକରେ ୧୯୯୫-୯୬ ମସିହାରେ ଜବାହର ରୋଜଗାର ଯୋଜନାରେ ୩୦ ହଜାର ଟଙ୍କା ବ୍ୟୟ ଅଟକଳରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରାଯାଇଥିଲା । ତେବେ ବୌଦ୍ଧ - ବଲାଙ୍ଗୀର ଜାତୀୟ ରାଜପଥ ନଂ ୫୭ ନିର୍ମାଣ ପରେ ରାସ୍ତା ଉଚ୍ଚା ହେବାରୁ ଏହି ବିଶ୍ରାମଗାର ନିଚ୍ଚାରେ ରହିବାରୁ ବର୍ଷା ଦିନେ ଭିତରକୁ ପାଣି ପଶୁଥିବାରୁ ଏହା ବ୍ୟବହାର ଉପଯୋଗୀ ନହୋଇ ପରିତ୍ୟକ୍ତ ହୋଇ ବିପଦ ସଂକୁଳ ଅବସ୍ଥାରେ ପଡ଼ିରହିଛି । ଫଳରେ ବର୍ତ୍ତମାନ ଏହା ମଦୁଆଙ୍କ ଅଡ୍ଡାସ୍ଥଳୀ ପାଲଟିଛି । ପୂର୍ବ ସରକାର ବିଭିନ୍ନ ଛକରେ ଲକ୍ଷ୍ମୀ ବସ୍ ପ୍ରଚଳନ ପାଇଁ ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିଥିବାବେଳେ ଏବଂ ପୁରୁଣା ଯାତ୍ରୀବିଶ୍ରାମାଗାରର ଉନ୍ନତିକରଣ କରାଯାଇନାହିଁ । ବର୍ତ୍ତମାନ ଏହି ବିଶ୍ରାମାଗାର ଭିତରେ ମଦ ବୋତଲ ଓ ବିଭିନ୍ନ ଅଳିଆ ଆବର୍ଜନା ଲୋକେ ପକାଉଥିବା ଦେଖିବାକୁ ମିଳିଛି । ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବାପାଇଁ ବର୍ଷାରେ ଗଛ ତଳେ ଆଶ୍ରୟ ନେବାକୁ ପଡୁଛି । ଏଠାରେ ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡ଼ିକାଲ୍ କଲେଜ ଏବଂ ହସ୍ପିଟାଲ୍ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟିର ଦାବି




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଏବଂ ହସ୍‌ପିଟାଲ୍ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ସ୍ଥାନୀୟ ପବ୍ଲିକ୍ ରିଡିଂ ରୁମ୍ ଠାରେ ଅଧାପକ ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମ୍ପାଦକ ଆଇନଜୀବୀ ରମଣୀ ରଂଜନ ରାଉତରାୟ, ମେଡିକାଲ କଲେଜ ଗଠନ ପାଇଁ ନୂତନ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବା ସହିତ ଆସନ୍ତା ଅଗଷ୍ଟ ୧୫ ତାରିଖ ଦିନ ସମସ୍ତ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ମାନେ କେନ୍ଦ୍ରାପଡା ଜିଲ୍ଲାର ହକ୍ ପାଇଁ ଏକ ପ୍ରସ୍ତାବ ଗ୍ରାହଣ କରି ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସାଂସଦଙ୍କୁ ଅବଗତ କରାଇବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଏହା ସହିତ ଆସନ୍ତା ଅଗଷ୍ଟ ଚତୁର୍ଥ ସପ୍ତାହରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ସରକାରଙ୍କ ଠାରେ ଉପସ୍ଥାପନ କରାଯିବ ଏବଂ ନୂତନ ସରକାରରେ ବିଧାୟକ ଓ ନେତୃତ୍ୱ ମଣ୍ଡଳୀମାନଙ୍କୁ ଭେଟି ଜିଲ୍ଲାରେ ମେଡିକାଲ କଲେଜ ଏବଂ ହସ୍‌ପିଟାଲ୍ ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାପନ କରାଯିବ ବୋଲି ଏହି ବୈଠକରେ ନିଷ୍ପତି ନିଆଯାଇଛି । ଉକ୍ତ ବୈଠକରେ ଫକୀର ଚରଣ ଖଟୁଆ, ଗୋଲଖ ଚନ୍ଦ୍ର ମହାଭୋଇ, ବୈଷ୍ଣବ ଚରଣ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକର ରାଜକୁମାର ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ଆଦିକନ୍ଦ ରାଉଳ, ମୁକ୍ତାର ଖାନ, ମୁକ୍ତାର ଅଲ୍ଲୀ, ଦାଶରଥୀ ସାହୁ, କରୁଣାକର ଦାସ, ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ସୁରେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଧକ ସାଜିଛି ଜଙ୍ଗଲ ବିଭାଗ ନିୟମ:ସରିପାରୁନି ବରୁଣେଇ-ସୀତାକୁଣ୍ଡ ରାସ୍ତା

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**



ଦେଶର ସ୍ୱାଧୀନତା ଆନ୍ଦୋଳନ ଓ ପାଇକ ବିଦ୍ରୋହ ସହ ବରୁଣେଇ ପାହାଡ଼ର ସମ୍ପର୍କ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିଖିତ ରହିଛି । ଏହି ପାହାଡ଼ରେ ପୂଜା ପାଉଥିବା ବରୁଣେଇଙ୍କୁ ଦର୍ଶନ କରିବାକୁ ଏଠାକୁ ଜିଲ୍ଲା ଓ ଜିଲ୍ଲା ବାହାରରୁ ପ୍ରତ୍ୟହ ହଜାରରୁ ଅଧିକ ପର୍ଯ୍ୟଟକ ଆସିଥାନ୍ତି । ତେବେ ବରୁଣେଇର ଉଚ୍ଚ ପାହାଡ ଉପରେ ଥିବା ସୀତାକୁଣ୍ଡକୁ ଦର୍ଶନ ନିମନ୍ତେ ବରୁଣେଇର ପାଦଦେଶରୁ ସୀତାକୁଣ୍ଡ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲେ ହେଁ ତାହା ଏଯାବତ୍ ସରିପାରିନି । ତେବେ ଏଥିରେ ଜଙ୍ଗଲ ଆଇନ୍ ବାଧକ ସାଜିଥିବା ଜଣାପଡ଼ିଛି । ଫଳରେ ଏଥିନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପରିଲକ୍ଷିତ ହୋଇଛି । ମହାପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ବନବାସ ସମୟରେ କିଛି ଦିନ ବରୁଣେଇରେ କଟାଇଥିବା ଲୋକକଥା ରହିଛି । ସୀତାକୁଣ୍ଡ ନିକଟରେ ଇଂରେଜ ଶାସନ ସମୟରେ ଏକ ୱାରଲେସ୍ ସ୍ଥାପନ କରାଯାଇ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଥିଲା । ଖୋର୍ଦ୍ଧା ଆସୁଥିବା ପର୍ଯ୍ୟଟକମାନେ ବରୁଣେଇଙ୍କୁ ଦର୍ଶନ କରିବା ସହ ପାହାଡ଼ ଉପରେ ଥିବା ସୀତାକୁଣ୍ଡ କଥା ଶୁଣନ୍ତି କିନ୍ତୁ ଦେଖିପାରିନଥାନ୍ତି । ଅନେକ ପର୍ଯ୍ୟଟକ ଲଟାବୁଦା ଦେଇ କଷ୍ଟେମଷ୍ଟେ ପାହାଡ ଉପରକୁ ଯାଇଥାନ୍ତି । ହେଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଧାବାଟରୁ ଫେରିଥାନ୍ତି । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ 'ବରୁଣେଇ-ସୀତାକୁଣ୍ଡ'ର ଭିତ୍ତିଭୂମି ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୬ ମାର୍ଚ୍ଚ ମାସରେ ବରୁଣେଇ ପାହାଡ଼ର ପାଦଦେଶରୁ ସୀତାକୁଣ୍ଡ ପର୍ଯ୍ୟନ୍ତ ପାଦଚଲା ରାସ୍ତା କାମ ଆରମ୍ଭ ହୋଇଥିଲା । ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୧ କୋଟି ୮୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ସେତେବେଳେ ପୂର୍ତ୍ତ ବିଭାଗକୁ ବନବିଭାଗ ଠାରୁ ପାଦଚଲା ରାସ୍ତା ନିର୍ମାଣ ପାଇଁ ଅନୁମତି ମିଳିଛି । ବଉଳମାଳ' ବା ଲାଟରାଇଟ ପଥରରେ ସାଢେ ପାଞ୍ଚ ମିଟର ଓସାରରେ ରାସ୍ତା କରାଯାଉଥିଲା । ପ୍ରାୟ ୪୫୦ ମିଟର ରାସ୍ତା ନିର୍ମାଣ ସରିଛି । ସୀତାକୁଣ୍ଡ ପର୍ଯ୍ୟନ୍ତ ପହଞ୍ଚିବାକୁ ଆଉ ୫୫୦ ମିଟର ରାସ୍ତା ନିର୍ମାଣ କାମ ବାକି ରହିଛି । ଏହି ଅଧା ଥିବା ରାସ୍ତା କାମ ସାରିବାକୁ ୨୦୧୯-୨୦ରେ ଆଉ ୭୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ତେବେ ଦ୍ୱିତୀୟ ଥାକ କାମ ବେଳେ ଜଙ୍ଗଲ ଆଇନ୍ ବାଧକ ସାଜିବାରୁ ଅଧାପନ୍ତରିଆ ଭାବେ ପଡ଼ିରହିଛି ଉକ୍ତ ସ୍ଥାନ । ବରୁଣେଇ ସଂରକ୍ଷିତ ଜଙ୍ଗଲ ଭିତରେ ରହିଛି ରାସ୍ତା ପାଇଁ ଆବଶ୍ୟକ ପଥର ପାହାଡ ଉପରକୁ ନେବାକୁ ଅସ୍ଥାୟୀ ରାସ୍ତା ନିର୍ମାଣ ବେଳେ ବନ ବିଭାଗ ଆପତ୍ତି କରିଥିଲା । ରାସ୍ତା ନିର୍ମାଣରେ ବ୍ୟବହୃତ ଜେସିବି ମେସିନ୍‌କୁ ଜବତ କରି ସେତେବେଳେ ଚାଳକକୁ ଗିରଫ କରିଥିଲା ବନବିଭାଗ । ଜଙ୍ଗଲ ବିଭାଗ ଠାରୁ ଅସ୍ଥାୟୀ ରାସ୍ତା ପାଇଁ ଅନୁମତି ନିଆଯାଇନି । ଓଡ଼ିଶା ଜଙ୍ଗଲ ଆଇନ୍‌କୁ ଉଲ୍ଲଂଘନ କରି ପାହାଡ଼ରେ ବେଆଇନ୍ ଭାବେ ରାସ୍ତା କରାଯାଉଥିବାରୁ ଜେସିବି ଜବତ କରାଯାଇଥିଲା । ପାହାଡ଼ ତଳେ ସାଇଜ୍ ହୋଇ ପଥର ଗୁଡିକ ଗଦା ହୋଇଛି । ପାହାଡ ଉପରକୁ ପଥର ଯିବାକୁ ଅସ୍ଥାୟୀ ରାସ୍ତା ନିର୍ମାଣର ଆବଶ୍ୟକତା ରହିଛି । ଏଥିପାଇଁ ଜଙ୍ଗଲ ବିଭାଗ ଅନୁମତି ଦେବା ଆବଶ୍ୟକ । ଯଦି ଅନୁମତି ନମିଳେ, ତେବେ ପର୍ଯ୍ୟଟନ ବିଭାଗର ଖର୍ଚ୍ଚ ହୋଇଥିବା ଟଙ୍କା ପାଣିରେ ପଡ଼ିବ । ସୀତାକୁଣ୍ଡ ପର୍ଯ୍ୟନ୍ତ ଯେତିକି ପାଦଚଲା ରାସ୍ତା ତିଆରି ହୋଇଛି ରାସ୍ତାର ଅଧିକାଂଶ ସ୍ଥଳରେ ଲଟାବୁଦା ସମେତ ଆବର୍ଜନା ମାଡ଼ି ବସିଲାଣି । ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ହେଲେ ପାହାଡ ଉପରକୁ ଆଉ ଏକ କି.ମି ରାସ୍ତା ନିର୍ମାଣ ସରିବା ଆବଶ୍ୟକ । ତେବେ ଅସ୍ଥାୟୀ ରାସ୍ତା ପାଇଁ ଅନୁମତି ନମିଳିଲେ ସୀତାକୁଣ୍ଡ ଯିବା ରାସ୍ତା ଅଧାରେ ରହିବା ସହ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଇଥିବା ଦୁଇ କୋଟି ଟଙ୍କା ପାଣିରେ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଅଗଷ୍ଟ, ବୁଧବାର, ୨୦୨୪


# ଟଙ୍କା ଠାରୁ ସରକାରୀ ଚାକିରି ପାଇବେ ଅଲିମ୍ପିକ୍ସ ପଦକ ବିଜେତା

**ନୂଆଦିଲ୍ଲୀ**

ପ୍ୟାରିସରେ ଅଲିମ୍ପିକ୍ସ ଖେଳିବାକୁ ଭାରତରୁ ୧୧୭ ଜଣ ଯାଇଥିବା ବେଳେ ଦେଶକୁ କେବଳ ୬ଟି ପଦକ ମିଳିଛି । ଟୋକିଓ ଅଲିମ୍ପିକ ତୁଳନାରେ ଏହା ଗୋଟିଏ କମ୍ । ଭାରତ ଅଧିକାଂଶ ଅଥଲେଟ ବିଭିନ୍ନ କ୍ରୀଡ଼ାରେ ୪ର୍ଥ ସ୍ଥାନରେ ରହି ପଦକ ହାସଲ କରିବାକୁ ସକ୍ଷମ ହୋଇନାହାନ୍ତି ।

ସୁଟର ମନୁ ଭାକର ଏକାକୀ ଦୁଇଟି ପଦକ ଜିତିଥିବା ବେଳେ ନୀରଜ ଚୋପ୍ରା ଜାଭେଲିନରେ ରୌପ୍ୟ ମେଡାଲ ଜିତିଛନ୍ତି । ଭାରତୀୟ ହକି ଟିମ୍ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଛି । ଏହାବ୍ୟତୀତ ସୁଟିଂରେ ଓ ରେସଲିଂରେ ମଧ୍ୟ ଭାରତକୁ ଆଉ ଦୁଇଟି ବ୍ରୋଞ୍ଜ ପଦକ ମିଳିଛି ।

ମନୁ ଭାକର (ସୁଟିଂ) : ସ୍ୱାଧୀନ ଭାରତର ପ୍ରଥମ ଆଥଲେଟ୍ ଭାବେ ମନୁ ଭାକର ଗୋଟିଏ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଛନ୍ତି । ପଦକ ଜିତିବା ପରେ ତାଙ୍କ ପାଇଁ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡଭିୟା ୩୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଥିଲେ । ସେହିପରି ତାଙ୍କ ବ୍ରାଣ୍ଡ ମୂଲ୍ୟ ମଧ୍ୟ ଦେଢ଼ କୋଟି ପାର କରିଯାଇଛି । ୨୨ ବର୍ଷୀୟ ମନୁ ଅଲିମ୍ପିକର ଉଦ୍‌ଯାପନୀ ଉତ୍ସବରେ ଭାରତର ଧ୍ୱଜା ବାହୀ ସାଜିଥିଲେ ।

ସରବଜୋତ ସିଂହ(ସୁଟିଂ): ମନୁଙ୍କ ସହ ମିଶି ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ଅମ୍ବାଲାର ସରବଜୋତ ବ୍ରୋଞ୍ଜ ପଦକ ଜିତିଥିଲେ । ୨୨ ବର୍ଷୀୟ ସରବଜୋତଙ୍କୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ୨୨.୫ ଲକ୍ଷ ଟଙ୍କାର ଚେକ୍



ମିଳିଛି । ସେହିପରି ହରିୟାଣା ସରକାର ତାଙ୍କୁ ଚାକିରି ମଧ୍ୟ ଅଫର କରିଥିଲେ । ହେଲେ ସେ ଚାକିରି କରିବେ ନାହିଁ ବୋଲି କହିଛନ୍ତି ।

ସ୍ୱପ୍ନିଲ କୁଶାଲେ(ସୁଟିଂ): ପ୍ରଥମ ଭାରତୀୟ ସୁଟର ଭାବେ ସ୍ୱପ୍ନିଲ ୫୦ ମିଟର ରାଇଫଲ ଥ୍ରୀ ପୋଜିସନରେ ଅଲିମ୍ପିକ୍ସ ପଦକ ଜିତିଛନ୍ତି । ସେ ବ୍ରୋଞ୍ଜ ପଦକ ଜିତିବା ପରେ ତାଙ୍କୁ କେନ୍ଦ୍ରୀୟ ରେଳବାଇ ପକ୍ଷରୁ ଅଫିସର ଅନ ସ୍ପେଶାଲ ଡ୍ୟୁଟି ପଦକ ମିଳିଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ଠାରୁ ମଧ୍ୟ ସେ ୧ କୋଟି ଟଙ୍କା ପୁରସ୍କାର ଆକାରରେ ପାଇଛନ୍ତି ।

ଭାରତୀୟ ହକି ଟିମ୍ : ସ୍ପେନକୁ ୨-୧ରେ ହରାଇ ଭାରତୀୟ ହକି ଟିମ୍ ବ୍ରୋଞ୍ଜ ପଦକ ଜିତିଛି । ଗୋଲକିପର ପିଆର ଶ୍ରୀଜେଶଙ୍କ ବିଦାୟୀ ମ୍ୟାଚ୍‌ରେ ଦଳ ପଦକ ଜିତିବାକୁ ସକ୍ଷମ ହୋଇଥିଲା । ଏହି ବିଜୟ ପରେ ହକି ଇଣ୍ଡିଆ ପ୍ରତି ଖେଳାଳିଙ୍କ ପାଇଁ ୧୫ ଲକ୍ଷ ଟଙ୍କା ଲେଖାଏଁ ଘୋଷଣା କରିଛି । ସେହିପରି ସପୋର୍ଟ ଷ୍ଟାଫ ମଧ୍ୟ ୭.୫ ଲକ୍ଷ ଲେଖାଏଁ ପାଇବେ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଷାର ଖେଳାଳି ଅମିତ ରୋହିଦାସଙ୍କ ପାଇଁ ୪ କୋଟି ଓ ଟିମ୍‌ର ବାକି ଖେଳାଳିଙ୍କ ପାଇଁ ୧୫ ଲକ୍ଷ ଟଙ୍କା ଲେଖାଏଁ ଘୋଷଣା କରିଛନ୍ତି । ସପୋର୍ଟ ଷ୍ଟାଫଙ୍କୁ ମଧ୍ୟ ଓଡ଼ିଶା ସରକାର ୧୦ ଲକ୍ଷ ଟଙ୍କା ଲେଖାଏଁ ଦେବେ । ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ପୁରା ଟିମ୍ ପାଇଁ ୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି ।

ନୀରଜ ଚୋପ୍ରା(ଜାଭେଲିନ): ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପାଇଁ ଜାଭେଲିନରେ ନୀରଜ ଚୋପ୍ରା ରୌପ୍ୟ ପଦକ ଜିତିଛନ୍ତି । ପାକିସ୍ତାନର ଅର୍ଶଦ ନଦୀମ ଏହି ଇଭେଣ୍ଟରେ ଅଲିମ୍ପିକ ରେକର୍ଡ ସହ ସ୍ୱର୍ଣ୍ଣ ପଦକ କବ୍‌ଜା କରିଛନ୍ତି । ନୀରଜଙ୍କ ପାଇଁ କୌଣସି ଆର୍ଥିକ ପୁରସ୍କାର ଘୋଷଣା ହୋଇ ନଥିଲେ ହେଁ ସେ ବିଭିନ୍ନ କ୍ଷେତ୍ରରୁ ଏକାଧିକ ପୁରସ୍କାର ପାଇବେ ବୋଲି ଜଣାପଡ଼ିଛି । ୨୦୨୧ରେ ନୀରଜ ସ୍ୱର୍ଣ୍ଣ ଜିତିବା ପରେ ତାଙ୍କୁ ହରିୟାଣା ସରକାର ୬ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଦେଇଥିଲେ ।

ଅମନ ଶେହରାଓ(ରେସଲିଂ) : ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତର ଏକମାତ୍ର ରେସଲର ଭାବେ ଅମନ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି । ସେ ଭାରତର ଯୁବକ ଆଥଲେଟ୍ ଭାବେ ଅଲିମ୍ପିକ୍ସରେ ପଦକ ଜିତିଛନ୍ତି । ସେ ବ୍ରୋଞ୍ଜ ପଦକ ଜିତିଥିଲେ ହେଁ ତାଙ୍କ ପାଇଁ ଏଯାଏଁ କୌଣସି ପୁରସ୍କାର ଘୋଷଣା କରାଯାଇ ନାହିଁ ।

## ବିବାହ ପକ୍କା ! ନୀରଜ ଚୋପ୍ରାଙ୍କୁ ଭେଟିଲେ ମନୁ ଭାକରଙ୍କ ମା'

**ନୂଆଦିଲ୍ଲୀ**



ଶେଷ ହୋଇଛି ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ । ଏହି ଅଲିମ୍ପିକ୍ସରେ ଭାରତ ମୋଟ୍ ୬ଟି ପଦକ ଜିତିଥିଲା । ଏହି ଅଲିମ୍ପିକ୍ସର ଭାରତର ପ୍ରଥମ ପଦକ ମହିଳା ସୁଟର ମନୁ ଭାକର ଜିତିଥିଲେ । ଭାରତ ମୋଟ୍ ପାଞ୍ଚଟି ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଗୋଟିଏ ରୌପ୍ୟ ପଦକ ଜିତିଛି । ଜାଭେଲିନ ଥ୍ରୋ ଇଭେଣ୍ଟରେ ନୀରଜ ଚୋପ୍ରା ରୌପ୍ୟ ପଦକ ଜିତିଥିଲେ । ଏହି ସମୟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ମନୁ ଭାକରଙ୍କ ମା' ନୀରଜ ଚୋପ୍ରାଙ୍କ ସହ କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଛି । ପ୍ରଶଂସକମାନେ ଏହି ବାର୍ତ୍ତାଳାପକୁ ଦେଖି ନାନା କଥା ମନକୁ ଆଣି ପ୍ରତିକ୍ରିୟା ଦେବାରେ ଲାଗିଛନ୍ତି ।

ଭାଇରାଲ ଭିଡିଓରେ ଏହା ଦେଖିବାକୁ ମିଳେ ଯେ, ମନୁଙ୍କ ମା' ସୁମେଧା ଭାକର ନୀରଜ ଚୋପ୍ରାଙ୍କ ସହ କଥାବାର୍ତ୍ତା ହେଉଛନ୍ତି ଏବଂ ଏହି ସମୟ ମଧ୍ୟରେ ସେ ମଧ୍ୟ ନୀରଜଙ୍କ ହାତକୁ ଧରି ତାଙ୍କ ମୁଣ୍ଡରେ ରଖିଥିଲେ । ଜଣେ ୟୁଜର ଲେଖିଛନ୍ତି, ସମ୍ପର୍କ ପକ୍କା ହୋଇଛି । ଅନ୍ୟ ଜଣେ ୟୁଜର ହାସ୍ୟାସ୍ପଦ ଭାବରେ ଲେଖିଛନ୍ତି, ପୁଅ, ତୁମେ କେତେ ଯୌତୁକ ନେବ ? ସେହିଭଳି ଲୋକମାନେ ଭିଡିଓ ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

ମନୁ ଭାକର ପ୍ୟାରିସ୍ ଅଲିମ୍ପିକ୍ସରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ । ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମନୁ ତାଙ୍କର ପ୍ରଥମ ପଦକ ଜିତିଥିଲେ । ତାପରେ ସେ ସରବଜୋତ୍ ସିଂଙ୍କ ସହ ମିଶି ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ । ଏହା ସହ ମନୁ ଭାରତ ପାଇଁ ପ୍ରଥମ ଖେଳାଳି ହୋଇ ଗୋଟିଏ ଅଲିମ୍ପିକ୍ସରେ ଦୁଇଟି ପଦକ ହାସଲ କରିଥିଲେ ।

## ଟି୨୦ ବିଶ୍ୱକପ ଆୟୋଜକ ଅଧିକାର ବଞ୍ଚାଇବାକୁ ଜାତିସଂଘ ଦ୍ୱାରସ୍ଥ ହେବ ବାଂଲାଦେଶ

**ନୂଆଦିଲ୍ଲୀ**

ଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତା ସତ୍ତ୍ୱେ ଟି-୨୦ ବିଶ୍ୱକପ ଆୟୋଜକ ଅଧିକାର ବଞ୍ଚାଇ ରଖିବାକୁ ବାଂଲାଦେଶର ମଧ୍ୟବର୍ତ୍ତୀ ସରକାର ମିଳିତ ଜାତିସଂଘ ଦ୍ୱାରସ୍ଥ ହେବାକୁ ଯୋଜନା କରୁଛନ୍ତି ।

ବର୍ତ୍ତମାନର ପରିସ୍ଥିତି ଯୋଗୁଁ ଇଂଲଣ୍ଡ, ସ୍କଟଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ଭାରତ ଏବଂ ନ୍ୟୁଜିଲାଣ୍ଡ ସମେତ ଅନେକ ଦେଶ ବାଂଲାଦେଶ ଯାତ୍ରା କରୁଥିବା ନାଗରିକଙ୍କ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଏହି ଦେଶଗୁଡ଼ିକର ସରକାର ସେମାନଙ୍କ ନାଗରିକମାନଙ୍କୁ ବାଂଲାଦେଶ ଯାତ୍ରା ନକରିବାକୁ ପରାମର୍ଶ ଦେଇଛନ୍ତି, ଯାହା ଅକ୍ଟୋବର ୩ ରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ ଉପରେ ଏକ ବଡ଼ ପ୍ରଶ୍ନ ସୃଷ୍ଟି କରିଛି । ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରର ଯୁବ ତଥା କ୍ରୀଡ଼ା ପରାମର୍ଶଦାତା ଆସିଫ ମହମୁଦ ଏହି ସମସ୍ୟାର ସମାଧାନ ଆଶାରେ ଜାତିସଂଘ ସହ କଥା ହେବେ ବୋଲି ପ୍ରକାଶ କରିଛନ୍ତି । କିଛି ଦେଶ ସେମାନଙ୍କ ନାଗରିକମାନଙ୍କୁ ବାଂଲାଦେଶ ଆସିବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆମେ ମିଳିତ ଜାତିସଂଘ ସହିତ କଥା ହେବୁ ସୁରକ୍ଷା ଏବଂ ଭିତ୍ତିଭୂମି ସମ୍ବନ୍ଧରେ କିଛି ସମସ୍ୟା ଅଛି ଏବଂ ଆମେ ଏହି ବିଷୟରେ ପ୍ରଫେସର ୟୁନୁସ (ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା)ଙ୍କ ସହ ଆଲୋଚନା କରିବୁ । ସେ ଜଣେ କ୍ରୀଡ଼ାପ୍ରେମୀ ଏବଂ ସେ ଆଶା କରୁଛନ୍ତି ଯେ ସେ ଏହି ସମସ୍ୟାର ସମାଧାନ କରିପାରିବେ । ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଧ୍ୟ ବାଂଲାଦେଶର ପରିସ୍ଥିତି ଉପରେ ନଜର ରଖିଛି ଏବଂ ବିଶ୍ୱ ଟୁର୍ଣ୍ଣାମେଣ୍ଟକୁ ଅନ୍ୟ ଦେଶକୁ ସ୍ଥାନାନ୍ତର କରିବାର ସମ୍ଭାବନା ସମେତ ସମସ୍ତ ବିକଳ୍ପ ଖୋଲା ରଖିଛି । ଏହା ବ୍ୟତୀତ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ ଆଉ ଏକ ବାଧା ହେଉଛି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ରେ ଚାଲିଥିବା ସଙ୍କଟ । ଚଳିତ ମାସ ଆରମ୍ଭରେ ଆୱାମୀ ଲିଗ୍ ସରକାରଙ୍କ ପତନ ପରଠାରୁ ବିସିବି ସଭାପତି ନାଜମୁଲ ହାସନ ନିଖୋଜ ଅଛନ୍ତି । ଅବଶ୍ୟ, ଏକ ଫେଡେରେସନ କାର୍ଯ୍ୟ କରିବା ପାଇଁ ଏହାର ସମସ୍ତ ଅଙ୍ଗ କାମ କରିବା ଆବଶ୍ୟକ ସଭାପତି ନାଜମୁଲ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ଏବଂ ସେ ଅନୁପସ୍ଥିତ ଅଛନ୍ତି । ବିସିବି ଏକ ସ୍ୱୟଂଶାସିତ ଫେଡେରେସନ ଏବଂ ଆମେ ସେମାନଙ୍କୁ କୌଣସି ନିଷ୍ପତ୍ତି ଦେଇ ପାରିବୁ ନାହିଁ ବୋଲି ଆସିଫ କହିଛନ୍ତି ।

ଆଇସିସିର ଆଇନଗତ ଢାଞ୍ଚାରେ ଏହି ସମସ୍ୟାର ସମାଧାନ କିପରି ହେବ ତାହା ଦେବା ପାଇଁ ଆମେ ବିସିବି ନିର୍ଦ୍ଦେଶକମାନଙ୍କୁ ପରାମର୍ଶ ଦେଇଛୁ । ମଧ୍ୟବର୍ତ୍ତୀ ଅବଧି ପାଇଁ କାହାକୁ ନିଯୁକ୍ତ କରାଯିବ କି ନାହିଁ ତାହା ପରେ ସେମାନେ ଆମକୁ ରିପୋର୍ଟ କରିବେ । ଏହି ପରିପ୍ରେକ୍ଷୀରେ ଆମେ ପ୍ରକ୍ରିୟା ଜାରି ରଖିବୁ । ଆମେ ଆବଶ୍ୟକ ପରିବର୍ତ୍ତନ କରିବାକୁ ଚାହୁଁ । କିନ୍ତୁ ସେହି ସମୟରେ ଆମକୁ ଏକ ପ୍ରକ୍ରିୟା ଅନୁସରଣ କରିବାକୁ ପଡ଼ିବ । ଆମେ ବ୍ୟକ୍ତିଙ୍କୁ ପରିବର୍ତ୍ତନ କରିବାକୁ ଚାହୁଁନାହୁଁ; ଏହା ପରିବର୍ତ୍ତେ, ଆମେ ସିଷ୍ଟମକୁ ପରିବର୍ତ୍ତନ କରିବାକୁ ଚାହୁଁଛୁ ଯାହା ଦ୍ୱାରା ଯିଏ ସେହି ସିଷ୍ଟମ ଅନୁସରଣ କରି ଆସିବ, ଦୁର୍ନୀତି ଭିତରକୁ ଆସିପାରିବ ନାହିଁ ଏବଂ ଆମେ ପଦକ୍ଷେପ ନେବାକୁ ଚାହୁଁଛୁ ଯାହା ଦ୍ୱାରା ଆମେ ସ୍ଥାୟୀ ସମାଧାନ କରିପାରିବା ବୋଲି ସେ କହିଛନ୍ତି ।

## ଭିନେଶଙ୍କୁ ଦିଆଯାଉ ଭାରତ ରତ୍ନ ସପକ୍ଷରେ ବାହାରିଲା ଖାପ ପଞ୍ଚାୟତ

**ନୂଆଦିଲ୍ଲୀ**

ରବିବାର ହରିୟାଣାର ଅନେକ ଖାପ ପଞ୍ଚାୟତ ମହିଳା ରେସଲର ଭିନେଶ ଫୋଗଟ୍‌ଙ୍କ ସମର୍ଥନରେ ବାହାରିଥିଲେ । ସୂଚନାଯୋଗ୍ୟ, ୧୦୦ଗ୍ରାମ ଅଧିକ ଓଜନ ହେତୁ ପ୍ୟାରିସ୍ ଅଲିମ୍ପିକ୍ସର ଫାଇନାଲରୁ ଭିନେଶ ଫୋଗଟ୍ ଅଯୋଗ୍ୟ ହୋଇଥିଲେ । ତେବେ ଖାପ ପଞ୍ଚାୟତ (ଜାତି ଆଧାରରେ) ହରିୟାଣାର ଚରଖୀ ଦାଦ୍ରିରେ ସର୍ବ ଖାପ ମହାପଞ୍ଚାୟତ ଆୟୋଜନ କରିଥିଲେ । କୁସ୍ତିରୁ ଅବସର ନେଇଥିବା ନିଷ୍ପତ୍ତିକୁ ପୁନର୍ବିଚାର କରିବାକୁ ଏହି ଖାପ ପଞ୍ଚାୟତ ଭିନେଶ ଫୋଗଟଙ୍କୁ ନିବେଦନ କରିଥିଲେ ।

ସାଙ୍ଗାନ ଖାପର ମୁଖ୍ୟ ସୋମବୀର ସାଙ୍ଗାନ କହିଛନ୍ତି ଯେ ଏହି ଘଟଣାର ଯାଞ୍ଚ ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା କରାଯିବା ଉଚିତ ଏବଂ ଭିନେଶ ଫୋଗଟ୍ ନ୍ୟାୟ ପାଇବା ଉଚିତ୍ । ସେ ଏକ ଷଡଯନ୍ତ୍ରକୁ ମଧ୍ୟ ସୂଚାଇ ଦେଇଛନ୍ତି । ସେ ଏକ ପ୍ରଶ୍ନର ସ୍ୱରରେ ପଚାରିଲେ, ହଠାତ୍ ଓଜନ କିପରି ବୃଦ୍ଧି ପାଇଲା । ତାଙ୍କ ସହିତ ଅନେକ ଲୋକ ଥିଲେ ଏବଂ ତାଙ୍କର ଓଜନ ବୃଦ୍ଧି ନହେବା ନିଶ୍ଚିତ କରିବା ସେମାନଙ୍କର ଦାୟିତ୍ୱ ଥିଲା । ଖାପଙ୍କ ଦାବିକୁ ପଢି ସାଙ୍ଗାନ କହିଛନ୍ତି ଯେ ଭିନେଶଙ୍କ ସଫଳତାକୁ ଦୃଷ୍ଟିରେ ରଖି ତାଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯିବା ଉଚିତ୍ ।

ସୋମବୀର ସାଙ୍ଗାନ ଆହୁରି ମଧ୍ୟ କହିଛନ୍ତି ଯେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଜଣେ ମହିଳା ଖେଳାଳିଙ୍କୁ ଯାହା ମିଳେ ଏହି ସମସ୍ତ ସୁବିଧା ଭିନେଶଙ୍କୁ ପ୍ରଦାନ କରିବା ଉଚିତ୍ । ଏହା ବ୍ୟତୀତ ସେ ଅବସର ନ ନେଇ କୁସ୍ତି ଜାରି ରଖିବାକୁ ବିନେଶ ଫୋଗଟଙ୍କୁ ନିବେଦନ କରିଥିଲେ । ଫୋଗଟ ରାଜନୀତିରେ ପ୍ରବେଶ କରିବା ଉଚିତ କି ନୁହେଁ ପ୍ରଶ୍ନ ଉପରେ ସେ କହିଛନ୍ତି ଯେ ଏହା ତାଙ୍କ ଉପରେ ନିର୍ଭର କରେ ।

## ଟ୍ରକ୍ ଧକ୍କାରେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତ୍ୟୁ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

କୁନ୍ଦେଇ ଥାନା ଅଧୀନରେ ଥିବା ରାବଣାଗୁଡ଼ା ଛକ ଠାରେ ସାମ୍ନା ପଟୁ ଆସୁଥିବା ଏକ ଟ୍ରକ୍ ସହ ଧକ୍କା ହୋଇ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ ପରଚିପାରା ଗ୍ରାମର ଅଜିତ ମଜୁମଦାର (୪୦)ଏବଂ ତାଙ୍କ ସ୍ତ୍ରୀ ଦୀପିକା ମଜୁମଦାର (୩୫)ଓ ଆଠ ବର୍ଷର ଝିଅ ଅନୁଷ୍କା ମଜୁମଦାର ମିଶି ସକାଳୁ ଘରୁ ବାହାରିଥିଲେ ଛତିଶଗଡ଼ ସିହାବା ଠାରେ ଥିବା ଶିବ ମନ୍ଦିର ଦର୍ଶନ ପାଇଁ । ଯିବା ସମୟରେ ରାବଣାଗୁଡ଼ା ଛକ ଠାରେ ଥିବା ଏକ ବୁଲାଣିରେ ସାମ୍ନା ପଟୁ ଆସୁଥିବା ଏକ ଟ୍ରକ୍‌କୁ ଭାରସାମ୍ୟ ହରାଇ ପିଟି ଦେଇଥିଲେ । ଫଳରେ ସ୍ୱାମୀ ଅଜିତ ରାସ୍ତା କଡ଼କୁ ଛିଟିକି ପଡ଼ିଥିବା ବେଳେ ବାଇକ୍ ସହ ସ୍ତ୍ରୀ ଟ୍ରକ୍ ଚକ ତଳେ ପଡ଼ିଯାଇଥିଲେ । ଝିଅ ଅନୁଷ୍କା କୌଣସି ମତେ ସେଥିରୁ ବର୍ତ୍ତିଯାଇଥିଲା । ଘଟଣା ସ୍ଥଳରେ ସ୍ୱାମୀ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ପୋଲିସ ଖବର ପାଇ ତୁରନ୍ତ ସେଠାରେ ପହଞ୍ଚି ତିନିଜଣଙ୍କୁ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପହଞ୍ଚିଥିଲା । ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିବା ସହ ଝିଅକୁ ଆଶୁ ଚିକିତ୍ସା କରିଥିଲା । ପରିବାର ଲୋକେ ଖବର ପାଇ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ରାସ୍ତା ଅବରୋଧ କରିଥିଲେ ଗ୍ରାମବାସୀ । ଅଳ୍ପ ସମୟ ପରେ ଗାଡ଼ି ମାଲିକ ଆସି ଘଟଣା ସ୍ଥଳରେ ପହଞ୍ଚି କ୍ଷତି ପୂରଣ ବାବଦକୁ ୫ଲକ୍ଷ ଟଙ୍କା ଦେବାକୁ ରାଜି ହେବା ସହ ଘଟଣା ସ୍ଥଳରେ ଦେଢ଼ ଲକ୍ଷ ଟଙ୍କା ଦେବାପରେ ରାସ୍ତାରୁ ଓହରିଥିଲେ ପରିବାର ଲୋକେ । ଏହାପରେ ସ୍ୱାମୀ ସ୍ତ୍ରୀଙ୍କର ମୃତ ଶରୀର ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା ପୋଲିସ । ଉକ୍ତ ଘଟଣାକୁ ନେଇ କୁନ୍ଦେଇ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ ସେଠୀ ପ୍ରକାଶ କରିଛନ୍ତି ।

## କରଲାପାଟ ଅଭୟାରଣ୍ୟରୁ ଲୋପ ପାଉଛି ଶାଗୁଣା ବଂଶ

**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲାର କରଲାପାଟ ଅଭୟାରଣ୍ୟର ରାବଣ ଡଙ୍ଗରରୁ ନିଶ୍ଚିହ୍ନ ହେବାରେ ଲାଗିଛି ଶାଗୁଣା ବଂଶ । ଜୁନାଗଡ଼ ବ୍ଲକ୍‌ର କଣ୍ଟିପଦର, ଦେଦର ଓ ଭବାନୀପାଟଣା ବ୍ଲକ୍‌ର ଓଲବାହାଲିକୁ ଲାଗିଥିବା ରାବଣ ଡଙ୍ଗରରେ ଥିବା ଛୋଟ ଛୋଟ ଗାତ ଓ ପାହାଡ଼ ଶୀର୍ଷରେ ଥିବା ଗୁମ୍ଫାରେ ହଜାର ହଜାର ସଂଖ୍ୟାରେ ଶାଗୁଣା ରହୁଥିଲେ । ପ୍ରାୟତଃ କଳା ଓ ଧଳା ମିଶ୍ରିତ ରଙ୍ଗ, କଳା ରଙ୍ଗର ଶାଗୁଣା ଦେଖିବାକୁ ମିଳୁଥିଲା । ୧୦୦ ବର୍ଗ କିମି ଅଞ୍ଚଳରେ ଏମାନଙ୍କ ଗତିବିଧି ଲକ୍ଷ୍ୟ କରାଯାଉଥିଲା । ଏ ଅଞ୍ଚଳରେ ଥିବା ମଣିଷ, ପ୍ରାଣୀଙ୍କ ମଢ଼ ଖାଇ ଅଞ୍ଚଳକୁ



ସଫା କରୁଥିଲେ । ତେଣୁ ସେମାନଙ୍କୁ ଜଙ୍ଗଲ ସୁଇପର ବୋଲି କୁହାଯାଏ । ଅଭୟାରଣ୍ୟ ବ୍ୟତୀତ ଥୁଆମୂଳ ରାମପୁର, ଭବାନୀପାଟଣା, ଜୁନାଗଡ଼, ନାନ୍ଦୋଲ, କେଗାଁ, ଚୁରାଡଙ୍ଗର ଅଞ୍ଚଳ ଦେଇ ବିଭିନ୍ନ ସ୍ଥାନକୁ ଯାଉଥିଲେ । ଚାଷଜମିରେ ଅତ୍ୟଧିକ ରାସାୟନିକ ସାର, କୀଟନାଶକ ଔଷଧ ବ୍ୟବହାର ଏହି ଶାଗୁଣାଙ୍କ ଉପରେ ପ୍ରଭାବ ପଡ଼ିଥିବା କୁହାଯାଉଛି । ଏମାନେ ରାବଣ ଡଙ୍ଗର ଛାଡ଼ି ଅନ୍ୟତ୍ର ଯିବା ଆରମ୍ଭ କରିଥିଲେ । ୧୯୮୭ ମସିହା ପର୍ଯ୍ୟନ୍ତ ରାବଣ ଡଙ୍ଗରରେ ସେମାନଙ୍କ ଆଡ୍ଡା ଥିଲା । ୧୯୯୦ ମସିହାରେ ରାୟଗଡ଼ା ଜିଲ୍ଲାର ଲେଲିଗୁମା, ମାଣ୍ଡିବିଶି, ରାଉଳି ନିକଟସ୍ଥ ପାହାଡ଼ ଅଞ୍ଚଳକୁ ଯିବା ଆରମ୍ଭ କରିଥିଲେ । ବର୍ତ୍ତମାନ ରାବଣ ଡଙ୍ଗର ଅଞ୍ଚଳରେ କାଁ ଭାଁ ଦେଖିବାକୁ ମିଳୁଛି । ପରିବର୍ତ୍ତିତ ପରିବେଶରେ ନିଜକୁ ଖାପ୍ ଖୁଆଇ ନପାରି ରାବଣ ଡଙ୍ଗରରୁ ଶାଗୁଣା (ସ୍ଥାନୀୟ ଭାଷାରେ ଗିଦନ) ଲୋପ ପାଇଗଲେଣି ।

## ଚୋରି ଅଭିଯୋଗରେ ୩ ଗିରଫ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ସଟାଇଲ ଟେକ୍ନୋଲୋଜି (ଆଇଟିଟି) ପରିସରରୁ ମଟର ଚୋରି ଅଭିଯୋଗରେ ପୋଲିସ୍ ୩ଜଣଙ୍କୁ ରବିବାର ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଗୁପ୍ତେଶ୍ୱର ସାହିର ସନ୍ତୋଷ ବାରିକ (୨୫), ତଳ ବଜାରର ବାବୁଲା ସାମଲ (୨୪) ଓ ଲକ୍ଷ୍ମୀସାହିର ଦୀପକ ବେହେରା (୨୨) । ସେମାନଙ୍କ ନିକଟରୁ ୮ଟି ମଟର ଓ ତମ୍ବାତାର ଜବତ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ ଗତ ମାସ ୬ ତାରିଖ ରାତିରେ ଆଇଟିଟି ପରିସରରୁ ବିଭିନ୍ନ ମେସିନ୍‌ର ମଟର ଚୋରି ହୋଇଥିବା ଆଇଟିଟି ଅଧକ୍ଷ କାହ୍ନୁ ଚରଣ ଦାସଙ୍କ ଠାରୁ ଲିଖିତ ଅଭିଯୋଗ ପାଇ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ବିଶେଷ ସୂତ୍ରରୁ ସୂଚନା ପାଇ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ସନ୍ତୋଷର ବୟାନ ମତେ ବିରୂପା ବ୍ରିଜ୍ ନିକଟ ପାର୍କରେ ଲୁଚାଯାଇଥିବା ଚୋରି ସାମଗ୍ରୀ ସବୁକୁ ଜବତ କରିଥିଲେ ।

## ସରିଲା ବିଶ୍ୱ କ୍ରୀଡ଼ା ମହାକୁମ୍ଭ : ୪୦ ସ୍ୱର୍ଣ୍ଣ ସହ ମୋଟ୍ ୧୨୬ ପଦକ ସହ ତାଲିକା ଶୀର୍ଷରେ ରହିଲା ଆମେରିକା

**ନୂଆଦିଲ୍ଲୀ**

ସରିଲା ବିଶ୍ୱ କ୍ରୀଡ଼ା ମହାକୁମ୍ଭ ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ହେଲା ପ୍ୟାରିସ୍ ଅଲିମ୍ପିକ୍ସ ଉଦ୍‌ଯାପନୀ ସମାରୋହ ଦର୍ଶକଙ୍କ ମନ ମୋହିଲେ ଟମ୍ କ୍ରୁଜଙ୍କ ସମେତ ବହୁ ଅନ୍ତର୍ଜାତୀୟ ସେଲିବ୍ରିଟି । ଭାରତର ଧ୍ୱଜା ଧରିଲେ ଡବଲ ମେଡାଲଧାରୀ ମନୁ ଭାକର ଏବଂ ହକି ଷ୍ଟାର ପିଆର ଶ୍ରୀଜେଶ ।

ଅଲିମ୍ପିକ୍ସରେ ଚଳିତ ଥର ଭାରତକୁ ଗୋଟିଏ ରୌପ୍ୟ ଏବଂ ୫ଟି ବ୍ରୋଞ୍ଜକୁ ମିଶାଇ ମୋଟ ୬ଟି ପଦକ ମିଳିଛି । ୧୬ଟି ଇଭେଣ୍ଟରୁ କେବଳ ୪ଟି କ୍ରୀଡ଼ାରେ ଏହି ପଦକ ମିଳିଛି । ଜାଭେଲିନ ଥ୍ରୋରେ ନୀରଜ ଚୋପ୍ରା ଏକ ମାତ୍ର ରୌପ୍ୟ ପଦକ ହାସଲ କରିଥିବା ବେଳେ, ସୁଟିଂରୁ ସର୍ବାଧିକ ୩ଟି ଏବଂ ହକି ଓ କୁସ୍ତିରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ମିଳିଛି ।

ଫ୍ରାନ୍ସ ରାଜଧାନୀ ପ୍ୟାରିସରେ ଗତ ୧୭ ଦିନ ଧରି ଚାଲିଥିବା ବିଶ୍ୱର ଏହି ସବୁଠୁ ବଡ଼ କ୍ରୀଡ଼ା ଉତ୍ସବ ଜୁଲାଇ ୨୬ରେ ଆରମ୍ଭ ହୋଇଥିଲା । ଏଥିରେ ଭାରତର ୧୧୨ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ସେପଟେ ୪୦ ସ୍ୱର୍ଣ୍ଣ ସହ ମୋଟ୍ ୧୨୬ ପଦକ ସହ ଆମେରିକା ତାଲିକା ଶୀର୍ଷରେ ରହିଛି ।

ପରବର୍ତ୍ତୀ ଅଲିମ୍ପିକ୍ସ ୨୦୨୮ରେ ଆମେରିକାର ଲସ୍ ଏଞ୍ଜେଲସ୍‌ରେ ହେବ । ସେପଟେ ଭିନେଶ ଫୋଗଟଙ୍କ ଯୁଗ୍ମ ରୌପ୍ୟ ଆବେଦନ ଉପରେ ରାୟ ଦେବେ କୋର୍ଟ ଅଫ ଆର୍ବିଟ୍ରେସନ ଫର ସ୍ପୋର୍ଟସ । ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତୀୟ କଣ୍ଟିନଜେଣ୍ଟର ପ୍ରୟାସ ଓ ପରିଶ୍ରମକୁ ସାଧୁବାଦ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସମସ୍ତ ଆଥ୍‌ଲେଟ୍ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ଏବଂ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛନ୍ତି । ଆଗାମୀ ଅଭିଯାନ ପାଇଁ ଏହି କ୍ରୀଡ଼ା–ହିରୋମାନଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସୋସିଆଲ ମିଡିଆରେ ଲେଖିଛନ୍ତି ମୋଦି ।

## ଆର୍ଯ୍ୟ ସଂସ୍କୃତି ଓ ସନାତନ ଧର୍ମର ସୁରକ୍ଷା ନେଇ ଆହ୍ୱାନ

**କେନ୍ଦୁଝର, ନ୍ୟୁଜ୍**

ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦ ଆନୁକୂଲ୍ୟରେ ରବିବାର ଦିନ କେନ୍ଦୁଝର ସ୍ଥିତ ଗୁଜରାଟୀ ସମାଜ ସଭାଗୃହରେ ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରାଜ୍ୟ ସ୍ତରୀୟ ସନାତନ ଧର୍ମ ସମ୍ମିଳନୀର ସଭାପତି ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ନିରଞ୍ଜନ ଦାଶ ଓ ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ବ୍ରାହ୍ମଣ ମହାସଂଘର ସଭାପତି ବିପିନ ବିହାରୀ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ମୁଖ୍ୟ ବକ୍ତା ଭାବେ ସଂଗ୍ରାମ ଆର୍ଯ୍ୟ ଓ ନିମନ୍ତ୍ରିତ ଅତିଥି ଭାବେ କୈଳାସ ପଣ୍ଡା, ବିରଜା ମିଶ୍ର,




ପୀତବାସ ପଣ୍ଡା, ବିଜୟ ପାଣିଗ୍ରାହୀ, କୃତିବାସ ରଥ, ମନୋରଞ୍ଜନ ପାଢୀ, ବ୍ରଜକିଶୋର ମହାପାତ୍ର, ଦେବବ୍ରତ ପତି, ସୁବାହୁ କୁମାର ଦାଶ, ଦେବ ପତି ଓ ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭିକ ଭାବେ ବୃକ୍ଷରୋପଣ ଓ ଗୋପୂଜନ କରାଯିବା ପରେ ବେଦ ବିଦ୍ୟାଳୟ ଛାତ୍ରମାନଙ୍କ ଦ୍ୱାରା ସମୂହ ବେଦପାଠ କରାଯାଇ ଥିଲା ଓ ଅତିଥିମାନେ ଉଦ୍‌ଘାଟନୀ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ଧର୍ମକୁ ନେଇ ବିଦ୍ୱେଷ ଓ ହିଂସା ଦେଖିବାକୁ ମିଳୁଥିବା ବେଳେ ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସନାତନ ଧର୍ମାବଲମ୍ବୀ ଭାଇ ଭଉଣୀମାନେ ଏକାଠି ହେବା ଉଚିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତବର୍ଷରେ ଆର୍ଯ୍ୟ ସଂସ୍କୃତି ଓ ସନାତନ ଧର୍ମର ସୁରକ୍ଷା, ମଠ ମନ୍ଦିରର ସଂରକ୍ଷଣ, ଭାଗବତ ଟୁଙ୍ଗିର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରାଯାଇ ଥିଲା । ଏହି ସମ୍ମିଳନୀରେ ବାଂଲାଦେଶର ସନାତନୀ ମାନଙ୍କୁ ହେଉଥିବା ଅତ୍ୟାଚାରକୁ ବିରୋଧ କରିବା ସହିତ ତାଙ୍କର ସୁରକ୍ଷା ପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଏହି ଅବସରରେ କେନ୍ଦୁଝର ସେବା ଫାଉଣ୍ଡେସନର ରାଜେଶ କୁମାର ରଣା, ପ୍ରୟାସ ସଦ୍‌ଭାବନା ପରିବାରର ଚଣ୍ଡୀପ୍ରସାଦ ପଟ୍ଟନାୟକ, ଭରସା ପରିବାରର ଲମ୍ବୋଦର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶାର ବିଶିଷ୍ଟ ବାସ୍ତୁବିତ ଡକ୍ଟର ଗଣପତି ଧନ୍ୟବାଦ ଅର୍ପଣ କରିବା ସହ ସଭା ପରିଚାଳନା କରିଥିଲେ ।

## ନେମାଳ ସାମ୍ବାଦିକ ସଂଘର ବନ୍ଧୁ ମିଳନ

**ନେମାଳ, ନ୍ୟୁଜ୍**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ସାମ୍ବାଦିକ ସଂଘର ବନ୍ଧୁମିଳନ ଓ ଆଲୋଚନା ବୈଠକ ମହିମା ଗାଦି ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଅଭୟ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାରେ ଗ୍ରାମାଞ୍ଚଳରେ କାର୍ଯ୍ୟକରୁଥିବା ସାମ୍ବାଦିକମାନଙ୍କର ବହୁବିଧ ସମସ୍ୟା ଉପରେ ସଦସ୍ୟମାନେ ଗଠନମୂଳକ ମତାମତ ପ୍ରଦାନ କରିଥିଲେ । ବିଶେଷ କରି ସାମ୍ବାଦିକମାନେ ଖବର ସଂଗ୍ରହ ତଥା ଅନ୍ୟ ସମୟରେ ଆକ୍ରୋଶମୂଳକ ଭାବେ ଆକ୍ରମଣ ତଥା ବାଧାସୃଷ୍ଟି କରିବା ଘଟଣାକୁ ନିନ୍ଦା କରାଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା ।



ସେହିପରି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଓ ପେନସନ ପ୍ରଦାନ ଆଦି ସମ୍ପର୍କରେ ସରକାରଙ୍କ ଠାରେ ଦାବି କରାଯାଇଥିଲା । ବୈଠକରେ ବରିଷ୍ଠ ସାମ୍ବାଦିକ ରତ୍ନାକର ବାରିକ, କ୍ଷମାନିଧି ପୂଜାରୀ, ବିନୟ ଦାସ, ଗୋବିନ୍ଦ ଦାସ, କିରଣ ଶଙ୍କର ନାୟକ, ମୀନକେତନ ଦାସ, ଇଜାଜ ଖାଁ, ଅକ୍ଷୟ କୁମାର ଦାଶ, ସଚ୍ଚିଦାନନ୍ଦ ମଲ୍ଲିକ, ସୁଜାତା ଗୋସ୍ୱାମୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ନୂତନ ସଦସ୍ୟ ଭାବେ ବିଭୁତି ଭୂଷଣ ଦ୍ୱିବେଦୀ ଓ ପ୍ରଶାନ୍ତ ସିଂହଙ୍କୁ ସଂଘରେ ସାମିଲ କରାଯାଇଥିଲା । ଶେଷରେ ସାମ୍ବାଦିକ ଅମିତାଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସାମୁଦ୍ରିକ ଜୁଆର ମାଡ଼ରେ ହ୍ରାସ ପାଉଛି ଝାଉଁ ଜଙ୍ଗଲ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଏରସମା ଉପକୂଳରେ ଜନବସତି ଆଡ଼କୁ ମାଡ଼ି ଆସୁଛି ସମୁଦ୍ର । ଏରସମା ବ୍ଲକ୍‌ର ଶିଆଳି ନିକଟରେ ବାରମ୍ବାର କୂଳ ଲଘିଂ ଚାଲିଛି । ଜୁଆର ମାଡ଼ରେ ଭ୍ୟୁ ଟାୱାର ମୂଳଦୁଆ ଖାଇଯିବାରୁ ଭାଙ୍ଗି ଦିଆଯାଇଛି । ଝାଉଁ ଜଙ୍ଗଲ ମଧ୍ୟ ଧ୍ୱଂସ ପାଇବାରେ ଲାଗିଛି ତଥାପି ସୁରକ୍ଷା ଦିଗରେ ପଦକ୍ଷେପ ନେଉ ନାହାନ୍ତି ସରକାର । ଏରସମା ବ୍ଲକ୍‌ର ପଦ୍ମପୁର ପଞ୍ଚାୟତରେ ରହିଛି ଶିଆଳି । ଏହାର ପାଖାପାଖି କଳାବେଦୀ, ସରୋବନ୍ତ, ନୋଳିଆ ସାହି, ରାମତରା, ଆମ୍ବିକି, ଗଡ଼ହରିଶପୁର ଆଦି ରହିଛି । ୧୯୯୯ ମହାବାତ୍ୟା ସମୟରେ ସମୁଦ୍ର ଜୁଆର ମାଡ଼ି ବ୍ୟାପକ ଧନଜୀବନ ନଷ୍ଟ ହୋଇଥିଲା । ଜନବସତି ଠାରୁ ସେତେବେଳେ ପ୍ରାୟ ୨ କିଲୋମିଟର ଦୂରରେ ସମୁଦ୍ର ରହିଥିଲା । ପ୍ରାୟ ୧୦ କିଲୋମିଟର ବ୍ୟାପୀ ବେଳାଭୂମି ସୃଷ୍ଟି



ହୋଇଥିଲା । ବାତ୍ୟାର ଅଳ୍ପ କିଛି ବର୍ଷ ପରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲା ଏହି ବେଳାଭୂମି । ୨୦୧୧ରେ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ହାସଲ କରିଥିଲା ଶିଆଳି । ନୀଳ ସମୁଦ୍ର ଓ ବେଳାଭୂମିର ମନଲୋଭା ଦୃଶ୍ୟକୁ ଦେଖିବା ଲାଗି ଏକ ଭ୍ୟୁ ଟାୱାର ନିର୍ମାଣ କରାଯାଇଥିଲା । ସେତେବେଳେ ସମୁଦ୍ର ପ୍ରାୟ ୧ କିଲୋମିଟର ଦୂରରେ ରହିଥିଲା । ଅର୍ଥାତ ମହାବାତ୍ୟା ଠାରୁ ଭ୍ୟୁ ଟାୱାର ନିର୍ମାଣ ଭିତରେ ସମୁଦ୍ର ପ୍ରାୟ ୧ କିଲୋମିଟର ମାଡ଼ି ଆସିଥିଲା । କିନ୍ତୁ ଅଶାନ୍ତ ସମୁଦ୍ର ସେତିକିରେ ଅଟକି ନ ଥିଲା, ଧୀରେଧୀରେ ଜନବସତି ମୁହାଁ ହୋଇଥିଲା । ଏପରିକି ବନ ବିଭାଗ ପକ୍ଷରୁ ସୃଷ୍ଟି କରାଯାଇଥିବା ଝାଉଁ ଜଙ୍ଗଲ ଜୁଆର ମାଡ଼ରେ ଧ୍ୱଂସ ହେବାରେ ଲାଗିଛି । ଏବେ ଉପକୂଳର ଜନବସତି ସୁରକ୍ଷା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି । ଗତବର୍ଷ ବଡ଼ ଜୁଆର ଆସିବାରୁ କଳାବେଦୀ, ରାମତରା, ଶିଆଳି ଓ ନୋଳିଆ ସାହିକୁ ପାଣି ପଶି ଆସିଥିଲା । ବାତ୍ୟା ଓ ଲଘୁଚାପ ସମୟରେ ଅଶାନ୍ତ ସମୁଦ୍ର କୂଳ ଲଂଘୁଛି ।

ସେହିପରି ପାରାଦୀପର ନେହରୁ ବଙ୍ଗଳା ମୁହାଣ ନିକଟରେ ଜୁଆର ମାଡ଼ରେ ମାଟି ଅତଡ଼ା ଖାଇବାରେ ଲାଗିଛି । ସେଠାରେ ଥିବା ଝାଉଁ ଗଛ ଉପୁଡ଼ି ପଡ଼ିଲାଣି । ଗୋଟିଏ ସ୍ଥାନରେ ଅସ୍ଥାୟୀ ଭାବେ ବାଲିବସ୍ତା ପକାଯାଇ ସୁରକ୍ଷା ପାଚେରି କରାଯାଇଥିଲେ ମଧ୍ୟ ତାହା ଭାଙ୍ଗି ନଷ୍ଟ ହୋଇଗଲାଣି । ଉପକୂଳ ସୁରକ୍ଷା ପାଇଁ ବଜେଟ୍‌ରେ କୌଣସି ବ୍ୟୟବରାଦ ହୋଇ ନ ଥିବାରୁ ବିଧାନସଭାରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏହି ପ୍ରସଙ୍ଗ ଉଠାଇଥିଲେ । ପଦ୍ମପୁର ପଞ୍ଚାୟତ ସରପଞ୍ଚ ପ୍ରତିଭାରାଣୀ ପାତ୍ର କହିଛନ୍ତି, ନେହରୁ ବଙ୍ଗଳା ସୁରକ୍ଷା ପାଇଁ ବାରମ୍ବାର ଦାବି କରାଯାଇଛି । ଏହା ଏକ ପର୍ଯ୍ୟଟନ ସ୍ଥଳ ହୋଇଥିବାରୁ ସୁରକ୍ଷା ନିହାତି ଦରକାର ସମୁଦ୍ର ମାଡୁଥିବାରୁ ଜନବସତି ପ୍ରତି ବିପଦ ରହିଛି । ତେଣୁ ସୁରକ୍ଷା ପ୍ରାଚୀର ସହ ଏକ ଭ୍ୟୁ ଟାୱାର ନିର୍ମାଣ ପାଇଁ ପ୍ରଶାସନକୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
R.W. (P.H) DIVISION, BHUBANESWAR
BEHIND ESPLANADE MALL PO: RASULGARH. BHUBANESWAR, 751010
TEL-(0674)2301801, E-MAIL: EERWI'HDIVNBBSR(®REDIFFMATL.COM
O-194
e-Procurement Notice for S/I, S/D & W/S to Building works
e Procurement Notice No. 07 / 2024-25

The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in single cover system through e-procurement for different work as per Annexure. The bid should be submitted on-line in the website www.tenderorissa.gov. in by eligible class of contractors of Government of Odisha or of equivalent class of other State Government / Railways / CPWD / MES. The bidders should have the necessary Portal Enrolment (With his own Digital Signature certificate)

| | |
|---|---|
| Name of the work | S/I, S/D & W/S to Building Works. ( As per Annexure-1) |
| Estimated cost | From Rs 2.05 lakhs to Rs.5.56 Lakhs (approximately) |
| No. of Works | 25 Nos. (Twentyfive) |
| Tender Paper Cost | Rs. 2000.00 to Rs 4000.00 (Non-refundable) |
| Class of Contractors | 'D'&C |
| Date & Time of Availability of Bid document in portal | Dt. 21.08.2024 from 11.00 A.M. |
| Date of seeking clarification | During office hours from dt. 21.08.2024 to dt. 29.08.2024. |
| Last date & time of receipt of Bids through online | Dt. 30.08.2024 upto 05.00 P.M. |
| Opening of Bid document | Dt.31.08.2024 at 11.00 A.M. |
| Digital signature certificate | The bidder must possess a compatible digital signature certificate |

Further details can be seen in the bidding documents which is available in the e-procurement portal, subsequent corrigendum if required shall be appeared in the web site. Authority reserves the right to reject any or all tenders without assigning'ahy'reason thereof.

Sd/- (Er. Biraja Prasad Pradhan), Superintending Engineer
R.W (P.H) Division, Bhubaneswar.
OIPR-25183/11/0007/2425

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଅଗଷ୍ଟ ୨୦୨୪ ମଙ୍ଗଳବାର







ଭୁବନେଶ୍ୱର : ନବୀନନିବାସ ଠାରେ କାଞ୍ଚି କାମକୋଟୀ ପୀଠର ଶ୍ରୀ ବିଶ୍ୱନାଥନ୍ ବିରୋଧି ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ହରଘର ତିରଙ୍ଗା ଶୋଭାଯାତ୍ରା

**ପୁରୀ, ନ୍ୟୁଜ ବ୍ୟୁରୋ**

ସ୍ୱାଧୀନତା ଦିବସ ଅବସରରେ ହରଘର ତିରଙ୍ଗା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ପୂର୍ବାହ୍ନ ୯ ଘଟିକା ସମୟରେ ହରଘର ତିରଙ୍ଗାର କାର୍ଯ୍ୟକ୍ରମ ସ୍ୱରୂପ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରୁ ଆରମ୍ଭ ହୋଇ ଶ୍ରୀଜଗନ୍ନାଥ ଷ୍ଟାଡିୟମ ପର୍ଯ୍ୟନ୍ତ ଯିବ। ସ୍ୱାଧୀନତା ଆମ ସମସ୍ତଙ୍କ ପାଇଁ ଏକ ବିରାଟ ଉପଲବ୍ଧି। ତିରଙ୍ଗା ଆମ ଗର୍ବ ଓ ଗୌରବର ପ୍ରତୀକ। ଏହି ଜାଗରଣ ସୃଷ୍ଟି ସହ ଯେପରି ଚଳିତ ସ୍ୱାଧୀନତା ଦିବସରେ ପ୍ରତ୍ୟେକ ନିଜ ଗୃହରେ ଉଚିତ ସମ୍ମାନର ସହ ପତାକା ଉତ୍ତୋଳନ କରିବେ ତାହାର ଅଭିଯାନ ଆରମ୍ଭ ହୋଇଛି। ବରିଷ୍ଠ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷମାନେ ଏହି ଶୋଭାଯାତ୍ରାରେ ସାମିଲ ହେବେ ବୋଲି ବ୍ୟବସ୍ଥା କରାଯାଇଛି।

# ହାତୀଙ୍କ ଦ୍ୱାରା ପ୍ରଭାବିତ ଲୋକଙ୍କୁ ମିଳିବ କ୍ଷତିପୂରଣ : ଶ୍ରମ ମନ୍ତ୍ରୀ

**ରାଇରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ନେଚର କ୍ୟାମ୍ପସ ସୃଷ୍ଟି କରିବା, ଇକୋ-ଟୁରିଜିମ ସହ ଶିମିଳିପାଳ ଟାଇଗର ରିଜର୍ଭର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀରେ ସାମିଲ ହେବେ ସ୍ଥାନୀୟ ଲୋକ । ଏହାସହ ବନ୍ୟଜନ୍ତୁ ବିଶେଷ କରି ଜଙ୍ଗଲୀ ହାତୀଙ୍କ ଦ୍ୱାରା ପ୍ରଭାବିତ ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ପଠାଇବାକୁ ବନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜଙ୍ଗଲ, ପରିବେଶ ଏବଂ ଶ୍ରମ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ଏହାସହ କଳାବାଘ ସଫାରି ନେଇ କାର୍ଯ୍ୟ ତ୍ୱରାନ୍ୱିତ ହୋଉଥିବା କହିଛନ୍ତି ମନ୍ତ୍ରୀ । ଜଙ୍ଗଲ, ପରିବେଶ ଏବଂ ଶ୍ରମ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଆଜି ବାରିପଦା ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟ ଗୁଡିକର ସମୀକ୍ଷା କରିବା ସହିତ ଆଗାମୀ ପଦକ୍ଷେପ ଏବଂ କାର୍ଯ୍ୟପନ୍ଥା ବିଷୟରେ ଜିଲ୍ଲା ସ୍ତରୀୟ ଓ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି । ସ୍ଥାନୀୟ ମଞ୍ଚାବନ୍ଧା ସ୍ଥିତ ବନ ବିଭାଗ ଡାକବଙ୍ଗଳା



ବୈଠକ ଗୃହରେ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବନ ବିଭାଗ ଶ୍ରମ ଅଯୁକ୍ତଙ୍କ କାର୍ଯ୍ୟାଳୟ, ଜିଲ୍ଲା କର୍ମଚାରୀ ରାଜ୍ୟ ବୀମା କାର୍ଯ୍ୟାଳୟଙ୍କ ବିଭାଗୀୟ କାର୍ଯ୍ୟର ଜିଲ୍ଲାସ୍ତରୀୟମାନକ ବୃଦ୍ଧି ପାଇଁ ସମୀକ୍ଷା କରାଯାଛି । ମଞ୍ଚାବନ୍ଧା ସ୍ଥିତ ଶହୀଦ ବନ କର୍ମଚାରୀଙ୍କ ସ୍ମୃତି ସ୍ତମ୍ଭରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ମନ୍ତ୍ରୀ ଗଣେଶ । ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି, 'ମଞ୍ଚାବନ୍ଧା ଠାରେ କଳା ବାଘ ସଫାରି କାର୍ଯ୍ୟ ତ୍ୱରାନ୍ୱିତ କରି ଖୁବଶୀଘ୍ର କାର୍ଯ୍ୟକ୍ଷମ କରାଯିବ । ଶିମିଳିପାଳ ଅଭୟାରଣ୍ୟ ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥାପିତ ଥିବାରୁ ଓଡ଼ିଶା ପ୍ରତି ମୟୂରଭଞ୍ଜ ଜିଲ୍ଲାର ଦାୟିତ୍ୱ ଅନେକ ମାତ୍ରାରେ ରହୁଛି । ଶିମିଳିପାଳ ଏକ ଘଞ୍ଚ ଜଙ୍ଗଲ ହୋଇଥିବା ବେଳେ ୨୭୫୦ ବର୍ଗ କିମି ପରିବ୍ୟାପ୍ତ । ଆଗାମୀ ଦିନରେ ଶିମିଳିପାଳ ସୁରକ୍ଷା ପାଇଁ ଗ୍ରହଣ କରିବାକୁ ଥିବା ପଦକ୍ଷେପ ଓ ପାଣିପାଗ ପରିବର୍ତ୍ତନକୁ ସନ୍ତୁଳିତ କରିବା ନେଇ ଆଲୋଚନା କରାଯାଇଛି । ଲୋକଙ୍କ ଜୀବନ ଜୀବିକା ନିର୍ବାହ କରିବାକୁ ନେଇ ଜଙ୍ଗଲ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରାଯିବ । ଏଥି ସହିତ କଳା ବାଘ ସଫାରି ପାଇଁ ଜାଗା ଚୟନ ହୋଇଛି । ଏନଟିସିଏର ବୈଷୟିକ ଟିମ ସହିତ ଆଲୋଚନା କରି ଆଗାମୀ କଳା ବାଘ ସଫାରି ପଦକ୍ଷେପ ଗ୍ରହଣ କରାଯିବ । ଶିଳ୍ପ ବିହୀନ ମୟୂରଭଞ୍ଜ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ନେଇ ପ୍ରୟାସ ଜାରି ରହିଛି । ଜିଲ୍ଲାକୁ ଶିଳ୍ପର ଆବଶ୍ୟକତା ଥିବା ବେଳେ ଏହାର ପ୍ରତିଷ୍ଠା ଦ୍ୱାରା ଜଳବାୟୁରେ ପରିବର୍ତ୍ତନ ଘଟିବ । ତେଣୁ ଏହାକୁ ଦୃଷ୍ଟି ରଖି ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ମୟୂରଭଞ୍ଜ ଜିଲ୍ଲାର ରାଜ୍ୟର ବଡ଼ ଜିଲ୍ଲା ହୋଇଥିବାରୁ ଜିଲ୍ଲାରେ ରୋଜଗାର ମାଧ୍ୟମ ସୃଷ୍ଟି କରିବା ପାଇଁ ସଦା ଯତ୍ନଶୀଳ ରହିଛୁ । ହାତୀଙ୍କ ଦ୍ୱାରା ପ୍ରଭାବିତ ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କାରଯିବ ।' ତେବେ ଆଜିର ସମୀକ୍ଷା ବୈଠକରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ ମଧ ଯୋଗ ଦେଇ ଜିଲ୍ଲାରେ ତଥା ନିଜ ନିଜ ବ୍ୟକ୍ତିଗତ ନିର୍ବାଚନ ମଣ୍ଡଳୀରେ ହୋଇ ଆସୁଥିବା ଏବଂ ହେଉଥିବା ବିଭିନ୍ନ ଉନ୍ନତିମୂଳକ ଏବଂ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କର ଜନହିତକର କାର୍ଯ୍ୟ ଗୁଡିକର ପ୍ରଗତି ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟତଃ କେନ୍ଦ୍ର ସରକାରଙ୍କର 'ଏକ ପେଡ ମା କେ' ନାମର ପ୍ରୟାସ ଜିଲ୍ଲାରେ କିଭଳି ହେଉଛି ସେ ବିଷୟରେ ବିଶଦ ବିବରଣୀ, ମନ୍ତ୍ରୀ ଗଣେଶ ରାମସିଂ ପଚାରି ବୁଝିଛନ୍ତି। ଏହି ସମୀକ୍ଷା ବୈଠକରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡଃ ପ୍ରକାଶ ଗୋଗିନେନି, ଉପ-ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା, ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ମହାମାନସିଂ ଓ ଅନ୍ୟାନ୍ୟ ବନ ବିଭାଗୀୟ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆସିଲା ଇଣ୍ଡିଆ ର୍‍ୟାଙ୍କିଂ ୨୦୨୪ ତାଲିକା : ଓଭରଅଲ୍ କାଟେଗୋରୀରେ ଓଡ଼ିଶାର ରହିଛି ୩ ଅନୁଷ୍ଠାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆସିଲା ଇଣ୍ଡିଆ ରାଙ୍କିଂ ୨୦୨୪ ତାଲିକା । ଦେଶର ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକୁ ଏଥିରେ ରାଙ୍କି କରାଯାଇଥିବାବେଳେ ଚଳିତ ବର୍ଷ ୧୬ଟି କ୍ୟାଟେଗୋରୀରେ ରାଙ୍କିଂ କରାଯାଇଛି । ଓଭରଅଲ୍ କାଟେଗୋରୀରେ ଓଡ଼ିଶାର ରହିଛି ୩ ଅନୁଷ୍ଠାନ । ଦୁଇଟି ପାହାଚ ଉପରକୁ ଉଠି ୨୪ ନମ୍ବରରେ ସୋଆ ବିଶ୍ୱବିଦ୍ୟାଳୟ ରହିଥିବାବେଳେ ୨୮ ରେ କିଟ ଏବଂ ୩୪ ନମ୍ବରରେ ଘଓଞ୍ଚ ରାଉରକେଲା ରହିଛି । ସେହିଭଳି ବିଶ୍ୱବିଦ୍ୟାଳୟ କ୍ୟାଟେଗୋରୀରେ ସୋଆ ୧୪ ନମ୍ବର ରହିଥିବା ବେଳେ କିଟ ୧୫ ନମ୍ବରରେ ରହିଛି । ଟପ୍ ୫୦ ସରକାରୀ ବିଶ୍ୱବିଦ୍ୟାଳୟ ବର୍ଗରେ ୪୨ ନମ୍ବରରେ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ରହିଛି । ଟପ ୫୦



ଗବେଷଣାକାରୀ ସଂସ୍ଥା ବର୍ଗରେ ୩୦ ନମ୍ବରରେ ଘଓଞ୍ଚ ରାଉରକେଲା, ୪୬ରେ କିଟ ଓ ସୋଆ ୫୦ ନମ୍ବରରେ ରହିଛି । ବିଶେଷକରି ସୋଆ ଏଥର ଭଲ ପ୍ରଦର୍ଶନ କରିଛି। ରାଙ୍କିଂର ନବମ ସଂସ୍କରଣରେ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ୧୪ ତମ ସ୍ଥାନ ହାସଲ କରି ସୋଆ ଗୋଟିଏ ପାହାଚ ଉପରକୁ ଉଠିଛି । ଡିମ୍ଡ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ କ୍ୟାଟେଗୋରୀରେ ଗତ ବର୍ଷ ୨୭ତମ ସ୍ଥାନରେ ସୋଆ ଥିବା ବେଳେ ଚଳିତ ବର୍ଷ ଏଥିରେ ଉନ୍ନତି ଘଟି ୨୬ ତମ ସ୍ଥାନରେ ପହଂଚିଛି। ମେଡିକାଲ୍ ସାଇନସ କ୍ୟାଟେଗୋରୀରେ ଦେଶରେ ସୋଆ ୨୧ ତମ, ଡେଣ୍ଟାଲ ଏବଂ ଲ' କ୍ୟାଟେଗୋରୀରେ ନବମ ସ୍ଥାନରେ ରହିଛି । ସେହିପରି ମ୍ୟାନେଜମେଣ୍ଟ ସାଇନସ କ୍ୟାଟେଗୋରିରେ ୬୨ତମ ଏବଂ ରିସର୍ଚ୍ଚ କ୍ୟାଟେଗୋରିରେ ୫୦ ତମ ସ୍ଥାନ ହାସଲ କରିଛି ସୋଆ । ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ଅବସରରେ ଖୁସି ବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଗବେଷକ ଏବଂ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୋଆକୁ ଆହୁରି ଉଚ୍ଚକୁ ନେବା ନିମନ୍ତେ ସେମାନଙ୍କର ଏହି ଉଦ୍ୟମକୁ ଜାରି ରଖିବା ନିମନ୍ତେ ପ୍ରୋତ୍ସାହିତ କରିଛନ୍ତି । ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ଏହି ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ବିଶ୍ୱବିଦ୍ୟାଳୟକୁ ଆଗାମୀ ୫ ବର୍ଷ ମଧ୍ୟରେ ଦେଶର ଶ୍ରେଷ୍ଠ ୧୦ଟି ବିଶ୍ୱବିଦ୍ୟାଳୟ ତାଲିକାରେ ସ୍ଥାନିତ କରିବା ପାଇଁ କଠିନ ପରିଶ୍ରମ ଜାରି ରଖିବା ନିମନ୍ତେ ଆହ୍ୱାନ ଦେଇଛନ୍ତି ।

# ଭାରତରେ ପ୍ରଥମ ଘଟଣା : ସାଂସଦ ପତ୍ନୀଙ୍କ ସୁରକ୍ଷାରେ କନଷ୍ଟେବଲ ପତି

**ଜୟପୁର, ନ୍ୟୁଜ ବ୍ୟୁରୋ**

ରାଜସ୍ଥାନ ଭରତପୁରର କଂଗ୍ରେସ ସାଂସଦ ସଞ୍ଜନା ଜାଟଭ ଚର୍ଚ୍ଚାରେ ରହିଛନ୍ତି । କନଷ୍ଟେବଲ ପତିଙ୍କୁ ଏସ୍‌ପି ଆନନ୍ଦ ଶର୍ମା ସାଂସଦଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ନିଯୁକ୍ତ କରିଛନ୍ତି । ଏଥିପାଇଁ ସଞ୍ଜନା ସୁପାରିସ କରିଥିଲେ। ଭାରତର ପ୍ରଥମ ସାଂସଦ ଭାବେ ସଞ୍ଜନାଙ୍କ ସୁରକ୍ଷାରେ ତାଙ୍କ ସ୍ୱାମୀଙ୍କୁ ନିଯୁକ୍ତ କରାଯାଇଛି। ଏହାକୁ ନେଇ ସଞ୍ଜନା କହିଛନ୍ତି ଯେ ସ୍ୱାମୀ ତାଙ୍କ ଶକ୍ତି ଏବଂ ସାମର୍ଥ୍ୟ। ଏବେ ସେ କାର୍ଯ୍ୟ ସମୟରେ ବି



ତାଙ୍କ ସହ ରହିବେ। ସେ ପୂର୍ବରୁ ତାଙ୍କ ସାଙ୍ଗରେ ଥିଲେ ଏବଂ ଏବେ ମଧ୍ୟ ରହିବେ। ସାଂସଦ ହେବା ପରେ କିଛି ବି ବଦଳି ନାହିଁ। କେବଳ କାମ ବଢ଼ି ଯାଇଛି। ପୂର୍ବରୁ ଯେମିତି ବ୍ୟବହାର ଥିଲା ଏବେ ସେମିତି ଅଛି। ସେହିପରି ସଞ୍ଜନାଙ୍କ ପତି କପ୍ତାନ ସିଂହ କହିଛନ୍ତି ଯେ ସାଂସଦ ତାଙ୍କ ସହ ମୁକ୍ତ ଭାବେ କାର୍ଯ୍ୟ କରିପାରିବେ। ତାଙ୍କ ସୁରକ୍ଷା ଦାୟିତ୍ୱ ମିଳିଥିବାରୁ ବହୁତ ଭଲ ଲାଗୁଛି। ମାସେ ତଳେ ଏଥିପାଇଁ ଅନୁମତି ମଗା ଯାଇଥିଲା। ପୁଲିସ ବିଭାଗ ମଧ୍ୟ ଅନୁମତି ଦେଇ ସାରିଥିଲା। ସୂଚନାଯୋଗ୍ୟ ଯେ ସଞ୍ଜନା ରାଜସ୍ଥାନର ସବୁଠୁ କମ୍ ବୟସର ସାଂସଦ। ସେ ୧୮ ବର୍ଷ ବୟସରେ ଅଲୱର ଜିଲ୍ଲା କଠୁମାର ବାସିନ୍ଦା କପ୍ତାନଙ୍କୁ ବିବାହ କରିଥିଲେ। ଶ୍ୱଶୁର ହରଭଜନ ସିଂହଙ୍କ ଯୋଗୁଁ ସେ ରାଜନୀତିରେ ପ୍ରବେଶ କରିଥିଲେ। ସଞ୍ଜନା ୨୦୨୧ରେ ପ୍ରଥମ ଥର ପାଇଁ ୱାର୍ଡ ନିର୍ବାଚନ ଲଢ଼ି ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫ ବର୍ଷ ପରେ...

କରିବାର ବ୍ୟବସ୍ଥା କରାଯିବ। ଆବାସ ଯୋଜନାରେ ଯେଉଁ ଘର ନିର୍ମାଣ ହେବ, ସେଥିରେ ସ୍ୱଚ୍ଛ ଭାରତ ଅଭିଯାନରେ ଶୌଚାଳୟର ବ୍ୟବସ୍ଥା ରହିବ। ପ୍ରତି ଘରକୁ ପାଣି ଟ୍ୟାପ ଓ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରାଯିବ। ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପହଞ୍ଚାଇବାର ବ୍ୟବସ୍ଥା କରାଯିବ। କେବଳ ଜମି ପଟ୍ଟା ନୁହେଁ, ୫ ବର୍ଷରେ ଘରର ପୂର୍ଣ୍ଣାଙ୍ଗ ପ୍ୟାକେଜ ଗରିବ ଲୋକଙ୍କୁ ଯୋଗାଇ ଦିଆଯିବ। ତେଣୁ ସଠିକ୍ ଭାବେ ସର୍ଭେ କରିବା ପାଇଁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୫ ବର୍ଷ ପରେ ଓଡ଼ିଶାରେ ଏମିତି କେହି ଗରିବ ଲୋକ ରହିବେନି, ଯାହାର ନିଜସ୍ୱ ଘର ଡିହ ପଟ୍ଟା ନଥିବ। ସର୍ଭେ ଓ ଆବଣ୍ଟନ କାମ ଆରମ୍ଭ ହେଲାଣି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ହୀରାକୁଦ ବନ୍ଧ ପାଇଁ ଯେଉଁମାନେ ବାସଚ୍ୟୁତ ହୋଇଥିଲେ, ସେମାନଙ୍କୁ ୧୦ ଡିସିମିଲ ଲେଖାଏଁ ଜମି ଦେବାର କାର୍ଯ୍ୟକ୍ରମ ରହିଛି। ସେହି ନିୟମ ଅନୁସାରେ ଝାରସୁଗୁଡ଼ାରେ ୪୪୦୦ ପଟ୍ଟା ଓ ସମ୍ବଲପୁରରେ ୨୨୦ ପଟ୍ଟା ବଣ୍ଟା ସରିଲାଣି। ୭୫ ବର୍ଷ ପୂର୍ବେ ଯେଉଁମାନଙ୍କ ପ୍ରତି ଅନ୍ୟାୟ ହୋଇଥିଲା, ସେମାନଙ୍କ ପ୍ରତି ନ୍ୟାୟ ପ୍ରଦାନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ଲୋକସେବା ଭବନଠାରେ...

ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହା ସହିତ, କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ । ହର୍ ଘର୍ ତ୍ରିରଙ୍ଗା ଅଭିଯାନର ଶୁଭାରମ୍ଭ ଅବସରରେ କାନ୍‌ଭାସ୍‌ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ଜୟହିନ୍ଦ୍' ଲେଖିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା 'ବନ୍ଦେ ମାତରମ୍' ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ 'ଭାରତ ମାତାକି ଜୟ' ଲେଖିଥିଲେ। ଏଥିସହିତ ସେମାନେ ଜାତୀୟ ପତାକା ଧରି ଲହରାଇଥିଲେ।

## ପୁଲିସ-ନକ୍ସଲ...

ଘଟଣାସ୍ଥଳରୁ ପୁଲିସ ମାଓ ସାମଗ୍ରୀ ମଧ୍ୟ ଜବତ କରିଛି । ସୁରକ୍ଷାକର୍ମୀଙ୍କର କୌଣସି କ୍ଷୟକ୍ଷତି ହୋଇନଥିବା ପୁଲିସ କହିଛି।

## ଆଇଆଇଟି ମାଡ୍ରାସ ...

ଥର ପାଇଁ ଜାମିଆ ମିଲିଆ ଇସ୍‌ଲାମିଆ ରହିଛି। ଜାମିଆ ହାମଦର ଫାର୍ମାସୀ ପାଇଁ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଛି । ବିଶ୍ୱବିଦ୍ୟାଳୟ ବର୍ଗରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ୧ନଂରେ ଥିବା ବେଳେ ଜେଏନୟୁ ୨ନଂରେ ରହିଛି। ଆଇଆଇଏମ ଅହମଦାବାଦ ଦେଶର ଶ୍ରେଷ୍ଠ ବିଜନେସ ସ୍କୁଲ ମାନ୍ୟତା ପାଇଥିବା ବେଳେ ମ୍ୟାନେଜମେଣ୍ଟ କୋର୍ସର ଟପ ୧୦ରେ ଦୁଇଟି ଆଇଆଇଟି (ଦିଲ୍ଲୀ ଓ ବମ୍ବେ) ରହିଛନ୍ତି। ଦିଲ୍ଲୀ ଏମ୍ସ ଦେଶର ଶ୍ରେଷ୍ଠ ମେଡିକାଲ ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ଆଇଆଇଟି ରରକୀ ଆର୍କିଟେକର ର୍‍ୟାଙ୍କିଂର ୧ନଂ ସ୍ଥାନରେ ରହିଛି । ଦେଶର ଶ୍ରେଷ୍ଠ କଲେଜ ମାନ୍ୟତା ଦିଲ୍ଲୀରେ ଥିବା ହିନ୍ଦୁ କଲେଜ ପାଇଛି।

## ଅୟସ କରୁଥିଲେ...

ତାରା ପ୍ରସାଦ ମିଶ୍ରଙ୍କ ନାଁରେ ରାଜଧାନୀ ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ରହିଛି ୧୦ଟି ଫ୍ଲାଟ୍ । ଏହାଛଡ଼ା ପ୍ଲଟ ମଧ୍ୟ ରହିଛି । ପ୍ଲଟ ଗୁଡ଼ିକ ଭୁବନେଶ୍ୱର, କଟକ ଓ ଜଟଣୀରେ ରହିଛି। ତାଙ୍କ ଘରୁ ୨.୭ କୋଟି ଟଙ୍କାର ବ୍ୟାଙ୍କ ଜମା, ୧.୫ କେଜି ସୁନା, ନଗଦ ୬ ଲକ୍ଷ ଟଙ୍କା, ଗୋଟିଏ ମରସିଡିଜ ବେଞ୍ଜ କାର, ଗୋଟିଏ କିଆ କାର ଓ ଗୋଟିଏ ଦାମୀ ଘଣ୍ଟା ଜବତ ହୋଇଛି । ଯେଉଁ ଘଣ୍ଟାର ଦାମ ୧୩ ଲକ୍ଷ ଟଙ୍କା ରହିଛି । ଏହାଛଡା ବହୁ ବିଦେଶୀ ମୁଦ୍ରା (ୟୁଏସ୍‌ଏ, ଥାଇଲାଣ୍ଡ, ଭିଏତ୍‌ନାମ, ୟୁଏଇ, କାନାଡା, ମେକ୍ସିକୋ,ମାଲେସିଆ ଓ ସିଙ୍ଗାପୁର) ମଧ୍ୟ ଜବତ କରିଛି ଭିଜିଲାନ୍ସ। ଏଥିରୁ ଜଣାପଡୁଛି ଶ୍ରୀ ମିଶ୍ର ନିୟମିତ ବିଦେଶ ଗସ୍ତ କରୁଥିଲେ ।ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଶ୍ରୀ ମିଶ୍ରଙ୍କ ଘରୁ ବହୁ ହୀରା ଅଳଙ୍କାର ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ କୋଟି କୋଟି ଟଙ୍କା ହେବ। ସବୁଠାରୁ ମଜାଦାର କଥା ହେଉଛି ଶ୍ରୀ ମିଶ୍ର ନିଜ ଘରକୁ ଆଲିସାନ ମହଲ ପରି ସଜାଇଛନ୍ତି। ଘରର ସାଜସାଜା ଦେଖିଲେ ଆଖି ଲାଗିଯିବ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ୯ଟି ଟିମ ସୋମବାର ସକାଳେ ଶ୍ରୀ ମିଶ୍ରଙ୍କ ପୈତୃକ ଘର ସମେତ ଭୁବନେଶ୍ୱର, କଟକ, ଝାରସୁଗୁଡ଼ାର ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଥିଲା । ଭୁବନେଶ୍ୱର ନୟାପଲ୍ଲୀର ଅର୍ପଣ ଆପାର୍ଟମେଣ୍ଟରେ ଥିବା ଘର, ଖଣ୍ଡଗିରି କସମୋପଲିସରେ ଥିବା ଫ୍ଲାଟ୍, ଝାରସୁଗୁଡା ଆସିଆନା ଆପାର୍ଟମେଣ୍ଟରେ ଥିବା ୩ଟି ଫ୍ଲାଟ୍, କଟକ ଆଠଗଡ଼ରେ ଥିବା ପୈତୃକ ଘର ଓ ତିଗିରିଆରେ ରହୁଥିବା ସମ୍ପର୍କୀୟଙ୍କ ଘରେ ଚଢ଼ଉ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ...

ନିର୍ମାଣ ସମୀକ୍ଷା ବୈଠକରେ ଯୋଗଦେବେ। ଏହାଛଡା ନୂଆଦିଲ୍ଲୀରେ ଭାରତ ମଣ୍ଡପମରେ ଆୟୋଜିତ ହେବାକୁ ଥିବା ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଓ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

## ବିପର୍ଯ୍ୟୟ ଦୃଶ୍ୟ...

ଏହା ଦର୍ଶକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ଆତଙ୍କ ସୃଷ୍ଟି କରିଥାଏ। ଦର୍ଶକଙ୍କ ମଧ୍ୟରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ଏଡାଇବା ପାଇଁ ସମସ୍ତ ଉପଗ୍ରହ ନ୍ୟୁଜ ଚ୍ୟାନେଲଗୁଡ଼ିକୁ କୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଦୁର୍ଘଟଣାର ଟେଲି ପ୍ରସାରଣ ସମୟରେ ସମୟ, ସ୍ଥାନ ଏବଂ ତାରିଖ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ଆଡଭାଇଜରୀରେ କୁହାଯାଇଛି। ଏହି ସୂଚନା ଦୃଶ୍ୟ ଉପରେ ପ୍ରଦର୍ଶିତ ହେବା ଉଚିତ୍ । ଏହାର ସଠିକ ତାରିଖ ଏବଂ ସମୟର ସୂଚନା ଦର୍ଶକଙ୍କ ନିକଟରେ ପହଞ୍ଚିବା ନିଶ୍ଚିତ କରିବ। ଏହାସହ ଦର୍ଶକମାନେ ପ୍ରକୃତ ପରିସ୍ଥିତି ବିଷୟରେ ସୂଚନା ପାଇବାରେ ସକ୍ଷମ ହେବେ ବୋଲି ସରକାର କହିଛନ୍ତି।ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ କଡା ନିର୍ଦ୍ଦେଶ ଦେଇଛନ୍ତି ଘରୋଇ ନ୍ୟୁଜ ଚ୍ୟାନେଲଗୁଡ଼ିକ ଏହିପରି ଇଭେଣ୍ଟଗୁଡ଼ିକ ଟେଲି ପ୍ରସାରଣ କରିବା ସମୟରେ ପ୍ରୋଗ୍ରାମ କୋଡ ଅନୁସରଣ କରିବାକୁ ପଡିବ । ନିକଟରେ କେରଳର ୱାୟନାଡ଼ ଏବଂ ହିମାଚଳ ପ୍ରଦେଶରେ ହୋଇଥିବା ବିପର୍ଯ୍ୟୟର ଦୃଶ୍ୟ ଅନେକ ନ୍ୟୁଜ ଚ୍ୟାନେଲ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏଭଳି ବିପର୍ଯ୍ୟୟର ବ୍ୟାପକ ପ୍ରସାରଣକୁ ଦୃଷ୍ଟିରେ ରଖି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ଆଡଭାଇଜରୀ ଜାରି କରାଯାଇଛି।

## ହିନ୍ଦୁମାନେ ଜନ୍ମମାଟି ...

ଛାତ୍ରମାନେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ବିରୋଧ କରିବା ଆରମ୍ଭ କରିଛନ୍ତି। ଏହା ପୂର୍ବରୁ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସ ସମସ୍ତ ଛାତ୍ରଙ୍କୁ ଶାନ୍ତି ପାଇଁ ଅପିଲ କରିଥିଲେ। ମହମ୍ମଦ ୟୁନୁସ ବାଂଲାଦେଶୀ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ପଚାରିଥିଲେ ଯେ ସଂଖ୍ୟାଲଘୁ ଏବଂ ହିନ୍ଦୁ ଆମ ଦେଶର ବାସିନ୍ଦା ନୁହଁନ୍ତି କି ? ଆପଣ ଏହି ଦେଶକୁ ସୁରକ୍ଷା ଦେଇଛନ୍ତି । ତେଣୁ ଆପଣ ସେହି ପରିବାରଗୁଡିକର ସୁରକ୍ଷା କାହିଁକି କରିପାରିବେ ନାହିଁ? ହିନ୍ଦୁମାନେ ଆମର ଭାଇ। ସେମାନେ ବାଂଲାଦେଶର ନାଗରିକ। ଆମେ ଏକାଠି ଲଢ଼ିଛେ ଏବଂ ଏକାଠି ରହିବା। ହିନ୍ଦୁମାନଙ୍କ ସମେତ ବହୁ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟ ବାଂଲାଦେଶରେ ଚାଲିଥିବା ହିଂସାତ୍ମକ କାର୍ଯ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ହିନ୍ଦୁମାନେ ଏକାଠି ବିଭିନ୍ନ ରାଲିର ଆୟୋଜନ କରିଛନ୍ତି । ସେମାନେ କହିଛନ୍ତି ବାଂଲାଦେଶ ଆମର ଜନ୍ମମାଟି। ବାଂଲାଦେଶ ଆମର ମାତୃଭୂମି ଏବଂ ଆମେ ଏହାକୁ କେବେ ବି ଛାଡିବୁ ନାହିଁ । ଏହି ରାଲିରେ ବାଂଲାଦେଶୀ ହିନ୍ଦୁ ସମାଜକୁ ସୁରକ୍ଷା ଦେବା ଭଳି ସ୍ଲୋଗାନ ମଧ୍ୟ ଶୁଣିବାକୁ ମିଳୁଛି । ଅନେକ ଲୋକ ଜୟ ଶ୍ରୀରାମ ସ୍ଲୋଗାନ ମଧ୍ୟ ଦେଉଥିବାର ନଜର ଆସିଛନ୍ତି । ମନ୍ଦିର ଭାଙ୍ଗିବା ଏବଂ ଝିଅମାନଙ୍କୁ ଟାର୍ଗେଟ କରାଯାଉଥିବାରୁ ବାଂଲାଦେଶୀ ହିନ୍ଦୁମାନେ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ବାଂଲାଦେଶରେ ୧୦୦ରୁ ଅଧିକ ହିନ୍ଦୁ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ମୃତ୍ୟୁ ଖବର ସାମ୍ନାକୁ ଆସିଛି । ଏ ସମ୍ପର୍କରେ ସାରା ବିଶ୍ୱରେ ବିରୋଧ ପ୍ରଦର୍ଶନ କରାଯାଉଛି। ଆମେରିକାରରେ ମଧ୍ୟ ଏନେଇ ପ୍ରଦର୍ଶନ କରାଯାଉଛି। ରବିବାର ସକାଳେ ହ୍ୟୁଷ୍ଟନର ସୁଗାର ଲ୍ୟାଣ୍ଡ ସିଟି ହଲରେ ପ୍ରାୟ ୩୦୦ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭକାରୀଙ୍କ ମଧ୍ୟରେ ଭାରତୀୟ ମୂଳ ଆମେରିକୀୟ ଏବଂ ବାଂଲାଦେଶୀ ନାଗରିକମାନେ ସାମିଲ ହୋଇଥିଲେ। ସମସ୍ତେ ଆମେରିକା ସରକାରଙ୍କ ଠାରୁ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି । ବାଂଲାଦେଶୀ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ଆମେରିକା ସରକାର ଠୋସ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଭାଇ-ଭଉଣୀଙ୍କ ...

ଆସିଥାଏ, ଥରେ ସେହି ଲିଙ୍କରେ କ୍ଲିକ କଲେ, ଫୋନ ହ୍ୟାକ ହୋଇପାରେ । ସେହିପରି ଆଉ କିଛି ସାଇବର ଠକ ମେସେଜ କରି ଡେଲିଭରି ଚାର୍ଜ ଦେବାକୁ କହୁଛନ୍ତି। ଡେଲିଭରି ଚାର୍ଜ ଅଳ୍ପ ଦେଖି ଲୋକମାନେ ଏହାକୁ ସହଜରେ ଦିଅନ୍ତି । ତେବେ ଏଥିଯୋଗୁ ଦେୟ ବାବଦରେ ତଥ୍ୟ ସ୍କାମରମାନଙ୍କ ହାତକୁ ଚାଲିଯାଏ ଏବଂ ସେମାନେ ଦେୟ ପଠାଇଥିବା ବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା ଚୋରି କରନ୍ତି । ସାଇବର ସୁରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ ଏହି ପ୍ରକାର ଘୋଟାଲାକୁ ଏଡାଇବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇପାରେ । କୌଣସି ଅଜ୍ଞାତ ବାର୍ତ୍ତା କିମ୍ବା ଇମେଲକୁ ତୁରନ୍ତ ବିଶ୍ୱାସ ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଅଜ୍ଞାତ ଲିଙ୍କରେ କ୍ଲିକ କରିବା ଠାରୁ ଦୂରେଇ ରହିବା ସହିତ ବ୍ୟକ୍ତିଗତ ସୂଚନା ନଦେବା ପାଇଁ କିମ୍ବା ଅଜ୍ଞାତ ସାଇଟରେ ଦେୟ ନଦେବାକୁ ପରାମର୍ଶ ଦିଆଯାଇଛି । ପାର୍ସଲ ବିଷୟରେ ଯାଞ୍ଚ କରିବାକୁ ନିଜକୁ କିମ୍ବା ସମ୍ପର୍କୀୟଙ୍କୁ ପଠାଇ ଇଣ୍ଡିଆ ପୋଷ୍ଟ ସହିତ ଯୋଗାଯୋଗ କରିବା କୌଣସି ଅପରିଚିତ ବ୍ୟକ୍ତିଙ୍କ ସହିତ ଓଟିପି, ପିନ ନମ୍ବର ସେୟାର ନକରିବାକୁ ମଧ୍ୟ କୁହାଯାଇଛି। କୌଣସି ସାଇବର ଠକେଇ ବାବଦରେ ସୂଚନା ମଳିବା ମାତ୍ରେ ତୁରନ୍ତ ୧୯୩୦ କିମ୍ବା ସାଇବର କ୍ରାଇମ.ଗଭ.ଇନକୁ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି।

# ବିଜେଡି ସଭାପତିଙ୍କୁ ଭେଟିଲେ ପୁରୀ ଭଦ୍ରକ ଓ ନବରଙ୍ଗପୁରର ପଞ୍ଚାୟତ ଏବଂ ବ୍ଲକ ପ୍ରତିନିଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଜି ନବୀନ ନିବାସ ରେ ପୁରୀ, ଓ ନବରଙ୍ଗପୁର ର ବ୍ଲକ ଓ ପଂଚାୟତ ପ୍ରତିନିଧି ତଥା ଭଦ୍ରକର ପୌର ପରିଷଦ ର ସଭ୍ୟ ମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କ ରେ ବିଜୁ ଜନତା ଦଳ ର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ବିଜୁ ଜନତା ଦଳ କୁ ତୃଣମୂଳ ସ୍ତରରେ ମଜବୁତ କରିବା ପାଇଁ ସେମାନେ କାମ ଜାରି ରଖିବେ ବୋଲି ସଭାପତିଙ୍କୁ ଜଣାଇଥିଲେ। ଲୋକଙ୍କ ସାଥିରେ ରହି ଦଳର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରତିନିଧି ଦଳରେ



ପୁରୀ ବିଧାୟକ ସୁନୀଲ ମହାନ୍ତି କାକଟପୁର ବିଧାୟକ ଶ୍ରୀ ତୁଷାରକାନ୍ତି ବେହେରା, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲ ସଞ୍ଜୟ ଦାସବର୍ମା, ରମେଶ ମାଝୀ, ପୂର୍ବତନ ସାଂସଦ ଶ୍ରୀ ଝିନ ହିକକା, ଓ ଶ୍ରୀମତୀ ମଞ୍ଜୁଳତା ମଣ୍ଡଳ ପୂର୍ବତନ ବିଧାୟକ ଶ୍ରୀ ଉମା ସାମନ୍ତରାୟ ଶ୍ରୀ ରୁଦ୍ର ମହାରଥୀ ଶ୍ରୀ ମୁକ୍ତିକାନ୍ତ ମଣ୍ଡଳ ଭଦ୍ରକ ରେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ଜଗନ୍ନାଥ ସ୍ୱାଇଁ ନିମାପଡା ର ବିଧାୟକ ପ୍ରାର୍ଥୀ ଶ୍ରୀ ଦିଲିପ ନାୟକ ପ୍ରମୁଖ ବିଭିନ୍ନ ବ୍ଲକ ଅଧକ୍ଷ ଉପାଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଭ୍ୟ ମାନେ ସଭାପତି ଙ୍କୁ ଭେଟି ଆଲୋଚନା କରିଥିଲେ। ସେହିପରି ବିଂଝାରପୁର ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ ଙ୍କ ନେତୃତ୍ୱରେ ବିଂଝାରପୁର ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟ ର ନେତା ମାନେ ମଧ୍ୟ ଶ୍ରୀ ପଟ୍ଟନାୟକ ଙ୍କୁ ଭେଟି ୱକ୍‌ଫ ଭକ୍ଟବକ୍ସ ସଂଶୋଧନ ବିଲ ସମ୍ପର୍କ ରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ.ସଂଖ୍ୟାଲଘୁ ସମ୍ପ୍ରଦାୟ ର ସ୍ୱାର୍ଥ ର ସୁରକ୍ଷା ପାଇଁ ବିଜେଡି ଲଢେଇ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

# ବିଡିହୋତ୍ର ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବିଡିହୋତ୍ର ମହାନ୍ତିଙ୍କର ପରଲୋକ ହୋଇଛି । ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଛି। ପୂର୍ବତନ ଜେଲ୍ ବିଭାଗ ଡିଜି ବିଦ୍ୟାଭୂଷଣ ମହାନ୍ତିଙ୍କ ପୁଅ ବିତିହୋତ୍ର ଦୀର୍ଘ ଦିନ ହେଲା ପାକସ୍ଥଳୀ କ୍ୟାନସରରେ ପୀଡ଼ିତ ଥିଲେ। ପ୍ରଥମେ କଟକ ଆଚାର୍ଯ୍ୟ ହରିହର ମେଡିକାଲରେ ସେ ଚିକିତ୍ସିତ ହେଉଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ଗତ ଦେଢ ମାସ ହେବ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସରେ ଡାକ୍ତରଙ୍କ ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ଗତ ରାତିରେ ଆଖି ବୁଜିଛନ୍ତି ବିତିହୋତ୍ର ମହାନ୍ତି । ୨୦୦୬ରେ ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ ବିତିହୋତ୍ର । ବିତିଙ୍କ ନାଁରେ ଜର୍ମାନ ସହପାଠୀ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ ଆସିଥିଲା । ରାଜସ୍ଥାନ ଅଲୱାରକୁ ବୁଲିବାକୁ ଯାଇଥିବା ବେଳେ ଦୁଷ୍କର୍ମ ଅଭିଯୋଗ ଥିଲା । ଘଟଣାକୁ ନେଇ ବିତିଙ୍କୁ ଗିରଫ କରିଥିଲା ରାଜସ୍ଥାନ ପୁଲିସ । ଶୁଣାଣିର ମାତ୍ର ୯ ଦିନ ପରେ ବିତିହୋତ୍ରଙ୍କୁ ଦଣ୍ଡାଦେଶ ହୋଇଥିଲା । ବିତିହୋତ୍ରଙ୍କୁ ୭ ବର୍ଷ ଜେଲ୍ ସହ ୧୦ ହଜାର ଟଙ୍କା ଜରିମାନା କରିଥିଲେ କୋର୍ଟ। ଜେଲ୍‌ରେ ଥିବା ବେଳେ ମା'ଙ୍କ ଦେହ ଖରାପ ଦର୍ଶାଇ ପାରୋଲରେ ଆସିଥିଲେ ବିତିହୋତ୍ର । ଏହାପରେ ସେ ଆଉ ଜେଲ୍‌କୁ ଫେରି ନ ଥିବା ବେଳେ ଫେରାର ହୋଇ ଯାଇଥିଲେ। ଫେରାର ହେବା ସମୟ ମଧ୍ୟରେ ସେ ନିଜ ନାଁ ରାଘବ ରାଜନକୁ ବଦଳାଇ କେରଳର ଏକ ବ୍ୟାଙ୍କରେ ଚାକିରି କରିଥିଲେ । ଏହାପରେ ୨୦୧୩ ମସିହାରେ ଧରାପଡ଼ିବା ପରେ ପୂର୍ବ ମାମଲା ସହ ଫେରାର ଘଟଣାରେ ଜେଲ୍ ଯାଇଥିଲେ । ପରେ କ୍ୟାନ୍‌ସର ଆକ୍ରାନ୍ତ ହେବାରୁ ଆଗୁଆ ମୁକ୍ତି ଆବେଦନ କରିଥିଲେ। ୫ ବର୍ଷ ଜେଲ୍‌ରେ ରହିସାରିଥିବାରୁ ସୁପ୍ରିମକୋର୍ଟରେ ମୁକ୍ତି ଆବେଦନ କରିଥିଲେ । ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ସୁପ୍ରିମକୋର୍ଟ ତାଙ୍କ ମୁକ୍ତି ଆବେଦନ ଖାରଜ କରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେ ଜେଲ୍‌ରୁ ବାହାରି ଦୀର୍ଘ ଦିନ ହେଲା ଚିକିତ୍ସାଧୀନ ଥିଲେ। ଏହାପରେ ଦୀର୍ଘ ଦିନ ହେଲା ସେ ଚିକିତ୍ସିତ ଥିବା ବେଳେ ରବିବାର ରାତିରେ ସେ ଆଖି ବୁଜିଛନ୍ତି।

# କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ରୋଗୀଙ୍କୁ ଦୁର୍ବ୍ୟବହାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ମଦପିଇ ଜଣେ କର୍ମଚାରୀ ରୋଗୀଙ୍କ ପ୍ରତି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏହି ନିଶାସକ୍ତ କର୍ମଚାରୀଙ୍କ ଭିଡିଓ ଘୂରିବୁଲୁଛି। ଏହା ସହ କର୍ମଚାରୀଙ୍କ ବ୍ୟାଗରୁ ଗୋଟିଏ ମଦ ବୋତଲ ବାହାରିଛି। ହସ୍ପିଟାଲ୍‌ରେ ସୁଜାତା ପ୍ରଧାନ ନାମକ ଜଣେ ରୋଗୀ ରକ୍ତ ପରୀକ୍ଷା ରିପୋର୍ଟ ନେବାକୁ ଆସିଥିଲେ। ମହିଳା ଜଣକ କର୍ମଚାରୀଜଣଙ୍କୁ ତାଙ୍କ ରିପୋର୍ଟ ମାଗିବାରୁ ସେ ରିପୋର୍ଟ ଦେବା ପରିବର୍ତ୍ତେ ତାଙ୍କୁ ଧମକ ଦେଇ ରକ୍ତ ପରୀକ୍ଷାର ରିପୋର୍ଟକୁ ଫୋପାଡ଼ିଦେଲେ ବୋଲି ସୁଜାତା ଅଭିଯୋଗ କରିଛନ୍ତି। ଏ ବାବଦରେ ହସ୍ପିଟାଲ୍ ନିର୍ଦ୍ଦେଶକ ଡ. ଦିଲ୍ଲୀପ କୁମାର ପଣ୍ଡା କହିଛନ୍ତି ଯେ ହସ୍‌ପିଟାଲ୍‌ରେ ମଦ୍ୟପାନ କରିବା କଥା ନୁହେଁ, ତା' ସହ ରୋଗୀଙ୍କୁ ଦୁର୍ବ୍ୟବହାର ଆଦୌ କରିବା ଉଚିତ ନୁହେଁ । ଏହି ଘଟଣା ବିଷୟରେ ଅବଗତ ନାହିଁ । ଘଟଣା ସମ୍ପର୍କରେ ଯାଞ୍ଚ କରାଯିବ। ଅଭିଯୋଗର ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଯୁବତୀଙ୍କ ବେକରୁ ସୁନା ଚେନ୍ ଲୁଟ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁଣି ରାଜଧାନୀରେ ମାତିଲେ ସୁନା ଚେନ ଲୁଟେରା । ଜଣେ ଯୁବତୀଙ୍କ ବେକରୁ ସୁନା ଚେନ ଲୁଟି ନେଲେ। ତେବେ ସବୁଥର ଭଳି ବାଇକ୍‌ରେ ନୁହଁ ବରଂ ଚାଲି ଚାଲି ଆସି ଲୁଟ୍ କରିଛନ୍ତି ଏହି ଦୁର୍ବୃତ୍ତ। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ସନ୍ତୋଷିନୀ ଦାଶ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ, ରସୁଲଗଡ଼ ଜିଜିପି କଲୋନୀର ସନ୍ତୋଷିନୀ ଚାଲି ଚାଲି ଘରକୁ ଫେରୁଥିଲେ। ସେହି ସମୟରେ ହାଫ୍ ପ୍ୟାଣ୍ଟ ପିନ୍ଧା ଜଣେ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲା। ଅନ୍ଧାରର ସୁଯୋଗ ନେଇ ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇ ଦୌଡ଼ି ପଳାଇଥିଲା। ଲୁଟ୍ ହୋଇଥିବା ସୁନା ଚେନଟି ପ୍ରାୟ ୧୦ ଗ୍ରାମ ଓଜନର ହୋଇଥିବା ବେଳେ ସେଥିରେ ୨ ଗ୍ରାମ ଓଜନର ଲକେଟ୍ ଲାଗିଥିଲା। ଏନେଇ ସନ୍ତୋଷିନୀ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି।

# ଆଇଏସ୍‌ଆଇର ପୂର୍ବତନ ମୁଖ୍ୟଙ୍କୁ ଗିରଫ କଲା ପାକିସ୍ତାନ ସେନା

**ଇସ୍‌ଲାମାବାଦ୍,**

ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇର ପୂର୍ବତନ ମୁଖ୍ୟ ଫୈଜ ହମୀଦ ଗିରଫ। ଆଜି ତାଙ୍କୁ ପାକିସ୍ତାନ ସେନା ଗିରଫ କରିଛି। ଗିରଫ ପରେ ତାଙ୍କ ବିରୋଧରେ କୋର୍ଟ ମାର୍ଶଲ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ଆଇଏସପିଆର କହିଛି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ ସେନା ପକ୍ଷରୁ କୋର୍ଟ ଅଫ ଇନକ୍ୱାରୀ କରାଯାଇଥିଲା। ଏହାପରେ ଲେଫ୍ଟନାଣ୍ଟ ଜେନେରା(ଅବସରପ୍ରାପ୍ତ) ଫୈଜ ଅହମଦଙ୍କ ବିରୋଧରେ ଆସିଥିବା ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିଥିଲା। ଏଥିପାଇଁ ତାଙ୍କୁ ପାକିସ୍ତାନ ସେନା ଗିରଫ କରିଛି। ତାଙ୍କ ବିରୋଧରେ ପାକିସ୍ତାନ ସେନା ଆଇନ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବତନ ଜେନେରାଲ ଅବସର ପରେ ଏକାଧିକ ଥର ପାକିସ୍ତାନ ଆର୍ମି ଆକ୍ଟର ଉଲ୍ଲଙ୍ଘନ କରିଥିଲେ। ଏଥିପାଇଁ ତାଙ୍କ ବିରୋଧରେ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ସବୁ କିଛିର ପ୍ରମାଣ ମିଳିଛି। ସେ ପେଶାୱର କ୍ରପ୍ସ କମାଣ୍ଡର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ତାଙ୍କ ବିରୋଧରେ ଫିଲ୍ଡ ଜେନେଲ କୋର୍ଟ ଅଫ ମାର୍ଶଲ ପ୍ରକ୍ରିୟା ଆରମ୍ଭ କରାଯାଇଛି ଓ ତାଙ୍କୁ ସେନା ବାହିନୀ ନିଜ ହେପାଜତକୁ ନେଇଥିବା ଆଇଏସପିଆର କହିଛି। ଟପ ସିଟି ପକ୍ଷରୁ ମଧ୍ୟ ଫୈଜଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଅଣାଯାଇଥିଲା। ଟପ ସିଟି ହେଉଛି ପାକିସ୍ତାନର ଗୋଟିଏ ଘରୋଇ ହାଉସିଂ ସ୍କିମ। ସଂସ୍ଥା ଅଭିଯୋଗ କରିଥିଲା ଯେ ଫୈଜ ପୂର୍ବାଗ୍ରହ ରଖି ଏହାର ଅଫିସ ଓ ମାଲିକ ମୋଇଜ ଖାନଙ୍କ ବାସଭବନରେ ରେଡ କରିଥିଲେ। ନିଜ କ୍ଷମତାର ଅପବ୍ୟବହାର ମଧ୍ୟ କରିଥିଲେ। ଅଭିଯୋଗ ପରେ ପାକିସ୍ତାନ ସେନା ପକ୍ଷରୁ ଏପ୍ରିଲ ମାସରେ ଗୋଟିଏ ତଦନ୍ତ କମିଟି ଗଠନ କରାଯାଇଥିଲା।

ଭୁବନେଶ୍ୱର
୧୩ ଅଗଷ୍ଟ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଶ୍ରାବଣର ୪ର୍ଥ ସୋମବାର : ଲିଙ୍ଗରାଜ ମନ୍ଦିରରେ କାଉଡିଆଙ୍କ ଭିଡ



**ଭୁବନେଶ୍ୱର, ୧୨/୮ ନ୍ୟୁଜ ବ୍ୟୁରୋ**

ଶ୍ରାବଣର ଚତୁର୍ଥ ପାଳି ସୋମବାରରେ ଜଳଲାଗି ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିରରେ ଲାଗିଥିଲା କାଉଡ଼ିଆଙ୍କ ଭିଡ । କାହିଁ କେଉଁ ଦୂର ଦୂରାନ୍ତରୁ କାନ୍ଧରେ ବାହୁଙ୍ଗିରେ ପାଣି ଭାର ନେଇ ଚାଲିଚାଲି ଆସି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପାଣି ଢାଳିଛନ୍ତି କାଉଡ଼ିଆ । ଅନ୍ୟ ରାଜ୍ୟ ସମେତ ରାଜ୍ୟ କୋଣ ଅନୁକୋଣରୁ କାଉଡିଆ ଆସି ଶ୍ରୀଲିଙ୍ଗରାଜ ମନ୍ଦିରରେ ଜଳଲାଗି କରିଥିବା ଦେଖିବାକୁ ମିଳିଛି । ହାତରେ ଜଳଭରା କଳସ ଧରି ଘଣ୍ଟା ଘଣ୍ଟା ଛିଡା ହୋଇ ଶୃଙ୍ଖଳିତ ଢଙ୍ଗରେ ଧାଡିରେ ଯାଇ ଜଳଲାଗି କରିଛନ୍ତି । ଏହି ସମୟରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରି ଜଳଲାଗି କରିଦେଲେ ସବୁ କଷ୍ଟ ଲାଘବ ହୋଇଯିବ ବୋଲି କହିଛନ୍ତି କାଉଡିଆ । ତେବେ ଯେଉଁ ମାନସିକଧାରୀମାନେ ଜଳଲାଗି କରିବାକୁ ଆସିଛନ୍ତି ସେମାନେ କଷ୍ଟ ଲାଘବ ପାଇଁ ପ୍ରଭୁଙ୍କ ନାମ ନେଉଥିବା ବେଳେ ଶିବ ନାମରେ ପ୍ରକମ୍ପିତ ହୋଇଥିଲା ପୁରା ପରିବେଶ । ଛୋଟ ଛୋଟ ଛୁଆମାନେ ବି ପ୍ରଭୁଙ୍କ ପ୍ରତି ଥିବା ଶ୍ରଦ୍ଧାର ସହ ପାଣି ଢ଼ାଳିଛନ୍ତି । ପ୍ରତିଟି ଭକ୍ତ ସୋମବାରରେ ଶିବଙ୍କ ଦର୍ଶନ କରି ଖୁସିବ୍ୟକ୍ତ କରିଛନ୍ତି ।

## ନାଲ୍‌କୋର ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ

# ୭୨ ପ୍ରତିଶତ ଅଭିବୃଦ୍ଧି ସହ ୬୦୧ କୋଟି ଟଙ୍କାର ନିଟ୍ ଲାଭ



**ଭୁବନେଶ୍ୱର, ୧୨/୮ ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ କମ୍ପାନୀ ତଥା ଦେଶର ଅନ୍ୟତମ ଅଗ୍ରଣୀ ଆଲୁମିନା ଓ ଆଲୁମିନିୟମ ଉତ୍ପାଦନକାରୀ ଏବଂ ରପ୍ତାନୀକାରୀ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ୨୦୨୪–୨୫ ଆର୍ଥିକ ବର୍ଷରେ ଅର୍ଥାତ୍ ଜୁନ ୩୦ ତାରିଖ ସୁଦ୍ଧା କମ୍ପାନୀ ମୋଟ ୨୮୫୬ କୋଟି ଟଙ୍କାର ବ୍ୟବସାୟ କରିବା ସହ ନିଟ୍ ୬୦୧ କୋଟି ଟଙ୍କା ଲାଭ କରିଛି । ଏହି ଲାଭ ପରିମାଣ ଗତ ଆର୍ଥିକ ବର୍ଷରେ ଏହି ସମୟରେ କରିଥିବା ଲାଭ ୩୪୯ କୋଟି ଟଙ୍କା ଠାରୁ ୭୨% ଅଧିକ। ସୋମବାର ଭୁବନେଶ୍ୱରରେ ଅନୁଷ୍ଠିତ ବୋର୍ଡସ୍ତରୀୟ ବୈଠକରେ ଏହି ଫଳାଫଳ ଘୋଷଣା କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ନାଲ୍‌କୋ ୨୦୨୪–୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟବସାୟିକ ଏବଂ ଆର୍ଥିକ କ୍ଷେତ୍ରରେ ସୁପରିଚାଳନା ଯୋଗୁଁ ଉତ୍କୃଷ୍ଟ ଫଳାଫଳ ହାସଲ କରିଅଛି । ଆନ୍ତର୍ଜାତିକ ବଜାରରେ ମେଟାଲ ଦରରେ ଉନ୍ନତି, ଘରୋଇ ବଜାରର ସକାରାତ୍ମକ ବ୍ୟବସାୟିକ ପରିବେଶ ତଥା ଉତ୍ପାଦନ କ୍ଷେତ୍ରରେ ଆର୍ଥିକ ସୁପରିଚାଳନା ଯୋଗୁଁ ଚଳିତ ତ୍ରୈମାସିକରେ କମ୍ପାନୀ ଉଲ୍ଲେଖନୀୟ ଫଳାଫଳ ହାସଲ କରିପାରିଛି । ପ୍ରଥମ ତ୍ରୈମାସିକରେ କମ୍ପାନୀର ସଫଳତାକୁ ପ୍ରଶଂସା କରିବା ସହ ନାଲ୍‌କୋ ସିଏମଡି ଶ୍ରୀଧର ପାତ୍ର କହିଛନ୍ତି ଯେ, ଉତ୍ପାଦନ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ନିମନ୍ତେ କମ୍ପାନୀର ପ୍ରତିବଦ୍ଧତା, ଉତ୍କଳ-ଡି କୋଇଲା ଖଣି ମାଧ୍ୟମରେ ପାୱାର ପ୍ଲାଣ୍ଟ ନିମନ୍ତେ ନିଜସ୍ୱ ଆଭ୍ୟନ୍ତରୀଣ କୋଇଲା ଉତ୍ସର ବ୍ୟବସ୍ଥା ଏହି ସଫଳତାର ମୁଖ୍ୟ ଆଧାର ଅଟେ । ଉଲ୍ଲେଖଯୋଗ୍ୟ ଯେ, ବ୍ୟବସାୟ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ସହ ଆଲୁମିନିୟମ୍ ଏବଂ ଆଲୁମିନା ମୂଲ୍ୟ ଶୃଙ୍ଖଳାରେ କ୍ରମାଗତ ଭାବେ ନାଲ୍‌କୋ ଦୃଢ ପ୍ରଦର୍ଶନ କରିଆସୁଛି । ଆର୍ଥିକ ବର୍ଷ ୨୦୨୩–୨୪ ନିମନ୍ତେ କମ୍ପାନୀ ଇକ୍ୱିଟି ସେୟାର ପିଛା ୨ ଟଙ୍କାର ଫାଇନାଲ ଡିଭିଡେଣ୍ଡ ମଧ୍ୟ ଘୋଷଣା କରିଛି ।



ଭୁବନେଶ୍ୱର : ସ୍ୱାଧୀନତା ଦିବସ ଉତ୍ସବ ପାଳନର ଅବ୍ୟବହିତ ପୂର୍ବରୁ ରାଜଧାନୀର ରାସ୍ତା ପାର୍ଶ୍ୱ ଅସ୍ଥାୟୀ ଦୋକାନ ଗୁଡିକରୁ ଜାତୀୟ ପତାକା କିଣିବାରେ ବ୍ୟସ୍ତ ସ୍କୁଲ ପିଲାମାନେ। (ଫଟୋ : ସମ୍ବାଦ କଳିକା)

# ଏଚ.ଆଇ.ଭି/ଏଡ୍‌ସ ନିରାକରଣ ପାଇଁ ଶୁଭାରମ୍ଭ ହେଲା ସ୍ୱତନ୍ତ୍ର ସଚେତନତା ଅଭିଯାନ



**ରାଉରକେଲା, ୧୨/୦୮ ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ "ଏଚ.ଆଇ.ଭି/ଏଡ୍‌ସ ଓ ଯୌନ ସଂକ୍ରମିତ ରୋଗ''ର ନିରାକରଣ ପାଇଁ ସୋମବାରଠାରୁ ଦେଶବ୍ୟାପୀ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି । ଏହି ଅଭିଯାନ ଦେଶର ୬୧ ହଜାର ଗାଁରେ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଏହି ଅଭିଯାନ ସୋମବାର ଓଡ଼ିଶାରେ ଶୁଭାରମ୍ଭ ହୋଇଛି । ରାଜ୍ୟର ୧୬୦୦ ଗାଁରେ ଏହି ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ସରକାରୀ ସ୍ୱୟଂଶାସିତ କଲେଜ, ପାନପୋଷରେ ରାଜ୍ୟସ୍ତରୀୟ ଏକ କାର୍ଯ୍ୟକ୍ରମରେ ଏହି ଅଭିଯାନର ଶୁଭାରମ୍ଭ କରି ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ମହାଲିଙ୍ଗ କହିଥିଲେ ଯେ ରାଜ୍ୟରେ ଏବେ ୬୦ ହଜାରରୁ ଉର୍ଦ୍ଧ୍ୱ ଏଚ୍‌ଆଇଭି ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପରିସଂଖ୍ୟାନ ଅନୁସାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଏଚ୍‌ଆଇଭି ସଂକ୍ରମିତ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖଲ୍ଲିକୋଟ ବ୍ଲକର ବଡ଼ପାଲ୍ଲୀ ଗ୍ରାମ ପଞ୍ଚାୟତରେ ବ୍ୟାପକ ସଚେତନତା ଏବଂ ଏହାକୁ ଏଚ୍‌ଆଇଭି ମୁକ୍ତ ଘୋଷଣା କରିବାକୁ ପରୀକ୍ଷାମୂଳକ ଭାବେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ସେ କହିଥିଲେ ଯେ ଏବେ ଏଚ୍‌ଆଇଭି ସଂକ୍ରମଣ ଯୁବବର୍ଗଙ୍କୁ କବଳିତ କରିବାକୁ ଆରମ୍ଭ କଲାଣି। ତେଣୁ ଯୁବବର୍ଗ ସଚେତନ ହେଲେ "ଏଚ.ଆଇ.ଭି/ଏଡସ୍ ଓ ଯୌନ ସଂକ୍ରମିତ ରୋଗ''ର ନିରାକରଣ ସମ୍ଭବ ହୋଇପାରିବ । ସାମାଜିକ ଗଣମାଧ୍ୟମ ଜରିଆରେ ଏଚ୍‌ଆଇଭି ସମ୍ବନ୍ଧୀୟ ସଚେତନତାର ଛୋଟ ଛୋଟ ଭିଡ଼ିଓ ପୋଷ୍ଟ କରି ସଚେତନତାକୁ ବ୍ୟାପକ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ସୋମବାର ଏହି ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରି ସେ ଆହୁରି ମଧ୍ୟ କହିଥିଲେ ଯେ ଏହାର ପ୍ରଚାର ପ୍ରସାର ପାଇଁ ଜିଲାସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ, ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସଚେତନତା ଶିବିର ଏବଂ ଲୋକନୃତ୍ୟ ଆଦି କାର୍ଯ୍ୟକ୍ରମ ହେଉଛି । ଏ କ୍ଷେତ୍ରରେ ସର୍ବାଧିକପ୍ରବଣ ଭାବେ ପରିଗଣିତ ହେଉଥିବା ଯୁବବର୍ଗଙ୍କୁ ଶିକ୍ଷାନୁଷ୍ଠାନମାନଙ୍କରେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ନେଇ ନାଟକ, ଦୌଡକୁଦ, କୁଇଜ ଆଦି ପ୍ରତିଯୋଗୀତା ମାଧ୍ୟମରେ ସଚେତନ କରାଯାଉଛି । ଏହା ବ୍ୟତୀତ ଅଭିଯାନ ଅନ୍ତର୍ଗତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି- ଓସାକ୍ସ ମାଧ୍ୟମରେ କାର୍ଯ୍ୟକାରୀ ହୋଇଛି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତି, ଆର.ଏମ.ସି କମିଶନର ଡା.ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲାପାଳ ମନୋଜ ସତ୍ୟପାଳ ମହାଜନ, ପାନପୋଷ ସରକାରୀ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ଏବଂ ଅନ୍ୟ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଓସାକ୍ସ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ପ୍ରଭାତରୁ ସ୍ଥାନୀୟ ଆରଜିଏଚ ରାଉରକେଲାରୁ ରେଡ ରିବନ କ୍ଲବର ଛାତ୍ରଛାତ୍ରୀମାନେ ଗଣଦୌଡ଼ରେ ଆସି ସରକାରୀ ସ୍ୱୟଂଶାସିତ କଲେଜ, ପାନପୋଷରେ ପହଞ୍ଚିଥିଲେ । ଶେଷରେ ସିଡିଏମ ଓ ପିଏଚଓ ଡାକ୍ତର ପ୍ରଶାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଡ଼ି ଏସ ଅରବିନ୍ଦ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସୋମବାର ପ୍ରଭାତରୁ ଆରଜିଏଚ, ରାଉରକେଲାରୁ ଏକ ଗଣଦୌଡ଼ର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

# ଓଡ଼ିଶାର ଗର୍ବ ଓ ସ୍ୱାଭିମାନ 'କଳିଙ୍ଗ ପୁରସ୍କାର'କୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର !



**ଭୁବନେଶ୍ୱର, ୧୨/୮ ନ୍ୟୁଜ ବ୍ୟୁରୋ**

ପ୍ରଚଣ୍ଡ ଦେଶପ୍ରେମୀ ଜାତୀୟତାବାଦୀ ଏବଂ ମହାନ ରାଷ୍ଟ୍ରନୀତିଜ୍ଞ, ଦୂରଦର୍ଶୀ ଜନନେତା, ଦୁର୍ଦ୍ଧର୍ଷ ବୈମାନିକ ବିଜୁ ପଟ୍ଟନାୟକଙ୍କ ପ୍ରୟାସରେ ଆରମ୍ଭ ହୋଇଥିବା ୟୁନେସ୍କୋ 'କଳିଙ୍ଗ ପୁରସ୍କାର'କୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର ହୋଇଛି। ୧୯୫୨ ମସିହାରୁ ପ୍ରଦାନ କରାଯାଇଆସୁଥିବା ଏହି ସମ୍ମାନଜନକ ପୁରସ୍କାରକୁ ହଠାତ ଆର୍ଥିକ ଅନୁଦାନ ବନ୍ଦ କରିବା ନେଇ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। ଯାହାକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ୟୁନେସ୍କୋ 'କଳିଙ୍ଗ ପୁରସ୍କାର'କୁ ପୁଣି ଚାଲୁ କରିବାକୁ କେନ୍ଦ୍ର ବିଜ୍ଞାନ ଓ କାରୀଗର କୌଶଳ ମନ୍ତ୍ରୀ ଜିତେନ୍ଦ୍ର ପ୍ରସାଦଙ୍କୁ ଚିଠି ଲେଖିଛନ୍ତି ନବୀନ। ଓଡ଼ିଆ ଅସ୍ମିତାର ପ୍ରତୀକ ୟୁନେସ୍କୋ 'କଳିଙ୍ଗ ପୁରସ୍କାର'। 'କଳିଙ୍ଗ ପୁରସ୍କାର' କେବଳ ଏକ ଅନ୍ତର୍ଜାତୀୟ ପୁରସ୍କାର ନୁହେଁ, କଳିଙ୍ଗ ପୁରସ୍କାର ଓଡ଼ିଆ ଲୋକଙ୍କ ଭାବାବେଗ ସହ ଜଡ଼ିତ। ଏଣୁ ଏହି ପୁରସ୍କାର ପାଇଁ ଆର୍ଥିକ ଅନୁଦାନ ବନ୍ଦ କରିବାକୁ ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଯେଉଁ ନିଷ୍ପତ୍ତି ନେଇଛି, ତାହା ନକରି ପୁଣିଥରେ ଚାଲୁ କରିବାକୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ହସ୍ତକ୍ଷେପ ଲୋଡିଛନ୍ତି ନବୀନ। ନବୀନ ଚିଠିରେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ କଳିଙ୍ଗ ୟୁନେସ୍କୋ ପୁରସ୍କାରର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହାକୁ ଗୁରୁତର ସହ ନେଇ ଅନୁପାତରେ ପୁରସ୍କାର ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ପୁରସ୍କାର ରାଶି ବାବଦକୁ ପାଖାପାଖି ଏକ କୋଟି ଟଙ୍କା ଦିଆଯାଉଛି। ସେଥିରେ ୬ ଭାଗ କେନ୍ଦ୍ର ସରକାର ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ୪ ଓ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ୪ ଭାଗ ଦେଉଥିଲେ। କିନ୍ତୁ କେନ୍ଦ୍ର ସରକାର ଆଗକୁ ଆଉ ଆର୍ଥିକ ସହଯୋଗ କରିବେ ନାହିଁ ବୋଲି କହିବା ଖବର ମୋତେ ଗଭୀର ଆଘାତ ଦେଇଛି। ଏଣୁ ଓଡ଼ିଶାର ଗର୍ବ ଓ ସ୍ୱାଭିମାନ କଳିଙ୍ଗ ପୁରସ୍କାର ପାଇଁ ଆର୍ଥିକ ଅନୁଦାନ ବନ୍ଦ ନକରି ପୁରସ୍କାରକୁ ପୁଣି ଲାଗୁ କରିବାକୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ପ୍ରସାଦଙ୍କୁ ନବୀନ ଅନୁରୋଧ କରିଛନ୍ତି। ୧୯୫୨ ମସିହାରୁ ଆରମ୍ଭ ହୋଇଥିବା ଏହି ପୁରସ୍କାର ବର୍ତ୍ତମାନ ସୁଦ୍ଧା ୭୨ ଜଣ ବିଶିଷ୍ଟ ବୈଜ୍ଞାନିକ ଓ ୭ଜଣ ନୋବେଲ ପୁରସ୍କାର ବିଜେତାଙ୍କୁ ପ୍ରଦାନ କରାଯାଇଛି । ୟୁନେସ୍କୋର ବଦାନ୍ୟତା ଯୋଗୁ ଏହି ପୁରସ୍କାର ଅନ୍ତର୍ଜାତୀୟ ମାନ୍ୟତା ଲାଭ କରିଥିଲା । ୧୯୫୧ ମସିହାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏହି ପୁରସ୍କାର ବିଜ୍ଞାନ ଓ ଗବେଷଣାକୁ ଲୋକପ୍ରିୟ କରିବାକୁ ଆରମ୍ଭ କରିଥିଲେ। ଏଥିପାଇଁ ସେ ଆର୍ଥିକ ଅନୁଦାନର ଅବଦାନ ରଖିଥିଲେ। ଏହି ବାର୍ଷିକ ୟୁନେସ୍କୋ – କଳିଙ୍ଗ ପୁରସ୍କାର ପାଇଁ ଅର୍ଥରାଶି କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ, ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିଲା। ସାଧାରଣ ଜନତାଙ୍କ ପାଇଁ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନର ବ୍ୟାଖ୍ୟାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନଜନକ ଅନ୍ତର୍ଜାତୀୟ ପୁରସ୍କାର ପ୍ରତିବର୍ଷ ଜଣେ କିମ୍ବା ଏକାଧିକ ବୈଜ୍ଞାନିକଙ୍କୁ ପ୍ରଦାନ କରାଯାଇଥାଏ।

# କୁନି ପୁଅ ଆଗରେ ଚାଲିଗଲା ମା-ବାପାଙ୍କ ଜୀବନ

**ଉମରକୋଟ,୧୨।୮ ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟର କୁନ୍ଦେଇ ଥାନା ରାବଣାଗୁଡ଼ା ଛକ ନିକଟରେ ସୋମବାର ସକାଳେ ଏକ ବାଇକ୍ ଉପରେ ଟ୍ରକ୍ ମାଡ଼ି ଯିବାରୁ ମା-ବାପାଙ୍କ ଜୀବନ ଚାଲିଯାଇଥିବା ବେଳେ ୯ ବର୍ଷର ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୁଅ ସହ ଦମ୍ପତି ଶ୍ରାବଣ ସୋମବାରରେ ଶିବ ମନ୍ଦିରରେ ପାଣି ଢାଳି ଫେରିବା ବେଳେ ଏହି ଅଘଟଣ ଘଟିଛି।

# ଟେକ୍ନୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟରୁ ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍




**କୋଲକାତା,୧୨ ।୮ ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କୁ କୋଲକାତାର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ ଟେକ୍ନୋ ଇଣ୍ଡିଆ ୟୁନିଭରସିଟି (ଟିଆଇୟୁ) ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି । ସୋମବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମାବର୍ତ୍ତନ ଉତ୍ସବ ୨୦୨୪ରେ ଡ. ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡ଼କ୍ଟୋରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି । ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଡ. ସାମନ୍ତଙ୍କ ୬୯ତମ ସମ୍ମାନସୂଚକ ଡକ୍ଟୋରେଟ୍ ଡ଼ିଗ୍ରୀ । ଏହି ସମ୍ମାନ ନିମନ୍ତେ ଡ. ସାମନ୍ତ ଟେକ୍ନୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ପଶ୍ଚିମବଙ୍ଗବାସୀଙ୍କୁ ସେମାନଙ୍କର ସ୍ନେହ ଓ ଭଲପାଇବା ପାଇଁ କୃତଜ୍ଞତା ଜଣାଇଛନ୍ତି । ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଡ. ସାମନ୍ତଙ୍କୁ ସମ୍ମାନସୂଚକ ଡ଼କ୍ଟୋରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି ।

# ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ
## ୩ ମୃତ, ୧୦ ଆହତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ଘଟି ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୦ ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ସୋମବାର ପୁରୀରେ ପ୍ରବଳ ବର୍ଷା ଓ ଘଡଘଡି ସହ ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୭ଜଣ ଆହତ ହୋଇଛନ୍ତି। ପୁରୀରେ ସ୍ୱାଭାବିକ ଜୀବନ ଯାତ୍ରା ବିପର୍ଯ୍ୟସ୍ତ ହୋଇପଡିଥିବା ଲକ୍ଷ୍ୟ କରାଯାଇଛି। ସେହିପରି ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ରାଇପୀତାମ୍ବର ଗାଁରେ ବଜ୍ରାଘାତରେ ୨ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଗୁରୁତର ହୋଇଛନ୍ତି। ମୃତକମାନେ ହେଉଛନ୍ତି ରାଇପୀତାମ୍ବର ଗାଁର ବସନ୍ତ ଦାସ ଓ ନରେନ୍ଦ୍ର ବିଶ୍ୱାଳ। ମିଳିଥିବା ସୂଚନାଅନୁସାରେ ବିଲକୁ କାମ କରିବାକୁ ଯାଇଥିବା ବେଳେ ଏହି ଯୁବକ ଦ୍ୱୟ ବଜ୍ରାଘାତର ଶିକାର ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ବସନ୍ତ ଦାସ ଓ ନରେନ୍ଦ୍ର ବିଶ୍ୱାଳଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି।

# ଏବେବି ନିଖୋଜ ଡାକ୍ତର ସ୍ୱାଧୀନ ପଣ୍ଡା

**ଭୁବନେଶ୍ୱର, ୧୨/୮ ନ୍ୟୁଜ ବ୍ୟୁରୋ**

ୱାୟନାଡ଼ ଭୂସ୍ଖଳରେ ଏବେ ବି ନିଖୋଜ ଅଛନ୍ତି ଡାକ୍ତର ସ୍ୱାଧୀନ ପଣ୍ଡା । ଡିଏନ୍‌ଏ ଟେଷ୍ଟ ପାଇଁ ସ୍ୱାଧୀନଙ୍କ ବାପାମାଆଙ୍କ ରକ୍ତ ନମୂନା ଲୋଡ଼ିଛି ୱାୟନାଡ଼ ପୋଲିସ । ଡିଏନଏ ମ୍ୟାଚିଂ ଜରିଆରେ ଅଜଣା ମୃତଦେହକୁ ଚିହ୍ନଟ ପାଇଁ ଉଦ୍ୟମ କରାଯିବ । ପୂର୍ବରୁ ସ୍ୱାଧୀନଙ୍କ ବଡ଼ ଭଉଣୀ ଡିଏନ୍‌ଏ ଟେଷ୍ଟ ପାଇଁ ସାମ୍ପୁଲ ଦେଇଥିଲେ । ମାତ୍ର ଏଫଏସଏଲ ଯଥେଷ୍ଟ ନୁହେଁ ବୋଲି ୱାୟନାଡ଼ ପୋଲିସ ସୂଚନା ଦେଇଛି । କେରଳର ୱାୟନାଡ ଜିଲ୍ଲାରେ ଭୟଙ୍କର ଭୂସ୍ଖଳନରେ ୩ ଶହରୁ ଅଧିକ ଲୋକଙ୍କ ଜୀବନ ଯାଇଛି।


ଏବେ ବଜାରରେ ଉପଲବ୍ଧ...

'କଥାକଳିକା': ଅଗଷ୍ଟ ସଂଖ୍ୟା-୨୦୨୪




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ପେଟପାଟଣା-ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ସୁଖ ସହ ସାମ୍ନା ସାମ୍ନି-ସୁଷମା ପରିଜା, ମହିଷ ମର୍ଦ୍ଦିନୀ-ମନୋଜ କୁମାର ଜେନା, ରୂପାନ୍ତର-ସ୍ମୃତି ପଟ୍ଟନାୟକ, ତୁଳସୀ-ସତ୍ୟରଞ୍ଜନ ସାହୁ।
**ଅନ୍ୟ ଭାଷାର କଥା :** ଭୋଟର ସାବିତ୍ରୀ- ଅଶୋକ କୁମାର ସା
**ଯୁବ ମାନସର କଥା :** ଗୋଟିଏ ଦହିତ ଦୁର୍ଗର କାହାଣୀ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଚୋରଣୀ- ପଦ୍ମାଳୟା ପାଢୀ, କ'ଣ ଖୋଜୁଛ- ସବିତାରାଣୀ ବେହେରା, ମୃତ୍ୟୁ ସମ୍ବାଦ-ଆନନ୍ଦ କୁମାର ମାଇତି, ଗ୍ରହଣ-ସ୍ନିଗ୍ଧା ନାୟକ, ଭୁଲ କାହାର-ପ୍ରଜ୍ଞା ମହାନ୍ତି।
ଏବଂ ଶେଷରେ କଥା ସାଗର : ଅନନ୍ୟନାରୀ ଚିତ୍ରପଟ୍ଟ-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)


# ସିଲିଭର ସିଟିର ମାଳ ମାଳ ସମସ୍ୟା ନେଇ ଗମ୍ଭୀର ହେଲେ ହାଇକୋର୍ଟ



**କଟକ, ୧୨/୮ ନ୍ୟୁଜ ବ୍ୟୁରୋ**

ହଜାର ବର୍ଷର ଐତିହ୍ୟ ସହର କଟକର ବିଭିନ୍ନ ସମସ୍ୟା ପ୍ରସଙ୍ଗକୁ ଅତି ଗମ୍ଭୀରତାର ସହ ନେଇଛନ୍ତି ଓଡ଼ିଶା ହାଇକୋର୍ଟ । ବିଶେଷକରି ସହରର ବିଭିନ୍ନ ସ୍ଥାନରେ ଜବରଦଖଲ, ପରିମଳ, ପାର୍କିଂ, ଉଠା ବ୍ୟବସାୟୀଙ୍କ ଥଇଥାନ, ରାସ୍ତାରେ ବୁଲା ଜୀବଜନ୍ତୁଙ୍କ ସମସ୍ୟା ପ୍ରସଙ୍ଗରେ ତତ୍ପରତାର ସହ ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଅଦାଲତ । କିଛି ମାମଲାରେ ମହାନଗର ନିଗମକୁ ନିର୍ଦ୍ଦେଶ ଦେବା ସହ କିଛି ମାମଲାର କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ରିପୋର୍ଟ ତଲବ କରିଛନ୍ତି । ତୁରନ୍ତ ସହରରେ ଥିବା ଜବରଦଖଲକୁ ଉଚ୍ଛେଦ କରିବା ସହ ପୁନର୍ବାର ଯେପରି ଉକ୍ତ ସ୍ଥାନ ଜବରଦଖଲ ନହୁଏ, ସେଥିପ୍ରତି ପଦକ୍ଷେପ ନେବାକୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଯଦିଓ ଏହି ମାମଲା ହାଇକୋର୍ଟରେ ବାରମ୍ବାର ଶୁଣାଣି ହେଉଛି ତଥାପି ସହରର ପ୍ରତ୍ୟେକଟି ସମସ୍ୟା ଯେପରି ସମାଧାନ ହେବ ସେନେଇ ଅଦାଲତ ପଦକ୍ଷେପ ନେଉଛନ୍ତି । ସବୁଠାରୁ ବଡ଼ କଥା ହେଉଛି ସହରର ଯେଉଁ ସ୍ଥାନଗୁଡିକ ଜବରଦଖଲ ଅବସ୍ଥାରେ ରହିଛି, ତାହା ପ୍ରତି କଟକ ମହାନଗର ନିଗମ (ସିଏମସି) ଏବଂ ଜିଲ୍ଲା ପ୍ରଶାସନ କ'ଣ ସବୁ ପଦକ୍ଷେପ ନେଉଛନ୍ତି ଏହାର ପ୍ରତ୍ୟେକ ତଥ୍ୟ ରଖିଛନ୍ତି କୋର୍ଟ । ଏହି କ୍ରମରେ ଲିଙ୍କରୋଡ-ବାଦାମବାଡ଼ି ମଧ୍ୟରେ ୯୦ ପ୍ରତିଶତ ଜବରଦଖଲ ଉଚ୍ଛେଦ କରାଯାଇଥିବା ନେଇ 'ସିଏମସି' ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା । ଏନେଇ ମଧ୍ୟ ଗତ ଜୁଲାଇ ୨୫ ତାରିଖରେ ହାଇକୋର୍ଟରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ତେବେ ବହୁ ସ୍ଥାନରେ ରାସ୍ତାଘାଟ, ନାଳ ଉପର ଜବରଦଖଲରେ ରହିଥିବା ନେଇ ଆଡଭୋକେଟ କମିଟି ଅଭିଯୋଗ କରିବା ସହ ହାଇକୋର୍ଟଙ୍କୁ ରିପୋର୍ଟରେ ଦର୍ଶାଇଛି । ଆଡଭୋକେଟ କମିଟି ଗତ ଅଗଷ୍ଟ ୩ ତାରିଖରେ ଯେଉଁ ରିପୋର୍ଟ ଦାଖଲ କରିଥିଲେ, ସେଥିରେ ଦର୍ଶାଇଥିଲେ ଯେ, ବାଦାମବାଡ଼ି-ଶଙ୍କରପୁର ପୂଜା କମିଟି ପାଖ, ପାଲାମଣ୍ଡପ ତାରିଣୀ ମନ୍ଦିର, ଏଲଆଇସି କଲୋନୀକୁ ସଂଯୋଗ କରୁଥିବା ରାସ୍ତାକଡରେ ଥିବା ତ୍ରିନାଥ ମନ୍ଦିର ନିକଟରେ ଜବରଦଖଲ ରହିଛି । ସେହିପରି ବାଦାମବାଡ଼ି-ଲିଙ୍କରୋଡ୍ ରାସ୍ତାର 'ଏଚଡିଏଫସି ବ୍ୟାଙ୍କ' ନିକଟ ଡ୍ରେନ ଉପରେ ଅଳିଆ ଜମା ହୋଇ ରହିଛି । ବହୁ ଦିନ ହେବ ଏହି ଡ୍ରେନ୍ ଯେପରି ସଫେଇ ହୋଇନାହିଁ । ସିଏମସି ଡେପୁଟି କମିସନର ଭର୍ଚ୍ୟୁଆଲ ମାଧ୍ୟମରେ ଖଣ୍ଡପୀଠଙ୍କ ନିକଟରେ ହାଜର ହୋଇଥିଲେ ଏବଂ ଦର୍ଶାଇଥିଲେ ଯେ ତ୍ରିନାଥ ମନ୍ଦିର ନିକଟରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ରିପୋର୍ଟରେ ଥିବା ଅନ୍ୟ ସ୍ଥାନଗୁଡ଼ିକରୁ ଖୁବ୍‌ଶୀଘ୍ର ଜବରଦଖଲ ହଟାଯିବ । ଏହି ଡ୍ରେନ୍ ସଫେଇ ଓ ସ୍ଲାବ ପକାଇବା ପ୍ରସଙ୍ଗରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ସଂକ୍ରାନ୍ତରେ ଅବଗତ କରିବାକୁ ସିଏମସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ନୂଆବଜର- ଓଏମ୍‌ପି ରାସ୍ତାରେ ଉଚ୍ଛେଦ କରାଯାଇଥିବା ସ୍ଥାନରେ ପୁଣି ଯେପରି ଜବରଦଖଲ ଗଢି ନଉଠେ ତାହା ସୁନିଶ୍ଚିତ କରିବା ପାଇଁ ଚାଉଳିଆଗଞ୍ଜ ଥାନା ଆଇଆଇସିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜୁଲାଇ ୨୫ର ନିର୍ଦ୍ଦେଶ ପାଳନ କରି ଡିସିପିଙ୍କ ତରଫରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା ଯେ, ବାଦାମବାଡ଼ି ଥାନାର ଆଇଆଇସି ଜଣେ ଏଏସଆଇଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦେଇଛନ୍ତି । ଜବରଦଖଲ ମୁକ୍ତ ପ୍ରସଙ୍ଗ ଅନୁଧ୍ୟାନ କରିବା ଓ ପୁଣି ଯେପରି ଜବରଦଖଲ ଗଢି ନଉଠେ ତାହା ନୋଡାଲ ଅଫିସର ତଦାରଖ କରିବେ। ବାଦାମବାଡ଼ି-ଲିଙ୍କରୋଡ୍, ଦୋଳମୁଣ୍ଡାଇ-ଛତ୍ରବଜାର, ବାଦାମବାଡ଼ି-ଖାନନଗର ରାସ୍ତା ଉପରେ ନୋଡାଲ ଅଫିସର ନଜର ରଖିବେ ବୋଲି ସତ୍ୟପାଠରେ ଦର୍ଶାଯାଇଥିଲା । ଏହି ସତ୍ୟପାଠର କପି ହାଇକୋର୍ଟ ବାର୍ ଆସୋସିଏସନ ସଭାପତିଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହା ଉପରେ ପରବର୍ତ୍ତୀ ଶୁଣାଣି ସମୟରେ ବାର୍ ସଭାପତି ପକ୍ଷ ରଖିବେ ବୋଲି ହାଇକୋର୍ଟ କହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟଫାଟକ ଠାରୁ ଛତ୍ରବଜାର କଲଭର୍ଟ ପର୍ଯ୍ୟନ୍ତ ପିଲିଗ୍ରିମ୍ ରୋଡର ଡ୍ରେନ ଉପରେ ଥିବା ସମସ୍ତ ଜବରଦଖଲ ଉଚ୍ଛେଦ କରିବା ପାଇଁ ହାଇକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଡିସିପି ଆବଶ୍ୟକ ପୋଲିସ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବେ । ପରବର୍ତ୍ତୀ ଶୁଣାଣି ସମୟରେ ସିଏମସି ତରଫରୁ ଜବରଦଖଲ ଉଚ୍ଛେଦ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରାଯିବ। ସିଏମସି ପକ୍ଷରୁ ସତ୍ୟପାଠ ମାଧ୍ୟମରେ କଟକ ସହରରେ ରହିଥିବା ପାର୍କିଂ ସ୍ଥାନଗୁଡ଼ିକ ସଂକ୍ରାନ୍ତରେ ତଥ୍ୟ ଦାଖଲ କରାଯାଇଥିଲା । ଏଥିରେ ୨୦ଟି ପାର୍କିଂ ସ୍ଥାନ ଓ ତିନୋଟି ଟ୍ୟାକ୍ସି ଷ୍ଟାଣ୍ଡର ତାଲିକା ରହିଥିଲା । ସିଏମସି ଦ୍ୱାରା ଚିହ୍ନଟ କରାଯାଇଥିବା ପାର୍କିଂ ସ୍ଥାନକୁ କେତେକ ଅନୁଷ୍ଠାନ ବ୍ୟବହାର କରୁଥିବାରୁ ଜନସାଧାରଣ ଆଉ ସମ୍ପୃକ୍ତ ସ୍ଥାନରେ ଗାଡ଼ି ରଖି ପାରୁନାହାନ୍ତି ବୋଲି ହାଇକୋର୍ଟ ବାର୍ ସଭାପତି ବିଜୟ କୁମାର ଦାଶ ଦର୍ଶାଇଛନ୍ତି ।